RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-1 BHUBANESWAR WEDNESDAY 25 JUNE 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧ ଭୁବନେଶ୍ୱର ବୁଧବାର ୨୫ ଜୁନ୍ ୨୦୨୫ ପୃଷ୍ଠା-୧୨ ଟ.୬.୦୦




ଡକେଟ୍‌ଙ୍କ ଶତକ

ପୃଷ୍ଠା ୧୨ ଦେଖନ୍ତୁ...





## ହେଉନାହିଁ ପାଟ୍ରୋଲିଂ, ଲାଗିନାହିଁ ସିସିଟିଭି

# ରାଜ୍ୟର ବେଳାଭୂମି ଅସୁରକ୍ଷିତ

ଭୁବନେଶ୍ୱର,୨୪।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଗଭୀର ଆଘାତ ପହଞ୍ଚାଇଛି। ରାଜ୍ୟର ବେଳାଭୂମିକୁ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି ସମୟରେ ଆମେରିକା ପ୍ରଶାସନ ଓଡ଼ିଶାକୁ ପରୋକ୍ଷରେ ଦୁଷ୍କର୍ମ ପ୍ରବଣ ରାଜ୍ୟ ଭାବରେ ଉଲ୍ଲେଖ କରି ନିଜ ଦେଶର ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆସିବା ଉପରେ ଅଙ୍କୁଶ ଲଗାଇଛି । ଯାହା ଫଳରେ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିନ୍ଦିତ ହୋଇଛି । ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ବେଳାଭୂମିଗୁଡ଼ିକ ମହିଳାଙ୍କ ପାଇଁ ଅସୁରକ୍ଷିତ ସାବ୍ୟସ୍ତ ହୋଇଛି।

ଓଡ଼ିଶାରେ ଗୋପାଳପୁର, ଚାନ୍ଦିପୁର, ରାଜନଗର ପେଣ୍ଠ, ପାରାଦ୍ୱୀପ, ଶିଆଳି, ପୀର ଜାହାନିଆ, ପୁରୀ,କୋଣାର୍କ ଆଦି ପ୍ରମୁଖ ବେଳାଭୂମି ରହିଛି। ଏଠାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସିଥାଆନ୍ତି । ବେଳାଭୂମିର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସୁନେଲି ସୂର୍ଯ୍ୟୋଦୟରୁ ରକ୍ତିମ ସୂର୍ଯ୍ୟାସ୍ତ ଯାଏଁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହେ। ସମୁଦ୍ର ସ୍ନାନ ସାଙ୍ଗକୁ ବଣଭୋଜି ଆସର ଜମେ। ମାତ୍ର ଗୋପାଳପୁର,ଚାନ୍ଦିପୁର, ପେଣ୍ଠ, ଶିଆଳି, କୋଣାର୍କ ଏବଂ ପୀର ଜାହାନିଆ ଆଦିକୁ ସମ୍ପ୍ରତି ପର୍ଯ୍ୟଟକଙ୍କ ପାଇଁ ସମ୍ବେଦନଶୀଳ ମନେ କରାଯାଉଛି। ଏହି ବେଳାଭୂମିରେ ଆଲୋକ ବ୍ୟବସ୍ଥା ନାହିଁ ଓ ପୁଲିସ ପାଟ୍ରୋଲିଂ ମଧ୍ୟ କରାଯାଉ ନାହିଁ। ସଞ୍ଜ ନଇଁବା ସହ ଏହି ବେଳାଭୂମିଗୁଡ଼ିକ ଅପରାଧୀ ଓ ନିଶାଡ଼ିଙ୍କ



ଚରାଭୂଇଁ ପାଲଟିଛି । ଅନେକ ସମୟରେ ପର୍ଯ୍ୟଟକ, ସେମାନଙ୍କ ପରିବାର ଏହି ଅପରାଧୀଙ୍କ ଦ୍ୱାରା ଲୁଣ୍ଠନ ଓ ଅସଦାଚରଣର ଶିକାର ହେଉଛନ୍ତି। ଅନକେ ନିଜ ସମ୍ମାନ ଦୃଷ୍ଟିରୁ ତୁଣ୍ଡ ଖୋଲୁ ନାହାନ୍ତି। ପୂର୍ବରୁ ପେଣ୍ଠ ବେଳାଭୂମିରେ ଅସଦାଚରଣ, ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର ଭଳି ଘଟଣା ସାମ୍ନାକୁ ଆସିଛି।

ପାରାଦ୍ୱୀପ ଏବଂ ପୁରୀ ବେଳାଭୂମିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକ ରହୁଥିବା ଦୃଷ୍ଟିରୁ କିଛିଟା ସୁରକ୍ଷିତ ମନେ କରାଯାଉଛି। ମାତ୍ର ଅନ୍ୟ ବେଳାଭୂମିରେ ଆଲୋକର ଅଭାବ ଓ ପୁଲିସ ପାଟ୍ରୋଲିଂ ନ ଥିବାରୁ ସେଠାରେ ଏବେ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଅପରାଧ ତତ୍ତ୍ୱମାନେ ଏଠାରେ ଆତଙ୍କରାଜ ଚଳାଇଥିବା ଅଭିଯୋଗ ହୋଇଛି। ଗୋପଳପୁର ଘଟଣା ପରେ ରାତି ୮ଟା ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଉଥିଲେ ହେଁ ତାହା ପର୍ଯ୍ୟଟକମାନଙ୍କୁ ଆଶ୍ୱସ୍ତ କରିପାରି ନାହିଁ। ପୁରୀ ବେଳାଭୂମିରେ ୨୪ ଘଣ୍ଟା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ସେଠାରେ ପର୍ଯ୍ୟଟକଙ୍କ ପାଇଁ ସହାୟତା କେନ୍ଦ୍ର ନାହିଁ । ବାଲେଶ୍ୱର ଚାନ୍ଦିପୁର ବେଳାଭୂମିକୁ ସୁବର୍ଣ୍ଣ ବେଳାଭୂମି କୁହାଯାଇଥାଏ। ଯେଉଁଠି ସମୁଦ୍ର ଅନେକ ଦୂରକୁ ଘୁଞ୍ଚି ଯାଇଥାଏ। ପର୍ଯ୍ୟଟକ ମାନେ ବାଲିରେ ଚାଲିଚାଲି ପାଣି ପାଖକୁ ଯାଇ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ହେଲେ ଚାନ୍ଦିପୁର ବେଳାଭୂମିର ଲାଇଟ ଲାଗିଥିଲେ ମଧ୍ୟ ସବୁ ଖରାପ ହୋଇ ବନ୍ଦ ହୋଇଥିବାରୁ ବେଳାଭୂମି ଅନ୍ଧକାରମୟ ହୋଇଛି। ବ୍ୟବସାୟୀମାନଙ୍କୁ ରାତ୍ର ୧୦ଟା ସୁଦ୍ଧା ବନ୍ଦ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ୧୦ଟା ପରେ ସମୁଦ୍ର ବେଳାଭୂମି ସଂପୂର୍ଣ୍ଣ ଅନ୍ଧାର ଏବଂ ନିଛାଟିଆ ହୋଇଯାଉଛି। ବଡ଼ କଥା ହେଲା ଏହି ସବୁ ବେଳେଭୂମି ନିକଟରେ କୌଣସି ସିସିଟିଭି ଲାଗିନାହିଁ। ଯାହାର ଫାଇଦା ନେଉଛନ୍ତି ଅପରାଧୀ।

ଜଣେ ପୁଲିସ କର୍ମଚାରୀ କହିଛନ୍ତି ଯେ ବାଲିରେ ପାଟ୍ରୋଲିଂ କରିବା ପାଇଁ ସ୍ୱତନ୍ତ୍ର ଗାଡିର ଅଭାବ ରହିଛି। ତେଣୁ ବେଳାଭୂମି ପାଟ୍ରୋଲିଂ କରିବାକୁ ଏହି ଗାଡି ଯୋଗାଇ ଦେବା ସହ କର୍ମଚାରୀ ସଂଖ୍ୟା ବୃଦ୍ଧିର ଆବଶ୍ୟକତା ରହିଛି। ଆଗରୁ ଚାଲି ଚାଲି ପାଟ୍ରୋଲିଂ କରାଯାଉଥିଲା ଏବେ ଗାଡିରେ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ କର୍ମଚାରୀ ଜଣଙ୍କ କହିଛନ୍ତି।

# ଚାକିରି ପାଇଁ ୪୨, ପଢ଼ିବା ପାଇଁ ୩୦

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟରେ ବିଭିନ୍ନ ଚାକିରି ପାଇଁ ଆବେଦନ ବୟସ ସୀମା ବଢ଼ାଯାଇଛି। ଶାରୀରିକ ଦକ୍ଷତା ପରୀକ୍ଷା ରହୁଥିବା ପଦ ବ୍ୟତୀତ ଅନ୍ୟ ପଦ ପାଇଁ ବୟସ ସୀମା ୩୨ରୁ ୪୨ ବର୍ଷ ହଇଛି। ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୪୨ ବର୍ଷ ଓ ଅନ୍ୟବର୍ଗର ପ୍ରାର୍ଥୀମାନଙ୍କ ବୟସ ଏହା ଉପରେ ଅଧିକ କୋହଳ କରାଯାଇଛି। ଏକ ପକ୍ଷରେ ଚାକିରି ବୟସ ୪୨ ବର୍ଷ କରାଯାଇଥିବାବେଳେ ସିଟି ବା ଡିଇଏଲ୍‌ଇଡି ପଢ଼ିବା ପାଇଁ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ସର୍ବୋଚ୍ଚ ବୟସ ୩୦ ବର୍ଷ ରଖାଯାଇଛି। ସେହିପରି ଅନୁସୂଚୀତ ଜାତି, ଜନଜାତି ଓ ସାମାଜିକ ଆର୍ଥୀକ ପଛୁଆ ବର୍ଗ (ଏସ୍‌ଇବିସି) ବର୍ଗ ପ୍ରାର୍ଥୀଙ୍କ ପାଇଁ ୩୫ ଓ ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ୪୦ ବର୍ଷ ରହିଛି। ଯଦି ୪୨ ବର୍ଷ ପର୍ଯ୍ୟନ୍ତ ଜଣେ ନିଯୁକ୍ତି ପରୀକ୍ଷା ଦେଇ ପାରିବ, ତାହେଲେ ଅଧିକ ବୟସ ପର୍ଯ୍ୟନ୍ତ ଜଣେ କାହିଁକି ପାଠ ପଢ଼ି ପାରିବ ନାହିଁ ବୋଲି ପ୍ରଶ୍ନ ଉଠିଛି। ଚଳିତ ଶିକ୍ଷାବର୍ଷ ସିଟି ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରପାରିବେ। ହେଲେ ଆବେଦନ ପୂର୍ବରୁ ପ୍ରକାଶିତ ସୂଚନା ପୁସ୍ତିକାରେ ଆବେଦନକାରୀଙ୍କ ବୟସସୀମା ନିର୍ଦ୍ଧାରଣ କରାଯାଇଛି।

- ଆଶାୟୀଙ୍କ ପ୍ରଶ୍ନ: କାହା ସ୍ୱାର୍ଥ ସାଧନ ନିମନ୍ତେ ନିଯୁକ୍ତି ବୟସ ବୃଦ୍ଧି ଘୋଷଣା
- ସିଟି ବୟସ ସୀମା କୋହଳ କରିବାକୁ ଦାବି

ଫଳରେ ବୟସ ଅତିକ୍ରମ କରିଥିବା ବହୁ ଆଶାୟୀ ଆବେଦନରୁ ବଞ୍ଚିତ ହୋଇଛନ୍ତି। ନିଯୁକ୍ତି ପାଇଁ ବୟସ ବଢ଼ାଯାଇଥିବାବେଳେ ପାଠ ପଢ଼ିବାକୁ କାହିଁକି ଅଙ୍କୁଶ ଲଗାଯାଇଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ସିଟି ପାଠ୍ୟକ୍ରମ ମାତ୍ର ୨ ବର୍ଷ। ଜଣେ ପ୍ରାର୍ଥୀ ୪୦ ବର୍ଷରେ ସିଟି ପାସ୍ କଲେ ମଧ୍ୟ ୪୨ ବର୍ଷ ମଧ୍ୟରେ ନିଯୁକ୍ତି ପାଇବାର ସମ୍ଭାବନା ରହିଛି। ପୁଲିସ୍, ଅାଗ୍ନିକ, ଫରେଷ୍ଟର, ଫରେଷ୍ଟଗାର୍ଡ ପରି ଶାରୀରିକ ପରୀକ୍ଷା ଥିବା ଚାକିରିରେ ବୟସ ବୃଦ୍ଧି ହେବନାହିଁ। ୩୨ ବର୍ଷ ସେମାନଙ୍କ ପାଇଁ ଶେଷସୀମା। ଶିକ୍ଷକତା ପରି ଶାରୀରିକ ପରୀକ୍ଷା ନ ଥିବା ଚାକିରି ପାଇଁ ଯଦି ସେମାନଙ୍କୁ ସୁଯୋଗ ଦିଆ ନ ଯିବ, ତାହେଲେ ବର୍ଦ୍ଧିତ ବୟସ ସୀମା କାହା ପାଇଁ ରଖାଯାଇଛି ବୋଲି ଆଶାୟୀ ପ୍ରଶ୍ନ କରିଛନ୍ତି।

## ସରକାରଙ୍କ ଉପରେ ବର୍ଷିଲା ଏଆଇସିସି ତଥ୍ୟ ଅନୁଧ୍ୟାନ କମିଟି

# ଓଡ଼ିଶାରେ ଅରାଜକତା; ବଳାତ୍କାରୀ ଓ ଭ୍ରଷ୍ଟାଚାରୀଙ୍କ ସରକାର

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟ ସରକାରଙ୍କ ଉପରେ ପ୍ରଚଣ୍ଡ ଭାବରେ ବର୍ଷିଛି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଘଟିଥିବା ଗଣଦୁଷ୍କର୍ମ ସମ୍ପର୍କରେ ଏଆଇସିସି ତଥ୍ୟ ଅନୁସନ୍ଧାନକାରୀ କମିଟି । ଏଆଇସିସିର ୫ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି (ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍) ୩ ଦିନ ଧରି ଗୋପାଳପୁର, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାରେ ଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱ, ପୁଲିସ ଓ

- ‘ବୟଫ୍ରେଣ୍ଡ-ଗାର୍ଲଫ୍ରେଣ୍ଡ’ କହି ଖସିବାକୁ ସରକାରଙ୍କ ଉଦ୍ୟମ
- ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ଓଡ଼ିଶାରୁ ସଂଗ୍ରହ ହୋଇଥିବା ତଥ୍ୟ

ଜିଲ୍ଲା ପ୍ରଶାସନ ଆଦିଙ୍କୁ ଭେଟି ଘଟଣାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ମଙ୍ଗଳବାର କଂଗ୍ରେସ ଭବରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଏବେ ଅରାଜକତା ସୃଷ୍ଟି ହୋଇଛି ଏବଂ ବଳାତ୍କାରୀ ଓ ଭ୍ରଷ୍ଟାଚାରୀମାନଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରିନାହାନ୍ତି ବୋଲି କମିଟିର ସଦସ୍ୟାମାନେ ଅଭିଯୋଗ କରିଛନ୍ତି।

ଜାତୀୟ ମହିଳା କମିସନର ପୂର୍ବତନ ଅଧକ୍ଷା ଓ ତଥ୍ୟ ଅନୁସନ୍ଧାନ କମିଟିର ଅଧକ୍ଷା ଦୀପା ଦାସମୁନ୍‌ସୀ କହିଛନ୍ତି ଯେ ରାଜ୍ୟରେ ନିଖୋଜ, ଅପହରଣ ଓ ଦୁଷ୍କର୍ମ



ଏବେ ନିତିଦିନିଆ ଘଟଣା ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ଆମେ ସମୟ ମାଗିଥିଲୁ, ମାତ୍ର ସେ ସମୟ ଦେଲେ ନାହିଁ। ରାଜ୍ୟରୁ ସଂଗ୍ରହ ହୋଇଥିବା ହୃଦୟବିଦାରକ ଘଟଣାଗୁଡ଼ିକର ବିବରଣୀ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ପ୍ରଦାନ କରାଯିବ ଏବଂ ରାଜ୍ୟସଭା ଓ ଲୋକସଭାରେ ଏହି ପ୍ରସଙ୍ଗକୁ କଂଗ୍ରେସ ଜୋରଦାର କରିବ । ଏହାସହିତ ଓଡ଼ିଶାରୁ ରାଷ୍ଟ୍ରପତି ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରି ଓଡ଼ିଶାରେ ଘଟୁଥିବା ଏହି ଘଟଣା ସମ୍ପର୍କରେ ଅବଗତ କରାଯିବ । ଗୋଟିଏ ଅଞ୍ଜନା ମାମଲା ରାଜ୍ୟ କଂଗ୍ରେସକୁ ଗାଦିଚ୍ୟୁତ କରିଥିଲା, ମାତ୍ର ସମ୍ପ୍ରତି ରାଜ୍ୟରେ ଶହଶହ ଅଞ୍ଜନା ମାମଲା ଘଟୁଛି। ଏହି ଘଟଣା ରାଜ୍ୟ ସରକାରଙ୍କ ପତନର କାରଣ ହେବ ବୋଲି ସେ କହିଛନ୍ତି।

କମିଟି ସଦସ୍ୟା ତଥା ସାଂସଦ ରଞ୍ଜିତ୍ ରଞ୍ଜନ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ମଦ ମାଫିଆ ଓ ଶାସକ-ପ୍ରଶାସକଙ୍କ ଅସାଧୁ ମେଣ୍ଟ ହୋଇଛି। ଯେଉଁଥିପାଇଁ ଆସାମୀମାନେ ଦୁଷ୍କର୍ମ ଏପରିକି ଗଣଦୁଷ୍କର୍ମ ଓ ହତ୍ୟା ପରେ ବି ଅବାଧରେ ବିଚରଣ କରୁଛନ୍ତି। ପ୍ରଶାସନର “ବୟଫ୍ରେଣ୍ଡ-ଗାର୍ଲଫ୍ରେଣ୍ଡ କଥା’ କହି ଘଟଣାକୁ ହାଲୁକା ଭାବେ ନେଉଛି ବୋଲି କହିଛନ୍ତି। ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା କହିଛନ୍ତି ଯେ ଓଡ଼ିଶାରେ ପ୍ରତି ୫ କିଲୋମିଟରରେ ଜଣେ ଶିଶୁ ନିର୍ଯାତନାର ଶିକାର ହେଉଛି, ପ୍ରତି ୧୦ କିଲୋମିଟରରେ ଜଣେ ଶିଶୁ ନିଖୋଜ ହେଉଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ମଧ୍ୟ ଦୁଷ୍କର୍ମକାରୀ ନିର୍ଭୟରେ ବୁଲିବା ଦ୍ୱାରା ଅପରାଧକୁ ପ୍ରୋତ୍ସାହନ ଦିଆଯାଉଥିବା ସ୍ପଷ୍ଟ। ଗଞ୍ଜାମରେ ବଳାତ୍କାରୀ ମୁଖ୍ୟମନ୍ତ୍ରୀଙ୍କ ସହ ବୁଲୁଛି। ଏ କଥା କଥା ଆମେରିକା ଜାଣିଲାଣି, ଅଥଚ ମୁଖ୍ୟମନ୍ତ୍ରୀଙ୍କ କାନରେ ପଡୁନି! ଓଡ଼ିଶା ପରି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟରେ ଏବେ ଅରାଜକତା, ଭ୍ରଷ୍ଟାଚାର ଓ “ବଳାତ୍କାର’ ଛଡ଼ା ଆଉ କିଛି ଶବ୍ଦ ଶୁଭୁନାହିଁ ବୋଲି ଲୋକସଭା ସାଂସଦ ପ୍ରଣିତୀ ସିନ୍ଦେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ନାରୀ ହିଂସା ବଢୁଛି। ବର୍ଷେ ହେଲାଣି, ମହିଳା କମିଶନ ଗଢ଼ା ହେଉନି। ମହିଳାଟେ ଦୁଃଖ କହିବ ତ, କେଉଁଠି କହିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧରାକୋଟ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୨୪।୬(ସମିସ): ଗଞ୍ଜାମର ଧରାକୋଟ୍ ଠାରେ ଦୁଇ ଦଳିତ ଯୁବକଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଘଟଣାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର ପ୍ରିୟଙ୍କା ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଏହି ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି। ପ୍ରିୟଙ୍କା ଉଲ୍ଲେଖ କରିଛନ୍ତି ଯେ ଦୁଇ ଦଳିତ ଯୁବକଙ୍କୁ ଘାସ ଖାଇବାକୁ ଏବଂ ଆଣ୍ଠୁରେ ଚାଲିବାକୁ ବାଧ କରାଯାଇଛି। ମଣିଷ ପ୍ରତି ଏପରି ନିଷ୍ଠୁରତା ସମଗ୍ର ମାନବଜାତିକୁ ଲଜ୍ଜିତ କରିଛି। ଏହି ଘଟଣା କେବଳ ଦଳିତ ସମ୍ପ୍ରଦାୟର ଅପମାନ ନୁହେଁ, ବର୍ଂ ବାବା ସାହେବଙ୍କ ସମ୍ବିଧାନ ଏବଂ ସମାନତା, ନ୍ୟାୟ ଏବଂ ମାନବିକତା ମୂଲ୍ୟବୋଧର ମଧ୍ୟ ଅପମାନ। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ବୃଦ୍ଧି ପାଉଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ଗାନ୍ଧୀ ଦାବି କରିଛନ୍ତି। ଏହାପୂର୍ବରୁ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଘଟଣାର କଡ଼ା ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

## ଓଟିପି ସେୟାରିଂ ମାମଲା

# ଗିରଫ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୨୪।୬(ସମିସ): ଓଟିପି ସେୟାରିଂ ମାମଲାରେ ପଠାଣିସାମନ୍ତ ସମେତ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ ବା ଏସ୍‌ଟିଏଫ୍। ୪ଶହ ପୃଷ୍ଠାର ଚାର୍ଜସିଟ୍ ତଦନ୍ତ ଅଧିକାରୀ ଏଡିଜେ-୩ କୋର୍ଟରେ ଦାଖଲ କରିଛନ୍ତି। ଗିରଫ ହୋଇଥିବା ୬ ଅଭିଯୁକ୍ତ ଏବଂ ପାକିସ୍ତାନ ଏଜେଣ୍ଟଙ୍କ ୩୦ଟି ଆକାଉଣ୍ଟକୁ ଏସ୍‌ଟିଏଫ ଫ୍ରିଜ୍ କରିଛି। ଏହି ଆକାଉଣ୍ଟରେ ୭୦ଲକ୍ଷ ଟଙ୍କା ରହିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ଏସ୍‌ଟିଏଫ୍। ଅଭିଯୁକ୍ତ ଗୁଡୁ କୁମାର ଏବଂ ପଠାଣିସାମନ୍ତ ମିଶି ଏକ ସ୍ଲିପରସେଲ୍ ଗଠନ କରିଥିଲେ। ଯେଉଁଥିଲେ ସୋସିଆଲ ମିଡିଆ ମାଧ୍ୟମରେ ଏକାଧିକ ଯୁବକ ଏହି ଆତଙ୍କବାଦୀ ଏଜେଣ୍ଟମାନଙ୍କୁ ସାମିଲ କରାଯାଇଥିଲା। କେହି କାହାକୁ ଦେଖିନଥିବା ବେଳେ ସୋସିଆଲ ମିଡିଆ ଏବଂ ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ କଥା ହେଉଥିଲେ। ଏହି ଆପ୍‌କୁ ଅଭିଜିତ୍ ସଞ୍ଜୟ ପ୍ରସ୍ତୁତ କରିଥିଲା। ଏହି ଆପ୍ ମାଧ୍ୟମରେ

- ୩୦ଟି ଆକାଉଣ୍ଟ ଫ୍ରିଜ୍ କରିଛି ଏସ୍‌ଟିଏଫ୍
- ସୋସିଆଲ ମିଡିଆରୁ ସ୍ଲିପଲ ସେଲ୍ ଗଠନ କରିଥିଲେ

ଭାରତରେ ଥିବା ପାକିସ୍ତାନ ଏଜେଣ୍ଟଙ୍କ ସହ କଥା ହୋଉଥିଲେ। ପ୍ରତିଦିନ ଯାହା କାମ ଦିଆଯାଉଥିଲା ସେମାନେ ତାହାକରି ଏହି ଆପ୍ ମାଧ୍ୟମରେ ଭିଡିଓ ଏବଂ ଫଟୋ ପାକିସ୍ତାନ ପଠାଉଥିଲେ। ସେମାନଙ୍କୁ ମାସ ଶେଷକୁ ଅଭିଜିତ୍ ସଞ୍ଜୟ ଦରମା ଆକାରରେ ୫୦ ହଜାର ଟଙ୍କା ପଠାଉଥିଲା। ଏସ୍‌ଟିଏଫ ତଦନ୍ତ ବେଳେ ଏହି ଆପ୍ ସମ୍ପର୍କରେ ଜଣାପଡ଼ିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ଅଭିଯୁକ୍ତଙ୍କ ଠାରୁ ଜବତ ମୋବାଇଲ୍ ଫୋନ୍‌ର ଫୋରେନ୍‌ସିକ୍ ଯାଞ୍ଚ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଏହି ରିପୋର୍ଟରେ ୬ ଅଭିଯୁକ୍ତ ଏକ ଆପ୍ ମାଧ୍ୟମରେ କଥା ହେବା ସହ ସେଥିରେ ଏକାଧିକ ଭିଡିଓ ଏବଂ ଫଟୋ ପଠାଇଛନ୍ତି। ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନର ଫଟୋ ଏବଂ ଭିଡିଓ ପାକିସ୍ତାନକୁ ପଠାଇଛନ୍ତି। ତିନି ଅଭିଯୁକ୍ତ ଦୁବାଇ ଯାଇ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଯୋଜନା କରୁଥିଲେ। ଅଭିଯୁକ୍ତ ଗୁଡୁ କୁମାର, ପଠାଣି ସାମନ୍ତ ଏବଂ ଅଭିଜିତ୍ ସଞ୍ଜୟ ଯାଇଥିବାର ବିମାନଯାତ୍ରାର ତଥ୍ୟ କୋର୍ଟରେ ଦାଖଲ ହୋଇଛି। ସେମାନେ ୧୦ରୁ ଅଧିକ ଥର ଦୁବାଇ ଯାଇଥିବା ଉଲ୍ଲେଖ ରହିଛି।

# ନିବେଶ ନାଁରେ ୭କୋଟି ଠକେଇ

କଟକ, ୨୪।୬(ସମିସ): ଦୁଇଟି ପୃଥକ୍ ଘଟଣାରେ ଅନଲାଇନ୍ ନିବେଶ ନାଁରେ ଲୋଭ ଦେଖାଇ ଠକିଥିବା ମୋଟ ୩ ସାଇବର୍ ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଏମବିଏ ଡିଗ୍ରୀଧାରୀ ରହିଥିବା ଜଣାପଡ଼ିଛି। ଆଇପିଓ ଓ ଓଟିସି ଟ୍ରେଡିଂରେ ଟଙ୍କା ନିବେଶ କରି ଅଧିକ ଅର୍ଥ ପାଇବାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧କୋଟି ୩ଲକ୍ଷ ୫୦ ହଜାର ଟଙ୍କା ଠକିନେବା ଅଭିଯୋଗରେ ଜଣେ ସାଇବର ଠକକୁ

- ୩ଜଣ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ
- ଠକଙ୍କ ମଧ୍ୟରେ ଏମ୍‌ବିଏ ଡିଗ୍ରୀଧାରୀ

ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେ ହେଲା, ବେଙ୍ଗାଲୁରୁ ବିସିସି ଲେଆଉଟ୍ ନିବାସୀ ତଥା ଡିସିଏକ୍ସ ଟେକ୍ନୋଲୋଜିର ଫାଇନାନ୍ସ ମ୍ୟାନେଜର ଗଣେଶ କେ.ସେଟ୍ଟୀ(୪୮)। ଅଭିଯୁକ୍ତକୁ କଟକ ଜେଏମଏଫସି ଅଦାଲତରେ ହାଜର କରାଯାଇଛି। ସେହିଭଳି ଆଉ ଜଣେ ବ୍ୟକ୍ତିଙ୍କଠାରୁ ୬କୋଟି ୪ଲକ୍ଷ୫୩ହଜାର ଟଙ୍କା ଠକେଇ ଘଟଣାରେ ମହାରାଷ୍ଟ୍ର ଓ ପୁଣେରୁ ଦୁଇ ଠକ ଗିରଫ ହୋଇଛନ୍ତି। ସେମାନେ ହେଲେ, ଏମ୍‌ବିଏ ଡିଗ୍ରୀ ଧାରୀ ସ୍ୱପ୍ନିଲ ଗୋରଖା ଢୋକାଲେ ଓ ସ୍ନାତକ ଡିଗ୍ରୀଧାରୀ ଆଜାଜ ସାଫିକ। ତଦନ୍ତକାରୀ ଟିମ୍ ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି।

## ବିପର୍ଯ୍ୟୟରେ ‘ଶୂନ୍ୟ ମୃତ୍ୟୁ’ ପ୍ରହସନ

# ବନ୍ୟା ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

ଭୋଗରାଇ/କମର୍ଦ୍ଦା, ୨୪।୬ (ସମିସ): ସୁବର୍ଣ୍ଣରେଖା ନଦୀ ବନ୍ୟାରେ ପୁଣି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗବଗାଁ ଗ୍ରାମର ଜଣେ ନାବାଳକ ବନ୍ୟାପାଣିରେ ବୁଡ଼ି ଆଜି ପ୍ରାଣ ହରାଇଛି। ସେ ହେଲା, ଦେବବ୍ରତ ଦେଙ୍କ ପୁଅ ରୁଦ୍ର ନାରାୟଣ ଦେ (୧୩)। ସୂଚନାନୁଯାୟୀ, ବନ୍ୟା ଆସିଲେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥାଏ। ନଦୀରେ ଜଳସ୍ତର ହ୍ରାସ ପାଇଲେ ମଧ୍ୟ ଏହି ଗାଁରୁ ପାଣି ଛାଡ଼ିବାକୁ ୧୦/୧୫ଦିନ ଲାଗିଥାଏ। ରୁଦ୍ର ଆଜି ଘରୁ ବାହାରି ରାସ୍ତାକୁ ଆସୁଥିବା ବେଳେ ତା’ର ଗୋଡ଼ ଖସି ଯାଇଥିଲା। ତଳେ ଖାଲୁଆ ସ୍ଥାନରେ ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲା। କିଛି ସମୟ ପରେ ପିଲାଟିକୁ ଖୋଜାଖୋଜି କରି ସ୍ଥାନୀୟ ଲୋକେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନି ଦିନ ତଳେ ଏହି ବ୍ଲକର କୁହ୍ଲା ଗ୍ରାମରେ ଜଣେ ଯୁବକ ବନ୍ୟାପାଣିରେ ଭାସି ପ୍ରାଣ ହରାଇଥିଲେ। ଚଳିତବର୍ଷ ପ୍ରଥମ ବନ୍ୟାରେ ଜିଲ୍ଲାରେ ଦୁଇ ଦୁଇଟି ଜୀବନ ଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


# ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଲାଙ୍ଗିର, ୨୪।୬(ସମିସ): ବଲାଙ୍ଗିର ମାଲଗୋଦାମପଡ଼ା ବସ୍ତିରେ ସାପ କାମୁଡ଼ାରେ ଭାଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଅବଦୁଲ ରହେମାନଙ୍କ ଝିଅ ମେହେକ (୪) ଓ ପୁଅ ଦୁଃଖୀଶ୍ୟାମ (୫)। ସୂଚନାନୁଯାୟୀ, ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ୧୧ଟା ବେଳେ ମେହେକ କାନ୍ଦିଥିଲା। ଏହାର କିଛି ସମୟ ପରେ ପୁଅ ଦୁଃଖୀଶ୍ୟାମ ଚିତ୍କାର କରିବା ସହ ତାକୁ ସାପ କାମୁଡ଼ି ଦେଇଥିବା କହିଥିଲା। ପରିବାରଲୋକ ଦୁହିଁଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଦୁହିଁଙ୍କୁ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳେ ଦୁହିଁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ନିୟନ୍ତ୍ରଣ ବାହାରେ ଗଣଦୁଷ୍କର୍ମ, ହଇଜା

# ମୋହନ ସରକାରର ଇସ୍ତଫା ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୨୪।୬ (ସମିସ): ଦିନକୁ ଦିନ ରାଜ୍ୟରେ ଗଣଦୁଷ୍କର୍ମ, ରାହାଜାନି, ଲୁଟ୍ ଭଳି ଅପରାଧ ଉପରମୁହାଁ ହେଉଥିବା ବେଳେ ମନୁଷ୍ୟକୃତ ହଇଜା ସୀମା ଲଂଘୁଛି। ତେଣୁ, ଏସବୁକୁ ନିୟନ୍ତ୍ରଣ କରିବାରେ ବିଫଳ ମୋହନ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବିରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶହଶହ ସିପିଆଇ କର୍ମୀମାନେ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଏକ ବିଶାଳ



ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସିପିଆଇ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା, ଗଣଦୁଷ୍କର୍ମ, ହତ୍ୟା, ରାହାଜାନି ବଢ଼ିବଢ଼ି ଚାଲିଥିବା ବେଳେ ସରକାର ପୂରା ନିରବଦ୍ରଷ୍ଟା ପାଲଟିଛନ୍ତି। ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ପରେ ମୃତଦେହକୁ ଗଛରେ ଟାଙ୍ଗି ଦିଆଯିବା ଭଳି ଜଘନ୍ୟ ଅପରାଧ ଘଟିଛି। ଖାଲି ଏହି ଦୁଇଟି ଜାଗା ନୁହେଁ, ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ପୁରୀ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଜଗତ୍‌ସିଂହପୁର ଭଳି ପ୍ରାୟ ସବୁ ଜିଲ୍ଲାରୁ ଏଭଳି ସାଂଘାତିକ ଅପରାଧର ଚିତ୍ର ଆସୁଛି। ଅଧିକାଂଶ ଜିଲ୍ଲାରେ ଶାସକ ଦଳର ବାହୁଛାୟା ତଳେ ରହି ଅପରାଧୀମାନେ ନାରକୀୟ କାଣ୍ଡ କରୁଛନ୍ତି। ଓଡ଼ିଶାର ଏପରି ସ୍ଥିତି ଯୋଗୁଁ ଯୁକ୍ତରାଷ୍ଟ୍ର ଆମେରିକା ଓଡ଼ିଶାକୁ ଅସୁରକ୍ଷିତ ବୋଲି ନିର୍ଦ୍ଦେଶାବଳୀ ଜାରି କରିବା ସହ ନିଜ ନାଗରିକଙ୍କୁ ନଯିବା ପାଇଁ ମନା କରିଛି। ସେହିପରି ଯାଜପୁରରୁ ଆରମ୍ଭ ହୋଇଥିବା ହଇଜା ଏବେ ମହାମାରୀର ରୂପ ନେଇ ଜିଲ୍ଲାକୁ ଜିଲ୍ଲା ଡେଉଁଛି। ପ୍ରତିଦିନ ଶତାଧିକ ଆକ୍ରାନ୍ତ ହେଉଥିବା ବେଳେ କାହାର ନା କାହାର ମୁଣ୍ଡ ଗଡୁଛି। କିନ୍ତୁ ଏସବୁ ପ୍ରତି ଧ୍ୟାନ ନ ଦେଇ ସରକାର ବର୍ଷପୂର୍ତ୍ତି ପାଳନ ଉତ୍ସବରେ ବ୍ୟସ୍ତ। ଏଣୁ, ବିଜେପି ସରକାର ଇସ୍ତଫା ଦିଅନ୍ତୁ ବୋଲି ଦୁଇ ସଂଗଠନ ଦାବି କରିଛନ୍ତି। ଏହି ବିକ୍ଷୋଭରେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ଭୁବନେଶ୍ୱର ଅଞ୍ଚଳ ସହସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ପୂଜା ସରେନ୍ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଗୁଟ୍‌ଖା ମାରିଦେଲା ପାନ ବେଉସା

# ଆୟକୁ ବଳି ଗଲାଣି ବ୍ୟୟ, ଦୁର୍ଦ୍ଦିନରେ ଚାଷୀ

ଭୁବନେଶ୍ୱର, ୨୪।୬(ସମିସ): ରାଜ୍ୟର ଲକ୍ଷାଧିକ ସଂଖ୍ୟାରେ ପାନ ଚାଷୀ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପାନ ବରଜ ପାଇଁ ଯେତିକି ମୂଳ ଧନ ଖର୍ଚ୍ଚ କରୁଛନ୍ତି, ସେତିକି ବି ଆଦାୟ କରିପାରୁନାହାନ୍ତି। ଫଳରେ ବାପା, ଅଜା ଅମଳରୁ ପାନ ଚାଷ କରି ଗୁଜୁରାଣ ମେଣ୍ଟାଇ ଆସୁଥିବା ହଜାର ହଜାର ଚାଷୀ ଏବେ ବୃତ୍ତି ବଦଳାଇବାକୁ ବାଧ ହେଉଛନ୍ତି। ଯେତିକି ବି ଚାଷୀ ଚାଷ କରୁଛନ୍ତି, ଅଧିକାଂଶ କ୍ଷତି ସହୁଛନ୍ତି। ଗୁଟ୍‌ଖାର ବହୁଳ ପ୍ରଚାର ଓ ବିକ୍ରି ଭିତରେ ପାରମ୍ପରିକ ପାନକୁ ଲୋକେ ଆଉ ପସନ୍ଦ କରୁନାହାନ୍ତି। ପୂର୍ବରୁ

- ଧାର୍ଯ୍ୟ ହେଉନାହିଁ ସର୍ବନିମ୍ନ ସହାୟକ ମୂଲ୍ୟ
- କରୋନା ପରଠୁ ବିଦେଶକୁ ରପ୍ତାନୀ ବନ୍ଦ

ରାଜ୍ୟ ତଥା ଦେଶ ବାହାରକୁ ଓଡ଼ିଶା ପାନ ରପ୍ତାନୀ ହେଉଥିଲା। ମାତ୍ର କରୋନା ପରଠୁ ଏହି ରପ୍ତାନୀ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ଏବେ ଯେତିକ ଚାଷ ହେଉଛି, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରିବଟା ହେଉଛି। ଏଥିରେ ଚାଷୀ ଯେତିକି ଟଙ୍କା ପାଉଛି, ତା’ ତୁଳନାରେ ମଧ୍ୟସ୍ଥି ଅଧିକ ଲାଭ ରଖି ଦେଉଛି। ତେଣୁ ଧାନ ଭଳି ପାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଉ ବୋଲି ଚାଷୀମାନେ ଦାବି କରୁଛନ୍ତି। ସର୍ବଭାରତୀୟସ୍ତରରେ ପାନ ଚାଷରେ ଓଡ଼ିଶାର ସ୍ଥାନ ତୃତୀୟ ସ୍ଥାନ। ପଶ୍ଚିମବଙ୍ଗରେ ୨୦ ହଜାର ହେକ୍ଟର ଜମିରେ ପାନ ଚାଷ ହେଉଥିବାବେଳେ କର୍ଣ୍ଣାଟକରେ ପ୍ରାୟ ୬ହଜାର ହେକ୍ଟର ଓ ଓଡ଼ିଶାରେ ୩ହଜାର ହେକ୍ଟର ଜମିରେ ପାନ ଚାଷ ହୋଇଥାଏ। ପୂର୍ବରୁ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରଚୁର ପରିମାଣରେ ପାନ ଚାଷ କରାଯାଉଥିଲା। ବାଲେଶ୍ୱର, ଜଗତସିଂହପୁର, କଟକ, ପୁରୀ ଆଦି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ଲୋକମାନେ



ପାନ ବରଜ କରୁଥିଲେ। ଧାନ ଭଳି ପାନ ଚାଷକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ମୁମ୍ବାଇ, ସୁରଟ ଆଦି ସହରରେ ଓଡ଼ିଶା ପାନର ବେଶ୍ ଚାହିଦା ବି ଥିଲା। ଆମର ଏଠି ଉଭୟ ପାଚିଲା ଓ କଞ୍ଚାପାନ ବାହାରକୁ ରପ୍ତାନୀ ହେଉଥିଲା। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ପାଚିଲା ପାନର ବେଶ୍ ଚାହିଦା ଦେଶ ବିଦେଶରେ ମଧ୍ୟ ଥିଲା। ଏଠାରୁ ଉତ୍ପାଦିତ ପାନକୁ ଭାଟିରେ ପଚାଯାଉଥିଲା। ପାନ ପାଚିବା ପରେ ହଳଦିଆ ରଙ୍ଗରେ ପରିଣତ ହେଉଥିଲା ଏବଂ ତାହାକୁ ବାହାରକୁ ପଠାଯାଉଥିଲା। କୁଜଙ୍ଗ ଅଞ୍ଚଳରେ ପାନ ପଚାଇବା କାର୍ଯ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଅନେକ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ମହାବାତ୍ୟା ଓ ପରେ ପୋସ୍କୋ ବିବାଦ ପରଠାରୁ ସେଠାରେ ଏହି ବେଉସା ଏକପ୍ରକାର ବନ୍ଦ ହୋଇଯାଇଛି।

ଓଡ଼ିଶା ପାନ ଚାଷୀ ମହାସଂଘର ସହ ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି ଯେ ପାନ ବରଜ ପାଇଁ ବାଉଁଶ ଫାଳିଆ ଯୋଗାଡ଼ କରିବାରେ ବହୁ ସମସ୍ୟା ହେଉଛି। ଗାଁ ଗହଳିରୁ ଧୀରେ ଧୀରେ ବାଉଁଶ ବୁଦା ଲୋପ ପାଇବାରେ ଲାଗିଛି। ଲୋକମାନେ ବାଡ଼ି ବଗିଚାରେ ଆଉ ବାଉଁଶ ରଖୁନାହାନ୍ତି। ତେଣୁ ବାଉଁଶ ଫଳିଆ ଦାମ୍ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ ଛୋଟ ବାଉଁଶ ଫାଳିଆ ୧୦୦ଟାକୁ ୨୫୦୦ଟଙ୍କା ଥିଲା ତାହା ଏବେ ୫ହଜାର ଟଙ୍କାରେ ବିକ୍ରି ହେଉଛି। ବଡ଼ ଫାଳିଆ ୧୦୦ଟାକୁ ୫ହଜାର ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ୮ହଜାର ଟଙ୍କାରେ ବିକ୍ରି ହେଉଛି। ପାନ ବରଜ ଭିଡ଼ିବାକୁ ପୂର୍ବରୁ ଯେଉଁମାନେ ହଜାରେ ଟଙ୍କା ମଜୁରି ନେଉଥିଲେ ସେ ଏବେ ୧୫୦୦ଟଙ୍କା ଦାବି କରୁଛନ୍ତି। ଲକ୍ଷେ ଟଙ୍କା ଖର୍ଚ୍ଚ କରି ବରଜଟିଏ କଲେ, ୭୦ରୁ ୮୦ ହଜାର ଆଦାୟ ହେଉଛି। ସବୁବେଳେ ପ୍ରାୟ ୨୦-୩୦ ହଜାର କ୍ଷତି ହେଉଛି। ପାନ କଡ଼ାକୁ ଅତି ବେଶୀରେ ବେପାରୀ ୩୫ରୁ ୫୦ ଟଙ୍କାରେ କିଣି ନେଉଛି। ସେମାନେ ଦୋକାନୀଙ୍କୁ ୭୦ରୁ ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଚାଷୀ ଅଧିକାଂଶ ସମୟରେ କ୍ଷତି ସହୁଛି। ତେଣୁ ସରକାରୀ ସହାୟତା ଯୋଗାଇଦେଲେ ପାନ ଚାଷ ବଞ୍ଚିରହିବ ବୋଲି ସେ କହିଛନ୍ତି।

# ଜୁଲାଇ ପହିଲାରୁ ମହଙ୍ଗା ହେବ ରେଳ ଯାତ୍ରା

■ **ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି):** ଆସନ୍ତା ମାସରୁ ରେଳ ଯାତ୍ରୀଙ୍କୁ ବଡ଼ ଝଟକା ଲାଗିବାକୁ ଯାଉଛି। ବାସ୍ତବରେ, ରେଳବାଇ କୋଭିଡ୍-୧୯ ମହାମାରୀ ପରେ ପ୍ରଥମ ଥର ପାଇଁ ଯାତ୍ରୀ ଭଡ଼ାରେ ବୃଦ୍ଧି କରିବାକୁ ଯାଉଛି। ଭଡ଼ାରେ ଏହି ବୃଦ୍ଧି ଜୁଲାଇ ପହିଲାରୁ ଲାଗୁ ହେବ। ଏଥିରେ ଲୋକାଲଠାରୁ ଆରମ୍ଭ କରି ମେଲ୍ ଏକ୍ସପ୍ରେସ୍‌ର ଭଡ଼ା ବୃଦ୍ଧି ହେବାକୁ ଯାଉଛି। ଏହାସହିତ, ତତକାଳ ଟିକଟ୍ ବୁକିଂର ନିୟମ ମଧ୍ୟ ପରିବର୍ତ୍ତନ ହେଉଛି। ଭାରତୀୟ ରେଳ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସାଧାରଣ ମେଲ୍ / ଏକ୍ସପ୍ରେସ୍ ଟ୍ରେନ (ନନ୍-ଏସି) ର ଭଡ଼ା ପ୍ରତି କିଲୋମିଟରରେ ୧ ପଇସା ବୃଦ୍ଧି ପାଇବ। ଯେଉଁମାନେ ଏସି ଶ୍ରେଣୀରେ ଯାତ୍ରା କରୁଛନ୍ତି ସେମାନଙ୍କ ପାଇଁ ଭଡ଼ା ପ୍ରତି କିଲୋମିଟରରେ ୨ ପଇସା ବୃଦ୍ଧି ପାଇବ। ସେହିପରି ୫୦୦ କିମି ଯାତ୍ରା ପାଇଁ ସହର ତଳି ଟିକଟ୍ ଓ ଦ୍ୱିତୀୟ ଶ୍ରେଣୀ ଯାତ୍ରା ଭଡ଼ାରେ କୌଣସି ବୃଦ୍ଧି ହେବ ନାହିଁ। ୫୦୦ କିମିରୁ ଅଧିକ ଦୂରତା ପାଇଁ ବୃଦ୍ଧି ଅଧା ପଇସା ପ୍ରତି କିଲୋମିଟର ହେବ। ଏହା ବ୍ୟତୀତ , ମାସିକ ସିଜନ ଟିକଟ୍‌ରେ ମଧ୍ୟ କୌଣସି ବୃଦ୍ଧି ହେବନାହିଁ। ଏହାବ୍ୟତୀତ, ରେଳବାଇ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛି। ଅନ୍‌ଲାଇନ୍ ତତ୍କାଳ ଟିକେଟ୍ ସିଷ୍ଟମରେ ଦୀର୍ଘ ▶ପୃଷ୍ଠା-୭

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-1 ◆BHUBANESWAR ◆WEDNESDAY ◆25 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧ ◆ଭୁବନେଶ୍ୱର ◆ବୁଧବାର ◆୨୫ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଟ୍ରମ୍ପଙ୍କୁ ମାନିଲେନି ଇରାନ-ଇସ୍ରାଏଲ୍

## ଯୁଦ୍ଧବିରତି ଘୋଷଣାର ଅଢ଼େଇ ଘଣ୍ଟାରେ ପୁଣି କ୍ଷେପଣାସ୍ତ୍ର/ବୋମା ମାଡ଼

■ **ତେହରାନ/ୱାସିଂଟନ, ୨୪।୬ (ଏଜେନ୍ସି):** ୧୨ ଦିନର ଘମାଘୋଟ ଲଢ଼େଇ ପରେ ଶାନ୍ତ ପଡ଼ିଛି ମଧ୍ୟପ୍ରାଚ୍ୟ। ପରସ୍ପର ଉପରେ ଆକ୍ରମଣ ଚଳାଇଥିବା ଇରାନ ଏବଂ ଇସ୍ରାଏଲ ଯୁଦ୍ଧବିରତି ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଛନ୍ତି। ତେବେ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣାର ଅଢ଼େଇ ଘଣ୍ଟା ଭିତ।।ରେ ଉଭୟ ଦେଶ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। କିନ୍ତୁ ଟ୍ରମ୍ପଙ୍କ ଉଦ୍‌ବେଗ ପରେ ଉଭୟ ଦେଶ ଆକ୍ରମଣରୁ ବିରତ ରହିଛନ୍ତି। ତାଙ୍କର ଅନୁରୋଧ ସତ୍ତ୍ୱେ ଇସ୍ରାଏଲ ଇରାନ ଉପରେ ବୋମାମାଡ଼ କରିଥିବାରୁ ଟ୍ରମ୍ପ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଆଜି ସକାଳେ ରାଷ୍ଟ୍ରପତି ଟ୍ରମ୍ପ ଅସ୍ତ୍ରବିରତି କଥା ଘୋଷଣା କରିଥିଲେ। ସେ କହିଥିଲେ

### କ୍ଷୁବ୍ଧ ଟ୍ରମ୍ପଙ୍କ ମୁହଁରୁ ବାହାରିଲା ଅଶ୍ଳୀଳ ଶବ୍ଦ

ଯେ ଆକ୍ରମଣ ବନ୍ଦ କରିବା ଲାଗି ଉଭୟ ଦେଶ ରାଜି ହୋଇଛନ୍ତି। ଏଥିପାଇଁ ଉଭୟ ଇରାନ ଓ ଇସ୍ରାଏଲକୁ ସେ ଧନ୍ୟବାଦ ଦେଇଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଥିଲେ




ଯେ ଯୁଦ୍ଧବିରତି ହୋଇନଥିଲେ ଏହି ଲଢ଼େଇ ଦୀର୍ଘ ବର୍ଷ ଧରି ଚାଲିଥାଆନ୍ତା ଏବଂ ଏଥିରେ ମଧ୍ୟପ୍ରାଚ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇ ଥାଆନ୍ତା। କିନ୍ତୁ ଏହା ହେବାକୁ ଦିଆଯିବ ନାହିଁ।

ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ଯୁଦ୍ଧବିରତି ଲାଗି ଗତକାଲି ଠାରୁ କୂଟନୈତିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। କତରରେ ଥିବା ଆମେରିକାର ସାମରିକ ଘାଟି ଉପରେ ଇରାନର ଆକ୍ରମଣ ସତ୍ତ୍ୱେ ଆମେରିକା ପାଲଟା ଆକ୍ରମଣ ନକରିବା ଘଟଣାରୁ ଯୁଦ୍ଧବିରତିର ସୂଚନା ମିଳିଥିଲା। କାରଣ ଟ୍ରମ୍ପ ଘୋଷଣା କରିଥିଲେ ଯେ ଇରାନ ଆକ୍ରମଣରେ ଆମେରିକାର ▶ପୃଷ୍ଠା-୭

### ଶ୍ରୀମନ୍ଦିର ଇତିହାସରେ ପ୍ରଥମ; ମହାପ୍ରଭୁଙ୍କ ମୋଦକ ଚୋରି

# ଠାକୁରଙ୍କୁ ଲାଗିହେଲା ମାରା ମୋଦକ

- ଲାଗି ହେବାକୁଥିବା ୭୦ ମୋଦକ ଉଭାନ
- ଘଟଣାକୁ ଢାଙ୍କିବାକୁ ସରକାରଙ୍କ ଉଦ୍ୟମ
- ବଡ଼ଠାକୁରଙ୍କ ପଡ଼ିବାକୁ ପୂରିଯିବ ବର୍ଷେ
- ହେଲାନି କାର୍ଯ୍ୟାନୁଷ୍ଠାନ, ଆସିଲାନି ରିପୋର୍ଟ



■ **ପୁରୀ, ୨୪।୬ (ସମିସ):** ଶ୍ରୀମନ୍ଦିର ଇତିହାସରେ ଯାହା କେବେ ଘଟି ନ ଥିଲା, ତାହା ଏବେ ଘଟିଛି। ଅଣସରରେ ଚିକିତ୍ସାଧୀନ ମହାପ୍ରଭୁଙ୍କୁ ସୁସ୍ଥ କରିବା ନିମନ୍ତେ ବୈଦ୍ୟ ସେବକ ଯୋଗାଇ ଦେଇଥିବା ଦଶମୂଳ ମୋଦକ ଚୋରି ହୋଇ ଯାଇଛି। ସବୁଠାରୁ ସଙ୍ଗୀନ କଥା ହେଉଛି ଯେ ଦାରୁ ବିଗ୍ରହଙ୍କୁ ମାରା ମୋଦକ ଲାଗୁ କରାଯାଇଛି। ଏହି ଅଭିଯୋଗ ଅନ୍ୟ କେହି ନୁହେଁ; ଖୋଦ୍ ବଡ଼ଦିଅଁ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ତଥା ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଆଣିଛନ୍ତି ଏପରି ଅଭିଯୋଗ । ଏହି ଘଟଣାର ତଦନ୍ତ ଶେଷ ହୋଇ ନ ଥିବାବେଳେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏପରି ଅଭିଯୋଗକୁ ଅସ୍ୱୀକାର କରି ମୋଦକ ଚୋରି ଅଭିଯୋଗ ମିଛ ବୋଲି କହିଛନ୍ତି । ମାତ୍ର ତଦନ୍ତ ଶେଷ ହୋଇ ନ ଥିବାବେଳେ ପ୍ରଶାସନ ଓ ସରକାର କାହାକୁ ଘଣ୍ଟ ଘୋଡ଼ଇବାକୁ ଆଗୁଆ ସଫେଇ ଦେଉଛନ୍ତି ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଉ ଦୁଇଦିନ ପରେ ରଥଯାତ୍ରା। ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କିପରି ଅନୁପାଳନ କରାଯିବ ସେ ଦିଗରେ ଅଧିକାରୀମାନେ ଲାଗି ପଡ଼ିଛନ୍ତି, ହେଲେ ଘରେ ନ ପଶୁଣୁ ଚାଳ ବାଜିବା ଭଳି ରଥଯାତ୍ରା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ। ଅଣସରରେ ସେବା ପାଉଥିବା ତିନି ଠାକୁରଙ୍କ ନିକଟରେ ଲାଗି ହେବାକୁ ବୈଦ୍ୟ ସେବକ ଯୋଗାଇଥିବା ମୋଦକ ଚୋରି ହୋଇ ଯାଇଛି। ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଏ ସଂକ୍ରାନ୍ତରେ ଚିଠି ଲେଖି ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହଳଧର ଲେଖିଥିବା କହିଛନ୍ତି ଯେ ଅନବସର ଏକାଦଶୀ ଦିନ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ୭ ଜଣ କବିରାଜ ସେବକ ସମୁଦାୟ ୩୧୩ ମୋଦକ ଗାରଦରେ ଜମା ଦେଇଥିଲେ। ସେମାନଙ୍କ ମଧ୍ୟରେ ରୁଦ୍ରନନ୍ଦନ ମିଶ୍ର ୯୯ ମୂର୍ତ୍ତି, ନନ୍ଦନନ୍ଦନ ମିଶ୍ର ୬୩ ମୂର୍ତ୍ତି, ବିନାୟକ ମିଶ୍ରଙ୍କ ନାତି ସୁଧାଂଶୁ ମିଶ୍ର ୪୯ ମୂର୍ତ୍ତି, ଦୁର୍ଗାପ୍ରସାଦ ମିଶ୍ର ୨୭ ମୂର୍ତ୍ତି, ସର୍ବେଶ୍ୱର ମିଶ୍ର ୨୫ ମୂର୍ତ୍ତି, ସତ୍ୟବ୍ରତ ମିଶ୍ର ଓ ଦେବବ୍ରତ ମିଶ୍ର ୨୫ ମୂର୍ତ୍ତି ଓ କ୍ଷୀରୋଦ ଚନ୍ଦ୍ର ମିଶ୍ର ୨୫ ମୂର୍ତ୍ତି ମୋଦକ ପ୍ରଦାନ କରିଥିଲେ। ହେଲେ ମହାପ୍ରଭୁଙ୍କୁ ଲାଗି ନିମନ୍ତେ ▶ପୃଷ୍ଠା-୭

# ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

**ଫୁଟିଲା ଗୁଳି, ବୁଲିଲା ଖଣ୍ଡା**

## ପୁଅ ମୃତ, ମା' ସମେତ ୩ ଦରମରା

■ **ବାରିପଦା, ୨୪।୬ (ସମିସ):** ଅଶାନ୍ତ ମୟୂରଭଞ୍ଜ। ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିନକୁ ଦିନ ଅପରାଧର ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଗତକାଲି ଏକ ମଦ ଦୋକାନର ସେଲ୍ସ ମ୍ୟାନେଜର୍‌ଙ୍କୁ ଗୁଳିମାଡ଼ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଆଜି ଦୁଇ ଦୁଇଟି ଆପରାଧିକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷକୁ କେନ୍ଦ୍ର କରି ଆଜି ବାରିପଦା ସହରରେ ଗୁଳି ଫୁଟିବା ଓ ଖଣ୍ଡା ବୁଲିବା ସହ ଜଣଙ୍କର ମୁଣ୍ଡ ଗଡ଼ିଛି। ସେହିପରି ଜିଲ୍ଲାର କୁଳିଅଣା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମ୍ୟ ବ୍ୟାଙ୍କରୁ ସ୍ପଷ୍ଟ ଦିବାଲୋକରେ ଡକାୟତମାନେ ବନ୍ଧୁକ ମୁନରେ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, ବାରିପଦା ଟାଉନ୍ ଥାନା ଅଧୀନ କାଳିକାପୁରରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଳିମାଡ଼ ଓ ଖଣ୍ଡାଚୋଟରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମା' ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, କାଳିକାପୁର ୱାର୍ଡ ନଂ୨୪ର ରାଜୁ ଘଡ଼େଇ(୩୫)। ଆହତମାନେ ହେଲେ, ମୃତ ରାଜୁର ମାଆ ସାବିତ୍ରୀ ▶ପୃଷ୍ଠା-୭

**ଅଶାନ୍ତ ମୟୂରଭଞ୍ଜ**

# ଗ୍ରାମ୍ୟ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

## ନେଇଗଲେ ୮ ଲକ୍ଷ ଟଙ୍କା, ସୁନାଗହଣା ଓ ହାର୍ଡଡିସ୍କ

## ବାହାରୁ ତାଲା ପକାଇ ୬ ଦୁର୍ବୃତ୍ତ ଫେରାର୍

■ **ବାରିପଦା/କୁଳିଅଣା, ୨୪।୬ (ସମିସ):** କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର କୁଚେଇ ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଆଜି ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଅପରାହ୍ଣରେ ଦୁଇଟି ବାଇକ୍‌ରେ ୬ଜଣ ଡକାୟତ ବ୍ୟାଙ୍କ୍ ଭିତରକୁ ଧସେଇ ପଶିବା ସହ କର୍ମଚାରୀ ଓ ଲୋକଙ୍କୁ ଖଣ୍ଡା, ଭୁଜାଲି ଦେଖାଇ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୯ଗ୍ରାମ୍ ସୁନା, ମୋବାଇଲ୍ ଲୁଟି ନେଇଛନ୍ତି। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ବ୍ୟାଙ୍କରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କକୁ ବି ନେଇ ଯାଇଛନ୍ତି। ଏପରିକି, ଗଲା ବେଳେ ▶ପୃଷ୍ଠା-୭



## ଦେଢ଼ ମାସ ହେଲା ମହିଳା ନିଖୋଜ

**ଶୁକ୍ଲି, ୨୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁକ୍ଲି ବ୍ଲକ ଘାଗରବେଡ଼ା ଥାନା ପଗୁ ଗ୍ରାମର କୀର୍ତ୍ତନ ଗିରିଙ୍କ ପତ୍ନୀ ଜ୍ୟୋତିଶ୍ରୀ ଗିରି ଆଜକୁ ଦେଢ଼ ମାସ ହେଲା ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ସ୍ୱାମୀ କୀର୍ତ୍ତନ ଗିରି ଘାଗରବେଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ଜାନୁଆରୀ ପହିଲାରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। କୀର୍ତ୍ତନ ବହୁ ଖୋଜାଖୋଜି କରିବା ପରେ ବି କୌଣସି ପତ୍ତା ମିଳୁନାହିଁ। ଗତ ୭ ବର୍ଷ ପୂର୍ବେ ଉଭୟଙ୍କ ବିବାହ ହୋଇଥିଲା। ତାଙ୍କର ତିନୋଟି ସନ୍ତାନ ମଧ୍ୟ ଅଛନ୍ତି। ତେବେ ଜ୍ୟୋତିଶ୍ରୀଙ୍କ ସ୍ୱାମୀ କହନ୍ତି ଯେ, ଆମ ଦୁହିଁଙ୍କ ମଧ୍ୟରେ ଦିନବେଳା କୌଣସି କାରଣକୁ ନେଇ ବଚସା ହୋଇଥିଲା। ସନ୍ଧ୍ୟାରେ ସେ ଘରୁ ବାହାରି ପଳାଇଲେ। ଏପଟେ ଦୁଇବର୍ଷର ସାନ ଝିଅ ମା'କୁ ନ ପାଇ ବିଚଳିତ ହେଉଛି।

## ପୁଣି ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ତୁରୁମୁଙ୍ଗା, ୨୪।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଲିବନ୍ଧ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ବିବାଦକୁ ନେଇ ଦୀର୍ଘ ଦେଢ଼ ବର୍ଷ ଧରି ତାଲା ପଡ଼ିଥିବା ଅଙ୍ଗନବାଡି କେନ୍ଦ୍ରକୁ ଗତ ଶୁକ୍ରବାର ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଏବଂ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ତାଲାକୁ ଭଙ୍ଗା ଯାଇଥିଲା। ଗ୍ରାମବାସୀ ପ୍ରଶାସନକୁ ଚାଲେଞ୍ଜ ଦେଇ ପୁଣି ସୋମବାର ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ତାଲା ଠୁଙ୍କି ଦେଇଛନ୍ତି। ସୁପରଭାଇଜର ମାଳତୀ ପୃଷ୍ଟିଙ୍କୁ ଅଟକ ରଖିଥିଲେ। ପୁଲିସ ସୁପରଭାଇଜରଙ୍କୁ ଉଦ୍ଧାର କରିଥିଲା। ଏନେଇ ସିଡିପିଓ କଳ୍ପନା ଡୋରା ଥାନାରେ ଅଭିଯୋଗ କରିଛନ୍ତି।

## ପୁଣି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି

**ବାରିପଦା, ୨୪।୬ (ସମିସ):** ବାରିପଦାରେ ଚୋରି ଓ ଛିନତାଇ ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ପୁଣି ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। ଏ ନେଇ ରଘୁନାଥପୁର ଅଞ୍ଚଳର ରାଇମାତ ମାର୍ଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହିତ ବାରିପଦା ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଲମାରୀ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇ ପଳାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ରାତିରେ ପାର୍କିଂ ବୋଲେରୋ ଚୋରି

**ବାରିପଦା, ୨୪।୬(ସମିସ):** ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ଯାନବାହନ ଚୋରିର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୁଣି ବୋଲେରୋ ଚୋରି ହୋଇଥିବା ନେଇ ବାରିପଦା ସଦର ଥାନାରେ ରାଇକଡ଼ଝରଣ ଅଞ୍ଚଳର ସିମନ ହାଁସଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘର ସମ୍ମୁଖରେ ରାତିରେ ଗାଡି ପାର୍କିଂ କରିଥିଲେ। କିନ୍ତୁ ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ଗାଡି ନ ଥିଲା। ବହୁ ଖୋଜାଖୋଜି କରିବା ପରେ ବି ସେ ଗାଡି ପାଇ ନ ଥିଲେ। ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଚଳାଇଛି।

## ମାଲବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ବୈଶିଙ୍ଗା, ୨୪। ୬ (ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟରାଜପଥ କଳମାଛକରେ ଏକ ମାଲ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ମଙ୍ଗଳବାର ରାସ୍ତା ଉପରେ ଓଲଟି ପଡ଼ିଥିଲା। ଟ୍ରକଟି କାଗଜ ବଣ୍ଡଲନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ କଳମାଛକ ଡ଼ାଇଭର୍ସନଠାରେ ଭାରସାମ୍ୟ ୧୮ ନଂ ଜାତୀୟ ରାଜପଥ ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକରୁ କାଗଜ ବଣ୍ଡଲ ଗୁଡିକ ରାସ୍ତା ଉପରେ ପଡ଼ି ରହିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟଲୋକେ ଟ୍ରକ ଚାଳକ ଏବଂ ଖଲାସୀଙ୍କୁ ଉଦ୍ଧାର କରିଥିବା ବେଳେ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ କ୍ରେନ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ କାଗଜବଣ୍ଡଲକୁ ରାସ୍ତାରୁ ଅପସାରଣ କରିବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଥାନାର ଦ୍ୱାରସ୍ଥ ଦମ୍ପତି

**ରାମଚନ୍ଦ୍ରପୁର, ୨୪।୬(ସମିସ):** ରାମଚନ୍ଦ୍ରପୁର ଥାନା ତରୁଆଁ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଖୁଣ୍ଟା ଗ୍ରାମର ମଞ୍ଜୁଲତା ଘଡ଼େଇଙ୍କ ଘରେ ସେହି ଗାଁର କିଛି ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭଙ୍ଗାରୁଜା କରିଥିବା ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଏକ ମାସ ପୂର୍ବରୁ ମଧ ସେହି ଯୁବକଙ୍କ ମଧ୍ୟରେ ଝଗଡ଼ା ହୋଇ ଥାନାରେ ଆପୋଷ ବୁଝାମଣା ହୋଇଥିଲା। ପୁଣି ଥରେ ସେହି ଯୁବକମାନେ ଘରେ ପଶି ଭଙ୍ଗାରୁଜା କରିଥିବା ମଞ୍ଜୁଲତା ଏବଂ ତାଙ୍କ ସ୍ୱାମୀ ମନୋଜ କୁମାର ଘଡ଼େଇ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ଅଧିକ ତଦନ୍ତ କରୁଛନ୍ତି।

## ଅଟୋ ପଛରେ ଧକ୍କା ଦେଲା ବାଇକ୍

**ତୁରୁମୁଙ୍ଗା, ୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ହାତୀବାରି ନିକଟରେ ମଙ୍ଗଳବାର ଏକ ଅଟୋ ପଛରେ ଏକ ବାଇକ ଧକ୍କା ଦେବାରୁ ବାଇକରେ ଥିବା ଦୁଇ ବାଇକ ଅରୋହୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଏନ୍‌ଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇ ବାଇକ ଆରୋହୀ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ବୈଦ୍ୟନାଥ ଗ୍ରାମର କାର୍ତ୍ତିକ କାଳନ୍ଦୀ (୩୩) ଏବଂ ଜାନୁମ ସିଂ ହେମ୍ବ୍ରମ (୩୯)। କେନ୍ଦୁଝର ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଆଗକୁ ବନ୍ୟା; ସିସିଏସଓ, ସିଏସଓ ଓ ୩ ଏସିଏସ୍‌ଓ ପଦବୀ ଖାଲି

# ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅଚଳାବସ୍ଥା

ବାରିପଦା, ୨୪।୬(ସମିସ)




ରାଜ୍ୟରେ ନୂତନ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ବର୍ଷ ଏକ, ଉପଲବ୍ଧି ଅନେକ' ନେଇ ବିକାଶ ମେଳାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ପରନ୍ତୁ ଖାଲି ପଡ଼ିଥିବା ଅଧିକାରୀ ଓ କର୍ମଚାରୀ ପଦବୀ ପାଇଁ ତୃଣମୂଳ ସ୍ତରରେ ସରକାରଙ୍କ ପ୍ରଣୀତ ଯୋଜନା ଫଳପ୍ରଦ ହେଉନାହିଁ। ଆଗକୁ ବର୍ଷା ଋତୁ। ବନ୍ୟା ବିଭୀଷିକା ମୟୂରଭଞ୍ଜ ଜିଲ୍ଲାରେ ଦାଉ ସାଧେ। ଏପରି ସ୍ଥଳେ ଖାଲିଥିବା ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ ନ ହେଲେ ଗୁରୁତ୍ୱପୂର୍ଣ୍ଣ ବିଭାଗ କିପରି କାର୍ଯ୍ୟ କରିବ ସେନେଇ ଆଶଙ୍କା ପ୍ରକାଶ ପାଇଛି। ବନ୍ୟା ପୂର୍ବରୁ ଓ ପରବର୍ତ୍ତୀ ସମୟରେ ଉଦ୍ଧାର ରିଲିଫ କାର୍ଯ୍ୟ ପାଇଁ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୁରୁଦାୟିତ୍ୱ ରହିଛି। ପରନ୍ତୁ ଏହି ସମୟରେ ଉପରୋକ୍ତ ବିଭାଗ ମୁରବୀ ଶୂନ୍ୟ ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ, ମୁଖ୍ୟାଳୟ, ସଦର ଓ କପ୍ତିପଦାର ଅତିରିକ୍ତ ଯୋଗାଣ ଅଧିକାରୀ ପଦବୀ ବର୍ତ୍ତମାନ ଖାଲି ପଡ଼ିଛି। ଗତ ୧୩ ତାରିଖରେ ବିଭାଗର ବଦଳି ଆଦେଶରେ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଯୋଗାଣ ଅଧିକାରୀ (ସିସିଏସଓ) କୃଷ୍ଣଚନ୍ଦ୍ର ସେଠୀଙ୍କ ଦକ୍ଷିଣ ଡିଭିଜନ ଆରଡିସି ଯୁଗ୍ମ ସଚିବ ଭାବେ ପଦୋନ୍ନତି ହେବା ଫଳରେ ସେ ରିଲିଫ ହୋଇ ପଳାଇଛନ୍ତି। ତାଙ୍କ ସ୍ଥାନରେ କୋରାପୁଟର ସିସିଏସଓ ପ୍ରଦୀପ କୁମାର ପଣ୍ଡାଙ୍କ ମୟୂରଭଞ୍ଜକୁ ବଦଳି ହୋଇଥିଲେ ହେଁ ସେ ଏ ଯାଏ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ସେହିପରି ମାର୍ଚ୍ଚ ୩୧ରୁ ଜିଲ୍ଲା ଯୋଗାଣ ଅଧିକାରୀ ଅନାଦି ସେଠୀ ଚାକିରିରୁ ଅବସର ନେବା ପରେ ପଦବୀ ଖାଲି ପଡ଼ିଛି। ସେହିପରି ଜିଲ୍ଲାର ୩ଟି ଅତିରିକ୍ତ ଯୋଗାଣ ଅଧିକାରୀ ପଦ ଖାଲି ପଡ଼ିଛି। ନିକଟରେ ପଦ ପୂରଣ ପାଇଁ ଦୁଇଜଣଙ୍କୁ ନିଯୁକ୍ତି ଦିଆଯାଇଥିଲେ ବି ସେମାନେ ଯୋଗ ଦେଇ ନ ଥିବାରୁ ଜିଲ୍ଲା ମୁଖ୍ୟାଳୟ, ସଦର ଓ କପ୍ତିପଦା ଉପଖଣ୍ଡରେ ଅଚଳାବସ୍ଥା ଦେଖାଦେଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟାଳୟର ୫ଟି ପଦବୀ ପାଇଁ ବାରିପଦା ପୌର ପରିଷଦ ଦାୟିତ୍ୱରେ ଥିବା ଧିରଜ କୁମାର ଭୂୟାଁ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ଜିଲ୍ଲାରେ ଯୋଗାଣ ବିଭାଗ ଅଧୀନରେ ପରିଚାଳିତ ସମସ୍ତ ଦାୟିତ୍ୱ ନିର୍ବାହରେ ଅନ୍ତରାୟ ସୃଷ୍ଟି ହେଉଛି। ରବିଧାନ କିଣାଠାରୁ ଆରମ୍ଭ କରି ଖାଉଟି ସାମଗ୍ରୀ ବଣ୍ଟନ, ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ, ବଜାରର ଖାଉଟି ଦର ନିୟନ୍ତ୍ରଣ, ନୂତନ ରାସନକାର୍ଡ ପଞ୍ଜିକରଣ ଇତ୍ୟାଦିରେ ବ୍ୟାଘାତ ସୃଷ୍ଟି କରୁଛି। ତେବେ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ବିପନ୍ନ ପରିବାରକୁ ତତ୍କାଳ ସହାୟତା ଯୋଗାଇବା ବିଭାଗ ପାଇଁ ଚ୍ୟାଲେଞ୍ଜ ହେବ। ଜିଲ୍ଲାର ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଶାସକ ଦଳରେ ଥିବା ବେଳେ ଏହି ଜିଲ୍ଲା ପ୍ରତି ଦୃଷ୍ଟି ଦେଇ ପଦବୀ ପୂରଣ ପାଇଁ ତତ୍ପରତା ଦେଖାଇବା ଜରୁରୀ ହୋଇଛି।

## ଟ୍ରକ୍ ପଛପଟୁ ଧକ୍କାଦେଲା କନ୍ୟାଯାତ୍ରୀ ବସ୍

# ଜଣେ ମୃତ, ୧୩ ଗୁରୁତର

**ଯୋଡ଼ା, ୨୪।୬ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା କାରଣସାହି ନିକଟରେ କନ୍ୟାଯାତ୍ରୀ ବସ ସୋମବାର ବିଳମ୍ବିତ ରାତ୍ରିରେ ରାସ୍ତାକଡ଼ରେ ଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଉକ୍ତ ବସ୍‌ର ହେଲ୍‌ପର ଅଭିନୟ ଲୁଗୁନ (୨୫)। ଘର ବଲାଣୀ ଥାନା କିରିବୁରୁ ହିଲଟପ ବୋଲି ଜଣାପଡ଼ିଛି। ବାଂଶପାଳ ବ୍ଲକ ଜାଗର ଗାଁରୁ ଏକ ବିବାହ ଭୋଜି ସାରି ବଳିତା ଗାଁକୁ ଯାଉଥିବା ବେଳେ ବିଳମ୍ବିତ ରାତିରେ ଓଡି-୦୯ଏବି - ୭୬୨୮ ସୁବାସିନୀ ନାମକ ଏକ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। କାରଣସାହି ନିକଟରେ ବସଟି ନିୟନ୍ତ୍ରଣ ହରାଇବାରୁ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ସମସ୍ତ ଗୁରୁତରଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଛି। ଯୋଡ଼ା ଥାନା ଓ ବିଲେଇପଦା ଫାଣ୍ଡି ପୁଲିସ ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ୧୩ ଜଣ ମହିଳାଙ୍କ ସହ ଜଣେ ଶିଶୁ ଆହତ ହୋଇଥିବା ଜଣାପଡ଼ିଛି। ଆର୍ତ୍ତି ନାଏକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏବେସୁଦ୍ଧା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଚିକିତ୍ସାଧୀନ ରହିଛନ୍ତି।




## ତିରିଂ ପଞ୍ଚାୟତ ସମିତି ସଦସ୍ୟଙ୍କ ଧର୍ମଘଟ ଜାରି

**ବହଳଦା, ୨୪।୬(ସମିସ):** ତିରିଂ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଇରଙ୍ଗପୁର ବିଧାୟକଙ୍କ ପଞ୍ଚାୟତ ସମିତି ଉନ୍ନୟନ ମୂଳକ କାର୍ଯ୍ୟରେ ହସ୍ତକ୍ଷେପ ବିରୋଧରେ ସମିତି ସଭ୍ୟଙ୍କ ଚାଲିଥିବା ଆନ୍ଦୋଳନ ନବମ ଦିନରେ ପହଞ୍ଚିଛି। ରାଇରଙ୍ଗପୁର ବିଧାୟକ ଜଲେନ ନାୟକଙ୍କ ଦ୍ୱାରା ପଞ୍ଚାୟତ ସମିତିର ବିଭିନ୍ନ ପ୍ରକଳ୍ପରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ହସ୍ତକ୍ଷେପ କରାଯିବା ବିରୋଧରେ ତିରିଂ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧି ଧାରଣାରେ ବସିଛନ୍ତି। ଏହି ଶାନ୍ତିପୂର୍ଣ୍ଣ ଧର୍ମଘଟ ନବମ ଦିନରେ ପହଞ୍ଚି ଥିବାବେଳେ ଏହାର କୌଣସି ସମାଧାନ ହୋଇପାରି ନାହିଁ। ରାଇରଙ୍ଗପୁର ବିଧାୟକଙ୍କୁ ନାରାନପୁର ଗ୍ରାମପଞ୍ଚାୟତ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଲେଆଉଟ ମାପ ପ୍ରଦାନ କରାଯିବା ଖବର ମିଳିବା ପରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବା ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ତିରିଂ ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀଙ୍କ ସହ ମହିଳା ପ୍ରତିନିଧି ଆଲୋଚନା କରିଥିଲେ। ନିର୍ବାଚିତ ପ୍ରତିନିଧିଙ୍କୁ ଅବହେଳା କରାଯାଇ ପଞ୍ଚାୟତ ସମିତି କାର୍ଯ୍ୟରେ ବିଧାୟକଙ୍କୁ କାହିଁକି ପ୍ରାଧାନ୍ୟ ଦିଆଯାଉଛି ବୋଲି ଯୁକ୍ତି କାଢିଥିଲେ। ପରେ ଧାରଣାରେ ବସିଥିବା ସ୍ଥଳରୁ ଉଠିଆସି ରାସ୍ତା ଅବରୋଧ କରି ବିଡିଓ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ବସିଥିଲେ। ପରେ ତିରିଂଥାନା ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ବୁଝାସୁଝା କରିବା ସହ ରାଇରଙ୍ଗପୁର ଏସଡିପିଓ ଏବଂ ରାଇରଙ୍ଗପୁର ଉପଜିଲ୍ଲାପାଳ ଫୋନ ଯୋଗେ ଯୋଗାଯୋଗ କରି ଆସନ୍ତାକାଲି ବୈଠକରେ ବସି ସମାଧାନ କରାଯିବାର ପ୍ରତିଶ୍ରୁତି ଦିଆଯିବା ପରେ ଧାରଣାରୁ ଉଠିଥିଲେ।

## ସରକାରଙ୍କ ଅଣଓଡ଼ିଆ ପ୍ରୀତି; ଖଣି ଅଞ୍ଚଳ ଅଶାନ୍ତ




**ବଡ଼ବିଲ, ୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଖଣି ମଣ୍ଡଳ ଅନ୍ତର୍ଗତ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଜନସାଧାରଣ ଧାରଣାରେ ବସିଥିବା ବେଳେ ଖଣି କମ୍ପାନୀମାନେ ସେମାନଙ୍କ ମୌଳିକ ସୁବିଧାର ସମାଧାନ କରି ନଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀମାନେ ଏଠାରେ ଚାଲୁଥିବା ପରିବହନ ଠିକାଦାରଙ୍କ ପାଖରେ ଚାକିରି କରି ନିଜର ପ୍ରତିପୋଷଣ କରୁଥିବା ବେଳେ ରାଜ୍ୟରେ ନୂଆ ସରକାର ଆସିବା ପରେ ପୂର୍ବରୁ ଦୁଇ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପ୍ରାୟ ୫୦ ରିବହନ ଠିକାଦାରଙ୍କୁ ବାହାର କରି ଜଣେ ବାହାର ଅଞ୍ଚଳର ଅଣଓଡ଼ିଆ ଠିକାଦାରଙ୍କୁ ସମସ୍ତ ପରିବହନ କାର୍ଯ୍ୟ ଦେଇଦେଇଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୂର୍ବରୁ କାର୍ଯ୍ୟ କରୁଥିବା ସ୍ଥାନୀୟ ଠିକାଦାରମାନେ ଲାଭାଂଶର ଶତକଡା ୫୦ ଭାଗ ଗ୍ରାମ କମିଟିରେ ରଖି ଗ୍ରାମର ସମସ୍ତ ପରିବାର ମଧ୍ୟରେ ସମାନ ଭାବେ ବଣ୍ଟା ଯାଉଥିଲା ତେବେ ବର୍ତ୍ତମାନ ସେସବୁ ବନ୍ଦ ହେବାରୁ ବହୁ ଗରିବ ପରିବାର ହଇରାଣ ହେଉଥିବା ଜଣାପଡ଼ିଛି। ତେବେ ଚମ୍ପୁଆର ପଡୋଶୀ ବିଧାୟକ ତଥା ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହେବା ପରେ କେନ୍ଦୁଝରବାସୀ ବହୁ ଆଶାରେ ଥିବା ବେଳେ ସରକାରଙ୍କୁ ଅଣଓଡ଼ିଆ ପ୍ରୀତି ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ଧାରଣାରେ ସେରେଣ୍ଡା ସରପଞ୍ଚ ସସ୍ମିତା ସିଦୁ, ଭଦ୍ରାସହି ସରପଞ୍ଚ ପ୍ରମିଳା ନାଏକ, ସେରେଣ୍ଡାର ପୂର୍ବତନ ସରପଞ୍ଚ ଭଗବାନ ଚତମ୍ବା, ଦୁଇ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ଦୁଇ ହଜାର ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରଖିଛନ୍ତି।

## ବସନ୍ତପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପାଠପଢ଼ା ପ୍ରକ୍ରିୟା ଆରମ୍ଭ

**କେନ୍ଦୁଝର, ୨୪।୬(ସମିସ):** ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଉଚ୍ଚବିଦ୍ୟାଳୟକୁ ଉନ୍ନିତ କରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ଚଳିତବର୍ଷଠାରୁ ଏହି ବିଦ୍ୟାଳୟରେ ୧୨୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢ଼ିବାକୁ ସୁଯୋଗ ପାଇବେ। ଏନେଇ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛ। ମଙ୍ଗଳବାର ସାମସରେ ନାମ ସଂଯୋଗ ପାଇଁ ବିଭାଗ ତରଫରୁ ଏକ ଚିଠି କରାଯାଇଛି। ଏହି ପଦକ୍ଷେପ ଫଳରେ ଝୁମ୍ପୁରା ବ୍ଲକ ତଥା ସ୍ଥାନୀୟ ଅଞ୍ଚଳରେ ମାଟ୍ରିକ ପାସ ପରେ ଡ୍ରପଆଉଟ ହାର କମିବା ସହ ବହୁ ଛାତ୍ରଛାତ୍ରୀ ଆବାସିକ ବ୍ୟବସ୍ଥାରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢ଼ିବାର ସୁଯୋଗ ପାଇବେ। ଏହି ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବସନ୍ତପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟଟି ଏହି ଅଞ୍ଚଳ ପାଇଁ ଆଲୋକବର୍ତ୍ତିକା ସଦୃଶ ହେବ ବୋଲି ମତ ପ୍ରକାଶ ପାଇଛି।

## ନିଆରା ଢଙ୍ଗରେ ରାଧାକୃଷ୍ଣଙ୍କ ୫୦ ବର୍ଷ ପୂର୍ତ୍ତି ଉତ୍ସବ

**ବାରିପଦା, ୨୪।୬(ସମିସ):** ବାରିପଦା ସହର ସ୍ଥିତ ୮ ନମ୍ବର ୱାର୍ଡ ଶଙ୍ଖପଟ୍ଟା ଛକରେ ପବିତ୍ର ରଜ ପର୍ବ ଉପଲକ୍ଷେ ନିଆରା ଢଙ୍ଗରେ ରାଧାକୃଷ୍ଣଙ୍କ ୫୦ତମ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖରେ ବୁଢାରାଉଳ ମଠ ନିକଟ ଚିପଟ ନିଦୀରୁ ଘଟ ଉତ୍ତୋଳନ କରାଯାଇ ରୀତିନୀତି ଅନୁସାରେ ଏକ ଶୋଭାଯାତ୍ରାରେ ପୂଜସ୍ଥଳୀରେ ପହଞ୍ଚିଥିଲା। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ୧୦ ଦିନଧରି ପୂଜା ପାଇଥିବାବେଳେ ୨୪ ତାରିଖରେ ବିସର୍ଜନ କରାଯାଇଥିଲା। ଗତ ୧୯୭୫ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ଚଳିତବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି ବୋଲି ପୂଜା କମିଟି ସଭାପତି ଚିତ୍ତରଞ୍ଜନ ବାସଙ୍ଗ ଜଣାଇଛନ୍ତି। ବାରିପଦା ତଥା ଆଖପାଖ ଅଞ୍ଚଳରେ ରଜରେ ରାଧାକୃଷ୍ଣଙ୍କ ପୂଜା ଦେଖିବାକୁ ମିଳେ ନାହିଁ ବୋଲି ବରିଷ୍ଠ ସଦସ୍ୟ ପ୍ରଭାସ ଚନ୍ଦ୍ର ଘଡେଇଙ୍କ ସୂତ୍ରରୁ ପ୍ରକାଶ। ତେଣୁ ସ୍ଥାନୀୟ ଯୁବକମାନେ ସାହିରେ ସମସ୍ତଙ୍କ ସହଯୋଗରେ ଏହି ପୂଜା କରିଆସୁଛନ୍ତି ବୋଲି ଅନ୍ୟତମ ବରିଷ୍ଠ ସଦସ୍ୟ କୁଞ୍ଜ ଶତପଥୀ ଜଣାଇଛନ୍ତି। ପ୍ରତିଦିନ ପୂଜା ପରେ ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥାଏ। ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ଦାନରେ ଦୀର୍ଘ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଇଆସୁଛି ବୋଲି ସମ୍ପାଦକ ସତ୍ୟଜିତ ବାରିକ ଜଣାଇଛନ୍ତି। ପୂଜାର ଶେଷ ସନ୍ଧ୍ୟାରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମରେ ଅତିଥି ଭାବେ ସିନେ ତାରକା ସ୍ୱରାଜ ବାରିକ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ପଲେଇ, ଶିବୁ ରଣା, ମନୋଜ ସାମଲ, ଗଣେଶ ରାମ, ଜାସାୟ ସୋରେନ, ଉତ୍ତମ ଦେ, ଟୁନା ବାରିକ, ମୋହନ ଦାସ, ଅମ୍ବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବାଲି ମାଫିଆ ସକ୍ରିୟ; ନଦୀବନ୍ଧକୁ ତାଡ଼ିଦେଲେ



**ରାମଚନ୍ଦ୍ରପୁର, ୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବାଲି ଘାଟରୁ ବାଲି ଉତ୍ତୋଳନ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ବାଲି ମାଫିଆମାନେ ଅଧିକ ସକ୍ରିୟ ହେବା ସହ ନଦୀବାଲି ଚଢ଼ା ଦାମରେ ବିକ୍ରି କରୁଥିବା ଦେଖିବାକୁ ମଳିଛି। ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ସଟତିରା ନଦୀ ବନ୍ଧଟି ନୂତନ ଭାବେ ନିର୍ମାଣ ହୋଇଥିବା ସ୍ଥଳେ, ଦୁଇ ଦିନ ତଳେ ବାଲି ମାଫିଆମାନେ ମେସିନ ଦ୍ୱାରା ବନ୍ଧକୁ ତାଡ଼ି କୁସେଇ ନଦୀ ଗର୍ଭକୁ ମୋରମ ପକାଇ ବେଆଇନ ଭାବେ ରାସ୍ତା ନିର୍ମାଣ କରିଥିବା ଦେଖାଦେଇଛି। ବର୍ଷା ଋତୁ ଆରମ୍ଭରୁ ନଦୀରୁ ବାଲି ଉତ୍ତୋଳନ କଲେ ନଦୀର ଗତିପଥ ପରିବର୍ତ୍ତନ ହେବା ସହ ବ୍ୟାପକ କ୍ଷୟକ୍ଷତି ହେବା ଆଶଙ୍କା ଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ ରଖିବାକୁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।

## ବଜ୍ରପାତ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ



କେନ୍ଦୁଝର ୨୪।୬(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ବଜ୍ରପାତରୁ ସୁରକ୍ଷା ତଥା ବିଜୁଳି, ଘଡ଼ଘଡ଼ି ସମୟରେ ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ବିଶାଲ ସିଂହ ସବୁଜ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଭୌଗଳିକ ସ୍ଥିତି ଆଧାରରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ଏବଂ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଓଏସଡିଏମଏର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏସକେ ଇଜାଜ ଇକବାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେତନଟୀ ବ୍ଲକ୍‌ରେ ବିଭିନ୍ନ ପଦବୀ ଖାଲି

**ବେତନଟୀ, ୨୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପଦବୀ ଖାଲି ପଡ଼ି ରହିଥିବା ଯୋଗୁଁ ସାଧାରଣ ଜନତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଓ ସବ୍-ରେଜିଷ୍ଟ୍ରାର, ଆରଆଇ ଅଫିସରେ ରେଭେନ୍ୟୁ ଇନ୍ସପେକ୍ଟର (ଜଓ) ପଦବୀ ଶୂନ୍ୟ ରହିଛି।ସ୍ୱାସ୍ଥ୍ୟ ବିଭାଗରେ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ। ବେତନଟୀ ଡାକ୍ତରଖାନାରେ ଆବଶ୍ୟକ ମୁତାବକ ନର୍ସ, ଅଲଟ୍ରାସାଉଣ୍ଡ ଅପରେଟର ଓ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାୟୀ ସୁଇପର ନାହାଁନ୍ତି। ପଶୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସମସ୍ୟା ରହିଛି। ଅନେକ ପଶୁ ଚିକିତ୍ସାଳୟରେ ପଶୁ ଡାକ୍ତର ନଥିବା ବେଳେ କେବଳ ଜଣେ ଲାଇଭଷ୍ଟକ ଇନ୍ସପେକ୍ଟରଙ୍କ ଉପରେ ନିର୍ଭର କରି ଚଳୁଛି। ତେବେ ବେତନଟୀ ପଶୁ ଚିକିତ୍ସାଳୟରେ ଡାକ୍ତର ଥାଇ ମଧ ଖଓ ଓ ପିଅନ ନାହାଁନ୍ତି।ଅନ୍ୟ ବିଭାଗରେ ମଧ୍ୟ ଅବସ୍ଥା ସମାନ। ମାଇନର ଇରିଗେସନ ବିଭାଗରେ ଜୁନିୟର ଇଞ୍ଜିନିୟର, ହର୍ଟିକଲଚର ଅଫିସରେ ହର୍ଟିକଲଚର ଏକ୍ସଟେନସନ ୱାର୍କର ନାହାଁନ୍ତି। ଗ୍ରାମୀଣ ଉନ୍ନୟନ ସବ୍-ଡିଭିଜନ ଅଫିସରେ ସବ୍-ଡିଭିଜନ ଅଫିସର ଓ ଆବଶ୍ୟକ ମୁତାବକ ନାହାଁନ୍ତି। ବ୍ଲକ କାର୍ଯ୍ୟାଳୟରେ ଔର ଓ ପଞ୍ଚାୟତ ଏକ୍ସିକ୍ୟୁଟିଭ ଅଫିସରଙ୍କ ଅଭାବ ରହିଛି। ଜଣେ ଜଣେ ଏକାଧିକ ଗ୍ରାମ ପଞ୍ଚାୟତର ଦାୟିତ୍ୱ ନେବାକୁ ପଡୁଛି, ଯାହା କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ କରୁଛି। ପୂର୍ବରୁ ବ୍ଲକ ପରିସରରେ ଥିବା ଫିସେରିଜ ଏକ୍ସଟେନସନ ଅଫିସର ଅଫିସ ବର୍ତ୍ତମାନ କେଉଁଠି ଅଛି ତାହା ସାଧାରଣ ଲୋକେ ଜାଣିପାରୁନାହାଁନ୍ତି। ସେହିପରି ଇଣ୍ଡଷ୍ଟ୍ରି ପ୍ରମୋସନ ଅଫିସ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ବେତନଟୀ କଲେଜ ହାତଗଣତି ଅଧ୍ୟାପକଙ୍କୁ ନେଇ ଚଳାଯାଉଛି। ସ୍ଥାନୀୟ ଲୋକେ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ସରକାର ଏହାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

### ବୈତରଣୀ ଜଳପତ୍ତନ ବଢୁଛି

## ବନ୍ୟା ମୁକାବିଲା ରିଲିଫ୍ ବୋଟ୍ ପରିତ୍ୟକ୍ତ





ଆନନ୍ଦପୁର, ୨୪।୬(ସମିସ)

ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ଦୁଇଦିନଧରି ଝିପିଝିପି ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୩୪.୩୮୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ମୁକାବିଲା ପାଇଁ ଥିବା ଦୁଇଟି ବୋଟ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏହାର ମରାମତି କରାଯାଉନାହିଁ। ଆନନ୍ଦପୁର ବ୍ୟାରେଜ ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଉଥିବାରୁ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ବ୍ୟାରେଜର ଗେଟ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ଗତ ଦୁଇ ଦିନ ମଧ୍ୟରେ ଆନନ୍ଦପୁରରେ ୨୯ ମିଲିମିଟର, ଚମ୍ପୁଆରେ ୪.୨ ମିଲିମିଟର ସ୍ୱାମପାଟଣାରେ ୩.୮ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀରେ ୩୭.୪୪୫ ମିଟରରେ ସତର୍କ ସଂକେତ ଥିବାବେଳେ ଆଜି ସନ୍ଧ୍ୟା ସୁଦ୍ଧା ୩୪.୩୮୦ମିଟରରେ ନଦୀ ଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି।

# ୩ ଆନ୍ତଃ ଜିଲ୍ଲା ଡକାୟତ ଗିରଫ; ମାରଣାସ୍ତ୍ର ଜବତ

ବୈଶିଙ୍ଗା, ୨୪।୬(ସମିସ)

ବୈଶିଙ୍ଗା ଥାନାଠାରୁ ମାତ୍ର ୫୦୦ମିଟର ଦୂରରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ବଡ ଧରଣର ଡକାୟତ ଗ୍ୟାଙ୍ଗକୁ କାବୁ କରିଛି ପୁଲିସ। ପୁଲିସ ମାରଣାସ୍ତ୍ର ସହିତ ୩ ଅନ୍ତଃ ଜିଲ୍ଲା ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ଅନ୍ୟ ୩ ଜଣ ଫେରାର ଅଛନ୍ତି। ସେମାନଙ୍କ ନିକଟରୁ ପୁଲିସ ଖଣ୍ଡା, କଟୁରୀ, ଲୁହାରଡ଼, ବାଇକ ଓ କାର ଜବତ ହୋଇଛି। ଗିରଫ ଡକାୟତ ହେଲେ ବାଲେଶ୍ୱର ସଦର ଥାନା ଅଧୀନ ଫୁଲାଡ଼ି ଉପକଣ୍ଠ ନଗରମ ଅଞ୍ଚଳର ଅଶୋକ ପରିଡାଙ୍କ ପୁଅ କରନ, ତୁନଜ ବିଶ୍ୱାଳଙ୍କ ପୁଅ ସମ୍ବିତ ଓ ଅନ୍ୟ ଜଣେ ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ଅଞ୍ଚଳର



ଦେବୁ ଓରଫ ମହେଶ୍ୱର ଦାସ। ସୋମବାର ସନ୍ଧ୍ୟାରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କିଛି ଯୁବକ ମାରଣାସ୍ତ୍ର ସହିତ ସନ୍ଦେହ ଜନକ ଭାବେ କିଛି ଯୋଜନା କରୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ଦେବାଶିଷ ମଣ୍ଡଳ, ବୋଇତ ବେହେରା, ଏସଆଇ ଶୁଭ୍ରାଂଶୁ ରାଉଳ ପ୍ରମୁଖ ଏକ ଟିମ ଗଠନ କରି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ପୁଲିସ ଭ୍ୟାନକୁ ଦେଖି ଡକାୟତମାନେ ଖସି ଉଦ୍ୟମ କରୁଥିବାବେଳେ ପୁଲିସ ମାଡ଼ି ବସିଥିଲା। ଅନ୍ୟମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପୁଲିସ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି।

## ଫାଇଲେରିଆ ଚିହ୍ନଟ ପାଇଁ ରକ୍ତ ନମୁନା ସଂଗ୍ରହ



କରଞ୍ଜିଆ,୨୪।୬(ସମିସ): କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୯ ଓ ୧୦ରେ ଏକ ଫାଇଲେରିଆ ଚିହ୍ନଟ ନିମିତ୍ତ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାତ୍ରିକାଳୀନ ଫାଇଲେରିଆ ଚିହ୍ନଟ ନିମନ୍ତେ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ୱାର୍ଡ ନମ୍ବର ୧୦ର ଆଶା କର୍ମୀ ବିନତା ବେହେରା ଏବଂ ଅଙ୍ଗନୱାଡି କର୍ମୀ ରିତାଞ୍ଜଳୀ ବେହେରା ଓ ୱାର୍ଡ ନମ୍ବର ୯ର ଅଙ୍ଗନୱାଡି କର୍ମୀ ନୀଳାଦ୍ରି ଦେହୁରୀ ଓ ଆଶା କର୍ମୀ ଆଶାଲତା ରାଉଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ଏଲଟି ରାକେଶ କୁମାର ମହାନ୍ତ ସହଯୋଗରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଶିବିରରେ ଚିହ୍ନଟ ହୋଇଥିବା ରୋଗୀଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ପ୍ରଦାନ କରାଯିବା ସହିତ ଔଷଧ ଦିଆଯାଇ ଫାଇଲରିଆର ସଂପୂର୍ଣ୍ଣ ନିରାକରଣ କରାଯିବା ନିମନ୍ତେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ବ୍ଲକସ୍ତରୀୟ ମଶାରୀ ବଣ୍ଟନ ଶୁଭାରମ୍ଭ



କରଞ୍ଜିଆ,୨୪।୬(ସମିସ): କରଞ୍ଜିଆରେ ବ୍ଲକ ସ୍ତରୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଳା ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇ ଔଷଧ ବୋଳା ମଶାରିକୁ ହିତାଧିକାରୀଙ୍କୁ ବାଣ୍ଟିନ କରିଥିଲେ। କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାଏକ, ବଳା ସରପଞ୍ଚ ସ୍ମିତା ନାଏକ, ତାଟ ମେଡ଼ିକାଲ ଅଧୀକ୍ଷକ ଡାକ୍ତର ସତ୍ୟପ୍ରକାଶ ଧଳ, ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ମହାନ୍ତ ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ଏହି ମଶାରୀ ଟାଣି ଶୋଇବାକୁ ହିତାଧିକାରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମେଲେରିଆ ଦୂରୀକରଣ ନିମନ୍ତେ ସଚେତନ ଅବଲମ୍ବନ ନିମନ୍ତେ ଔଷଧ ବୋଳା ମଶାରୀ ଟାଣି ଶୋଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହାର ବ୍ୟବହାର କିପରି କରାଯିବ ଡାକ୍ତର ସତ୍ୟପ୍ରକାଶ ଧଳ ହିତାଧିକାରୀଙ୍କୁ ଅବଗତ କରାଇଥିଲେ।

## ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

କରଞ୍ଜିଆ,୨୪।୬(ସମିସ): କରଞ୍ଜିଆ ଥାନା ପାଟବିଲ ପଞ୍ଚାୟତର ବିଶିପୁର ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଅଜିତ ବିରୁଆ ପୁରୀକୁ କାମ କରିବା ପାଇଁ ଯାଇଥିଲେ। ଘରେ ତାର ସ୍ତ୍ରୀ ସୂର୍ଯ୍ୟମଣି ବିରୁଆ ଓ ଦୁଇଟି ଛୋଟ ଶିଶୁ ଥିଲେ। ରବିବାର ରାତିରେ ଖାଇ ସାରି ଛୁଆଦୁହିଁଙ୍କୁ ପାଖରେ ଧରି ସୂର୍ଯ୍ୟମଣି ଶୋଇଥିଲା। ରାତିରେ ଏକ ବିଷାକ୍ତ ସାପ ଘର ଭିତରକୁ ପଶି ସୂର୍ଯ୍ୟମଣିଙ୍କୁ କାମୁଡି ଦେଇଥିଲା। ପରେ ତାଙ୍କୁ କରଞ୍ଜିଆ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଚିକିତ୍ସାଳୟକୁ ଆଣିବା ବାଟରେ ମୃତ୍ୟୁ ଘଟିଥିଲା। ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଚୋରା ଦେଶୀମଦ କାରଖାନା ଉପରେ ଚଢ଼ଉ

ବୈଶିଙ୍ଗା, ୨୪।୬(ସମିସ): ବୈଶିଙ୍ଗା ଥାନା ଅଧୀନ ବିଦୁକୁଡ଼ିଆ, ହାତୀପତୁକା ଏବଂ ବାଲକା ଜଙ୍ଗଲରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗର ବେତନଟୀ ଓ ସାଟେଲାଇଟ ଟିମ ମିଳିତ ଚଢଉ କରିଥିଲା। ମଙ୍ଗଳବାର ଅପରାହ୍ନ ଚାରିଟା ସୁଦ୍ଧା ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଏବଂ ମଦ ପ୍ରସ୍ତୁତିରେ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରାଯାଇଛି। ଅବକାରୀ ବିଭାଗର ସାଟେଲାଇଟ ଟିମ ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଚଢଉରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ନିଜର ଟିମ ସହିତ ସାମିଲଥିଲେ। ବିଦୁକୁଡିଆ, ହାତୀପତୁକା ଏବଂ ବାଲକା ଜଙ୍ଗଲରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ଚଢାଉକରି ୩ହଜାର ଏକଶହ କିଲୋଗ୍ରାମ ଓଜନର ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ୧୨୫ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ସେହିଭଳି ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେକଚି ସମେତ ପ୍ଲାଷ୍ଟିକ ଜାର୍କିନ ଜବତ କରାଯାଇଛି। ଏନେଇ ଅବକାରୀ ବିଭଗର ସାଟେଲାଇଟ ଟିମ ଓ ବେତନଟୀ ଅବକାରୀ ଥାନାପକ୍ଷରୁ ଏକାଧିକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତେବେ ଅବକାରୀ ବିଭଗାର ମିଳିତ ଟିମ ଚଢାଉ ସମୟରେ ମଦମାଫିଆ ମାନେ ଜଙ୍ଗଲ ଭିତରେ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ।

## କଂଗ୍ରେସର ସମ୍ବିଧାନ ବଞ୍ଚାଓ ଶୋଭାଯାତ୍ରା

ବାରିପଦା, ୨୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ କମିଟି ତରଫରୁ ମଙ୍ଗଳବାର ସମ୍ବିଧାନ ବଞ୍ଚାଓ ଶୋଭାଯାତ୍ରା କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ସଂଯୋଜିକା ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ୍, ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରିୟା ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପଞ୍ଚାନନ ମଣ୍ଡଳଙ୍କ ନେତୃତ୍ୱରେ ଏକ ହଜାରରୁ ଅଧିକ କଂଗ୍ରେସ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେପି ସରକାର ଭାରତର ସମ୍ବିଧାନ ପାଇଁ ବିପଦ। ଏଣୁ ଦେଶ ବଞ୍ଚାଇବା ପାଇଁ ସମ୍ବିଧାନ ବଞ୍ଚାଇବା ଜରୁରୀ ବୋଲି ପ୍ରଭାସ କର ମହାପାତ୍ର, ପ୍ରମୋଦ କୁମାର ହେମ୍ବ୍ରମ୍, ଦୁର୍ଗା ଚରଣ ଟୁଡ୍ଡୁ, ମୁରଲୀଧର ନାଏକଙ୍କ ସହିତ ଜ୍ୟୋତି ପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ନିରୋଜ ଲୋଚନ ଦାସ, ପ୍ରଦୀପ ମିଶ୍ର, ଶାନ୍ତନୁ ପାଲ, ବୃନ୍ଦାବତୀ ମହାପାତ୍ର, ରଶ୍ମିତା ମିଶ୍ର, ଇତି ମିଶ୍ର, ଛାତ୍ର ନେତା ହରିହର ସାହୁ, ଯୁବ ନେତା ମହମ୍ମଦ ନାଜିର ଉଲ୍ ହକ ଓ ଅଶୋକ ପଟ୍ଟନାୟକ ପ୍ରମୁଖ କହିଥିଲେ।



## ଟଙ୍କା ଓ ସୁନାଲଙ୍କାର ଭର୍ତ୍ତି ବ୍ୟାଗ ରାସ୍ତାରେ ପକାଇ ଦେଇ ଦମ୍ପତି ହତାଶ

ବେତନଟୀ,୨୪।୬(ସମିସ): ଭାଇ ବାହାଘରରେ ଯୋଗଦେବା ସହିତ ସାଙ୍ଗରେ ଉପହାର ଦେବାକୁ ସୋମବାର ରାତିରେ ବେତନଟୀ ବଜାରରୁ ମୁକ୍ତାପୁର ଯାଉଥିବା ବେଳେ ରାସ୍ତାରେ ନଗଦ ଟଙ୍କା ଏବଂ ସୁନାଅଲଙ୍କାର ଭର୍ତ୍ତି ଭ୍ୟାନିଟି ବ୍ୟାଗ ଖସାଇ ଦମ୍ପତ୍ତି ହତାଶ ହୋଇପଡିଛନ୍ତି। ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମର ସୁରେନ୍ଦ୍ର ବସନ୍ତିଆଙ୍କ ସ୍ତ୍ରୀ ନୟନା ବସନ୍ତିଆ ଭାଇ ବାହାଘରରେ ଯୋଗଦେବାକୁ ସୋମବାର ରାତି ୮ଟା ପାଖାପାଖିରେ ବେତନଟୀ ବଜାରରୁ ଉପହାର କିଣାକିଣି କରି ବାହାନଡା ଗାଁ ଦେଇ ମୁକ୍ତାପୁର ଯାଉଥିଲେ। ନୟନା ନିଜ ଭ୍ୟାନିଟି ବ୍ୟାଗରେ ନଗଦ ୬୪ହଜାର ଟଙ୍କା ସମେତ ସୁନାଚେନ୍, ଏକହଳ କାନଫୁଲ, ଦୁଇଟି ସୁନାମୁଦି, ନାକଫୁଲ ଏବଂ ରୂପା ପାଉଜି ଏହିଭଳି ଲକ୍ଷାଧିକ ଟଙ୍କାର ସୁନାରୂପା ଅଲଙ୍କାର ନେଇ ଯାଉଥିଲେ। ତେବେ ବାଇକ ପଛରେ ବସିଥିବା ନୟନା ଅନ୍ୟମନସ୍କ ଏବଂ ଅସାବଧାନତା କାରଣରୁ ରାସ୍ତାରେ କେଉଠି ବ୍ୟାଗକୁ ପକାଇ ଦେଇଥିଲେ। ମୁକ୍ତାପୁରରେ ପହଞ୍ଚିତ୍ ନଗଦ ଟଙ୍କା ଏବଂ ସୁନାରୂପା ଅଲଙ୍କାର ଥିବା ବ୍ୟାଗଟି ନପାଇ ହତୋତ୍ସାହିତ ହୋଇପଡିଥିଲେ। ବ୍ୟସ୍ତ ବିବ୍ରତ ହୋଇ ଅନ୍ଧାର ରାତିରେ ପୁଣି ରାସ୍ତାରେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ଟଙ୍କା ଓ ଅଳଙ୍କାର ଥିବା ଭ୍ୟାନିଟି ବ୍ୟାଗର କୌଣସି ସନ୍ଧାନ ପାଇପାରିନଥିଲେ। ଶେଷରେ ନିରାଶହୋଇ ଫେରିଥିବା ବେଳେ କୌଣସି ସହୃଦୟବ୍ୟକ୍ତି ଉକ୍ତ ଭ୍ୟାନିଟି ବ୍ୟାଗ ପାଇଥିଲେ ଫେରାଇବାକୁ ଆକୁଳ ନିବେଦନ କରିଛନ୍ତି।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନାକରି ସାମୂହିକ ପ୍ରଦୀପ ପ୍ରଜ୍ୱଳନ



ବେତନଟୀ,୨୪।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନାକରି ବେତନଟୀ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରାଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି। କଲେଜରେ ଅଧ୍ୟୟନରତ ବିଜୁ ଛାତ୍ର ଜନତାଦଳର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ବିଜୁ ଛାତ୍ର ଜନତାଦଳର ବେତନଟୀ ବ୍ଲକସଭାପତି ମନୀଷ କୁମାର ଗିରି, ଛାତ୍ରନେତା ଚିତ୍ତେଶ୍ୱର ବେହେରା, ସୌରଭ ପରିଡା, ମନୁ ସାହୁ ପ୍ରମୁକ ଉପସ୍ଥିତ ଥିଲେ। ମହାପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ଜନନାୟକ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କମଳ ଲୋଚନ ହେମ୍ବ୍ରମ, ନବୀନ ବେହେରା, ବିକାଶ ସେନାପତି, ନଳିନୀକାନ୍ତ ସିଂ, ସରୋଜ ସାହୁ, ଓମପ୍ରକାଶ, ଲକ୍ଷ୍ମୀପ୍ରିୟା, ମାମା, ମଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ସୁରେଇଡିହିରେ ପଞ୍ଚାୟତ ସ୍ତରୀୟ ଝୁମର କାର୍ଯ୍ୟକ୍ରମ



ବେତନଟୀ,୨୪।୬(ସମିସ): ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହିଠାରେ ପଞ୍ଚାୟତସ୍ତରୀୟ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ନରେନ୍ଦ୍ର ନାଥ ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ ଓ ଝୁମର ଢୋଲ ବାଦକ ତଥା କଣ୍ଠଶିଳ୍ପୀ ରବୀନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରଜନୀକାନ୍ତ ମହାନ୍ତ କୁଡୁମୀ ଜାତିର ପ୍ରଥା, ପରମ୍ପରା, ସଂସ୍କୃତି ଓ କୁଡୁମାଲି ଭାଷାର ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ଗ୍ରାମରେ ଝୁମର କାର୍ଯ୍ୟକ୍ରମ କରିବା ପାଇଁ କୁଡୁମୀ ବନ୍ଧୁଙ୍କୁ ଅନୁରୋଧ କରିଥିଲେ। ଶୃଙ୍ଖଳିତ ଓ ସଂସ୍କୃତି ସମ୍ପନ୍ନ ସମାଜ ଗଠନ ପାଇଁ ନିଶା ନିବାରଣ ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ସୁରେଇଡିହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ବିଶିଷ୍ଟ ଝୁମର ଶିଳ୍ପୀ ସୁକାନ୍ତ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ବୈକୁଣ୍ଠ ମହାନ୍ତ, ସଦାନନ୍ଦ ମହାନ୍ତ, ନବକିଶୋର ମହାନ୍ତ, ପଞ୍ଚାନନ ମହାନ୍ତ, ସୁଶାନ୍ତ ମହାନ୍ତ, ପ୍ରଶାନ୍ତ ମହାନ୍ତ, ସୁଲୋଚନା ମହାନ୍ତ, ମାଲତୀ ମହାନ୍ତ, ମନ୍ଦାକିନୀ ମହାନ୍ତ, ଜୟଶ୍ରୀ ମହାନ୍ତ, ରଶ୍ମି ମହାନ୍ତ, ଝୁନପୁକି ମହାନ୍ତ, ପୁଷ୍ପଲତା ମହାନ୍ତ, ସୁଭଦ୍ରା ମହାନ୍ତ, ପଦ୍ମିନୀ ମହାନ୍ତ ଓ ଅନିତା ମହାନ୍ତ ପ୍ରମୁଖ ଝୁମର ନୃତ୍ୟ ପରିବେଷଣ କରିଥିଲେ।





**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ଼-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ଼-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ଼ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ଼ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣପୁର | 28.06.25 | 0245 | 28.06.25 | 1230 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ଼-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ଼-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ଼ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ଼ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣପୁର | 06.07.25 | 0245 | 06.07.25 | 1230 |

**05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ଼-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ଼-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

**06. ସୁନା ବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ଼ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ଼ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣପୁର | 07.07.25 | 0245 | 07.07.25 | 1230 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଲାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ଼-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଲାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ଼ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

**09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ବୀରମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | ଜୁନାଗଡ଼ ରୋଡ଼-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ଼ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋନ୍ଦିୟା-ଖୋର୍ଦ୍ଧା ରୋଡ଼ | 26, 28 ଏବଂ 30.06.25<br>02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ଼ ପର୍ଯ୍ୟନ୍ତ ଚଳାଚଳ କରିବ

**10. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ବୀରମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-ଜୁନାଗଡ଼ ରୋଡ଼ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ଼-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ଼-ଗୋନ୍ଦିୟା | 28 ଏବଂ 29.06.25<br>01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ଼ ଠାରୁ ଛାଡିବ

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ।
ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP
UTS ON MOBILE
or DOWNLOAD from Play Store
UTS ON MOBILE ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନଲୋଡ୍ କରନ୍ତୁ



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
D-5/25-26
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

ସକାଳ
THE SAKALA

# ଶାନ୍ତି-ସୌଦାଗର

ସାମ୍ପ୍ରତିକ ଅଣୁଘଟକ(କାଟାଲିଷ୍ଟ)-ଅବଦମିତ ବିଶ୍ୱର ବିଡ଼ମ୍ବନା ହେଲା ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱର ଉତ୍ପ୍ରେରକମାନେ ହିଁ ଶାନ୍ତି, ସହାବସ୍ଥାନ ଓ ସ୍ଥିରତାର ନିୟନ୍ତ୍ରକ ଓ ବାର୍ତ୍ତାବହ। ଆଉଟିକେ ସରଳ ଶବ୍ଦରେ ବୁଝାଇ କହିଲେ - ଯେତେବେଳ ପର୍ଯ୍ୟନ୍ତ କଂସେଇମାନେ ମାଂସ କାଟିବା ପାଇଁ ଅନିଚ୍ଛା ପୋଷଣ କରିନାହାନ୍ତି କିମ୍ବା ମଦବିକ୍ରେତାମାନେ ଉତ୍ପାଦନ କିମ୍ବା ବିକ୍ରି ବନ୍ଦ କରିନାହାନ୍ତି କିମ୍ବା ସମରବିଳାସୀମାନେ ଗୁଳିଗୋଳା ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବୀତସ୍ପୃହ ହୋଇନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ହିଂସାମୁକ୍ତ, ନିଶାମୁକ୍ତ, ଯୁଦ୍ଧମୁକ୍ତ ବିଶ୍ୱ ବା ସମାଜ ଗଠନ ପରୀରାଇଜର ସ୍ୱପ୍ନ ସହ ସମାନ। ଆଜିର ବିଶ୍ୱରେ ଯେଉଁ ଅଣୁଘଟକମାନେ ସମସ୍ୟା ସୃଷ୍ଟି କରନ୍ତି, ସେମାନେ ହିଁ ସମାଧାନର ସୂତ୍ର ବତାଇ ଦିଅନ୍ତି। ବସ୍ତୁତଃ ସେମାନେ ସମାଧାନର ସୂତ୍ର ହାତମୁଠାରେ ଲୁଚାଇ ରଖି ସମସ୍ୟା ସୃଷ୍ଟି କରନ୍ତି। ଏହି ପୃଷ୍ଠଭୂମିରେ ଏକ ଆଶ୍ୱସ୍ତିର ବିଷୟ ଏହା ହେବ ଯେ ସେହି ଅଣୁଘଟକମାନେ ସେମାନଙ୍କ ସମାଜ ଓ ସଭ୍ୟତା ବିରୋଧୀ କାର୍ଯ୍ୟକଳାପକୁ ଯେତେ ସଂକୁଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବେ ତାହା ସେତିକି ଅଶାନ୍ତିର ବାତାବରଣ ହ୍ରାସ କରିବ। ନାହିଁ ମାମୁଠାରୁ କଣା ମାମୁ ଭଲ ନ୍ୟାୟରେ ତାହା 'ସ୍ଥିର-ଶାନ୍ତି' ନ ହେଲେ ମଧ୍ୟ ପରୋକ୍ଷରେ ଏକ 'ଛାୟା-ଶାନ୍ତି'ର ବାର୍ତ୍ତା ଦେବ। ଗତକିଛିଦିନ ଧରି ବିଶ୍ୱର ସର୍ବବୃହତ୍ ଗୁଳିଗୋଳା ଓ ଯୁଦ୍ଧାସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ଆମେରିକାର ମତିଗତି ଲକ୍ଷ୍ୟ କଲେ ସେଥିରେ ବିଶ୍ୱ ପାଇଁ ଯେ ଏକ 'ଛାୟା-ଶାନ୍ତି' ପ୍ରତିଷ୍ଠାର ସନ୍ଦେଶ ଅଛି ତାହା ବୁଝାପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଅଦ୍ୟାବଧି ବିଶ୍ୱରେ ଯେତେସବୁ ଯୁଦ୍ଧ ଓ ଦ୍ୱନ୍ଦ୍ୱର ଘନଘଟା ସୃଷ୍ଟି ହୋଇଛି ତା'ପଛରେ ପ୍ରଚ୍ଛନ୍ନ ଭୂମିକା ଯେ ଆମେରିକାର ରହିଛି ତାହା ଆଉ ପ୍ରମାଣ କରିବାକୁ ବାକି ନାହିଁ। ଭିଏତ୍ନାମରୁ ଆରମ୍ଭ କରି ଇରାକ୍, ଆଫ୍‌ଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଭାରତ-ପାକିସ୍ତାନ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦରେ ଆମେରିକାର ବଡ଼ଭାଇ ପଣିଆ ପରିସ୍ଥିତିକୁ ଅଧିକ ଜଟିଳ କରିଛି ଏବଂ ବିବାଦର ସ୍ଥାୟୀ ସମାଧାନ ବଦଳରେ ସମସ୍ୟା ଅଧିକ ବିଳମ୍ବିତ ହୋଇଛି। ଅଥଚ ବିଡ଼ମ୍ବନା ହେଉଛି ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏବେ ସେହି ଦୌଡ଼ରେ ଆଉ ଜଣେ ତଥାକଥିତ ଶାନ୍ତିର ସୌଦାଗର ଭାବେ ଡୋନାଲ୍ଡ ଟ୍ରମ୍ପ ନିଜକୁ ସାମିଲ୍ କରିଛନ୍ତି।

ଆମେରିକାର ପ୍ରଥମ ରାଷ୍ଟ୍ରପତିତ୍ୱ ପାଳିରେ ଟ୍ରମ୍ପ ମହାଶୟ ଅଯାଚିତ ଭାବେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଆଗ୍ରହ ପ୍ରକାଶ କରି ନୋବେଲ୍ ଶାନ୍ତି ପୁରସ୍କାର ଦୌଡ଼ରେ ପ୍ରଥମ ପାଦ ରଖିଥିଲେ। ସେ ଦିଗରେ ସେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟଙ୍କ ସହିତ ହ୍ୱାଇଟ୍ ହାଉସ୍‌ରେ ଆଲୋଚନା ମଧ୍ୟ କରିଥିଲେ। କିନ୍ତୁ ଦୌଡ଼ରେ ଦ୍ୱିତୀୟ ପାଦ ପକାଇବା ପୂର୍ବରୁ ସମୟ ତାଙ୍କଠାରୁ ରାଷ୍ଟ୍ରପତି ପଦ କାଢ଼ି ନେଲା। ନୋବେଲ୍ ଶାନ୍ତି ପୁରସ୍କାରର ଲାଳସା ତାଙ୍କୁ ଏବେ ଏତେ ବ୍ୟଗ୍ର କରିଛି ଯେ ଅଗତ୍ୟା ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ ନିର୍ବାଚିତ ହେବା ପରଠାରୁ ସେ ଉନ୍ମାଦ ପ୍ରାୟ ଗୋଟିଏ ପରେ ଗୋଟିଏ ଅସଫଳ ଉଦ୍ୟମ କରି ଲୋକହସା ହୋଇଆସୁଛନ୍ତି। ପ୍ରଥମେ ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ନିଜଆଡ଼ୁ ମଧ୍ୟସ୍ଥତା କରି ଅପଦସ୍ତ ହେବା ପରେ 'ଅପରେସନ୍ ସିନ୍ଦୂର'ରେ ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାରେ ତାଙ୍କ ଆତୁରତା ବାରି ହେଲା ସିନା ତାଙ୍କୁ ନୋବେଲ୍ ପ୍ରତିଯୋଗିତାରେ ପ୍ରତିସ୍ପର୍ଦ୍ଧାର ଶ୍ରେୟ ଦେଇପାରିଲା ନାହିଁ। ସେଥିରେ କିନ୍ତୁ ଚତୁର ଟ୍ରମ୍ପ ହତୋତ୍ସାହିତ ହୋଇ ନାହାନ୍ତି ବରଂ ଆଉ ଏକ ପରୀକ୍ଷା ପାଇଁ ମଧ୍ୟପ୍ରାଚ୍ୟକୁ ବାଛିଛନ୍ତି।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଅନୁଷ୍ଠିତ ହେବା, ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକା ହୋଇ ନ ପାରେ। ଏହାପଛରେ ଟ୍ରମ୍ପଙ୍କ ଶାନ୍ତି ଦୂତ ହେବାର ଲାଳସା କେତେ ଉତ୍କଟ ତାହା ସ୍ପଷ୍ଟ ହେଉଛି। କେବଳ ଇରାନ୍ ଯେ ଲୁଚାଛପାରେ ଆଣବିକ କାର୍ଯ୍ୟକଳାପ ଜାରି ରଖିଛି ତା'ନୁହେଁ। ଇସ୍ରାଏଲ୍ ମଧ୍ୟ ସମପଥର ଯାତ୍ରୀ। ଉତ୍ତରକୋରିଆ, ପାକିସ୍ତାନ ଭଳି ବିପଜ୍ଜନକ ସେନାଶାସନ କବଳିତ ରାଷ୍ଟ୍ର ହାତରେ ମଧ୍ୟ ଅଣୁଅସ୍ତ୍ର ରହିଛି। ତେବେ ହଠାତ୍ ସେମାନେ କିପରି ସୁନା ପୁଅ ହୋଇଗଲେ, ଅଥଚ ଇରାନ୍ ପଟୁ ବିଶ୍ୱକୁ ଏତେ ବଡ଼ ବିପଦ ଟ୍ରମ୍ପଙ୍କୁ ଦେଖାଗଲା? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଟ୍ରମ୍ପଙ୍କ ଇରାନ୍ ବିରୋଧୀ ଆଭିମୁଖ୍ୟର ଉଦାହରଣ ସ୍ୱତଃସାମ୍ନାକୁ ଆସେ। ୨୦୧୧ରେ ଇରାନ୍ ସହିତ ଆମେରିକା ସ୍ୱାକ୍ଷର କରିଥିବା ଆଣବିକ ଚୁକ୍ତିକୁ ୨୦୧୮ ମସିହାରେ ଟ୍ରମ୍ପ ବାତିଲ୍ କରିଦେବା ପରେ ଆଗକୁ କ'ଣ ହେବାକୁ ଯାଉଛି ତାହା କିଛିଟା ବୁଝା ପଡୁଥିଲା, ଯାହା ଏବେ ଅଧିକ ସ୍ପଷ୍ଟ ହୋଇଛି।

ସାମ୍ପ୍ରତିକ ଆମେରିକା ଅଧ୍ୟୁଷିତ ଭୂରାଜନୈତିକ ସମୀକରଣ ଅନୁଯାୟୀ ଯୁଦ୍ଧ ପରିସ୍ଥିତି ସୃଷ୍ଟି ନ ହେବା ପର୍ଯ୍ୟନ୍ତ ଶାନ୍ତିର କଥା ଉଠିବ କେମିତି? ତେଣୁ ଯେଉଁଠି ଯୁଦ୍ଧର ସମ୍ଭାବନା ନାହିଁ ସେଠାରେ ତାହାର ସୂତ୍ରପାତ କରି ପୁଣି ସାଧୁ ବେଶରେ ଅବତୀର୍ଣ୍ଣ ହେବାକୁ ପଡ଼ିବ କିମ୍ବା ଯେଉଁଠି ଯୁଦ୍ଧପରିସ୍ଥିତି ସୃଷ୍ଟି ହୋଇସାରିଛି ସେଠାରେ ଶାନ୍ତିର ଧ୍ୱଜା ଧରି ଧସେଇ ପଶିବାକୁ ହେବ। ଏହି ଗଳଦ୍‌ଘର୍ମ ଉଦ୍ୟମ ଟ୍ରମ୍ପ ମହାଶୟ କରିଚାଲିଛନ୍ତି। ଆମେରିକା ଏବେ ବିଶ୍ୱକୁ ଏଭଳି ଏକ ଯୁଦ୍ଧ ବଜାରରେ ପରିଣତ କରିଦେଇଛି, ଯେଉଁଠାରେ ସେ ପ୍ରଭୂତ ଧନ-ଜୀବନ ବଦଳରେ ଶାନ୍ତିର ସଉଦା କରିପାରିବ ଏବଂ ଶାନ୍ତିର ବାର୍ତ୍ତାବହ ଭାବେ ନିଜକୁ ବିଶ୍ୱସ୍ୱୀକୃତି ଦେଇପାରିବ। ବିଶ୍ୱର ଆଉ ଏକ ବିଡ଼ମ୍ବନା ହେଲା ବିଶ୍ୱର ଏହି ସମର ସୌଦାଗରକୁ ଶାନ୍ତିର ଦୂତ ଭାବେ ସ୍ୱୀକୃତି ଦେବା ପାଇଁ ସୁପାରିସ କରିଛି ପାକିସ୍ତାନ ଭଳି ଆତଙ୍କବାଦୀ ଉତ୍ପାଦନ ଓ ରପ୍ତାନୀର କୁଖ୍ୟାତି ଅର୍ଜନ କରିଥିବା ଏକ ଅସ୍ଥିର ଓ ଅସଫଳ ରାଷ୍ଟ୍ର। ଯଦି ପାକିସ୍ତାନର ଏହି ସୁପାରିସ ନୋବେଲ୍ ପୁରସ୍କାର ଚୟନ କମିଟି ଦ୍ୱାରା ଅନୁମୋଦିତ ହୁଏ ତେବେ ବିଶ୍ୱ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଯୁଦ୍ଧର ଘନଘଟା, ଅସ୍ଥିରତା ଓ ଅଶାନ୍ତିରୁ ସାମୟିକ ମୁକ୍ତି ପାଇବ। ଏହା କ'ଣ ଉପରବର୍ଣ୍ଣିତ 'ଛାୟା-ଶାନ୍ତି'ର ପଦଚିହ୍ନ ହେବ ନାହିଁ କି?

# ଅଶରୀରୀ କାହାଣୀର ସାମାଜିକ ଆବେଦନ

**ଡକ୍ଟର ଅବଶ ପରିଡ଼ା**

ଭୂତଗପ ହେଉଛି ଭାରତୀୟ ଲୋକକଥାର ଏକ ପ୍ରମୁଖ ଅଂଶ। ସମାଜବିଜ୍ଞାନର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଗଣିତ ଭୂତଗପ ସହିତ ଆମ ଦେଶରେ ୮୫ ରୁ ଅଧିକ ପ୍ରକାରର ଭୂତ ଅଛନ୍ତି। ଭୂତଙ୍କ ଭୟ ଓ ପ୍ରଭାବ ଅନୁଯାୟୀ ସମାଜ ସେମାନଙ୍କ ପଦାନୁକ୍ରମ ମଧ୍ୟ ସ୍ଥିର କରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନେକ ପ୍ରକାରଭେଦ ଓ ବର୍ଗୀକରଣ ସତ୍ତ୍ୱେ ଦେଶର ବିଭିନ୍ନ ସ୍ଥାନ, ସଂସ୍କୃତି ଏବଂ ସମ୍ପ୍ରଦାୟରେ ଭୂତ ଓ ଭୂତଗପ ମଧ୍ୟରେ ଏକ ଅଦ୍ଭୁତ ସମାନତା ଅଛି। ଦୁଇଟି ଭିନ୍ନ ଚିନ୍ତାଧାରା ଦ୍ୱାରା ପରିଚାଳିତ ଭୂତ ଲୋକକଥା। ପ୍ରଥମ ଚିନ୍ତାଧାରା କୁହେ ଯେ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ସଂସ୍କୃତି ପାଇଁ ଭୂତଗପ ହେଉଛି ଅଜଣା ରହସ୍ୟକୁ ଜାଣିବାର ଏବଂ ଭୟକୁ ସାମ୍ନା କରିବାର ଏକ ଉପାୟ। ଅପରପକ୍ଷେ, ସଂସ୍କୃତି ଓ ପରମ୍ପରା ମଧ୍ୟରେ ଭୂତଗପର ପ୍ରଚଳନ ଏକ ଲୋକପ୍ରିୟ କଳ୍ପନା ବୋଲି ସମାଜବିଜ୍ଞାନୀମାନେ ମତପୋଷଣ କରନ୍ତି।

ପ୍ରାଚୀନକାଳରୁ ଭୂତ, ପ୍ରେତ ଓ ଅଶରୀରୀ ଇତ୍ୟାଦି ଭାରତୀୟ ପୌରାଣିକ କାହାଣୀର ଅଂଶ ହୋଇଆସିଛନ୍ତି, ଯାହାର ଉଲ୍ଲେଖ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟରେ ମଧ୍ୟ ରହିଛି। ସେହିପରି ଋଗବେଦରେ ବିଭିନ୍ନ ପ୍ରକାରର ଆକାର ବର୍ଗୀକରଣ କଥା ଉଲ୍ଲେଖ ଅଛି। ଭୂତର ଅସ୍ତିତ୍ୱକୁ ପ୍ରାୟ ସମସ୍ତ ଭାରତୀୟ ସଂସ୍କୃତିରେ ଗ୍ରହଣ କରାଯାଇଛି। ଏସବୁ ଆମ ଲୋକକଥା ବା 'ଆଇ ମା କାହାଣୀ'ରେ ପ୍ରତିଫଳିତ। ଭୂତଗପ ହେଉଛି ଏକ ଲୋକପ୍ରିୟ ସାଂସ୍କୃତିକ ବିଶ୍ୱାସ। ଏହା ସାମାଜିକ ଅବସ୍ଥା, ପରମ୍ପରା, ଆତ୍ମା ଓ ଅଲୌକିକ ସତ୍ତା ଉପରେ ଥିବା ସାମାଜିକ ମତାମତର ପ୍ରତିଫଳନ। ଚୁମ୍ବକରେ କହିବାକୁ ଗଲେ, ଭୂତକାହାଣୀ ହେଉଛି ସାମାଜିକ ଗତିଶୀଳତା ଏବଂ ପାରସ୍ପରିକ କ୍ରିୟାକୁ ପ୍ରଭାବିତ କରୁଥିବା ଆମ ଲୋକକଥାର ଏକ ଉପଧାରା। ଐତିହାସିକ ଓ ସମସାମୟିକ ପ୍ରସଙ୍ଗରୁ ଏହାର ଉତ୍ପତ୍ତି। ସମାଜବିଜ୍ଞାନର ଏକ ତତ୍ତ୍ୱ ଅନୁଯାୟୀ ଭୂତଗପ ହେଉଛି ସମ୍ପ୍ରଦାୟ ମଧ୍ୟରେ ବ୍ୟକ୍ତିବିଶେଷଙ୍କୁ ସଂଯୋଗ କରିବାର ଏକ ମାଧ୍ୟମ। ସେହିପରି ସମାଜବିଜ୍ଞାନୀମାନଙ୍କର ଅନ୍ୟ ଏକ ମହଲ ଯୁକ୍ତି କରନ୍ତି ଯେ ଏହା ହେଉଛି ବ୍ୟାପକ ସାଂସ୍କୃତିକ ମୂଲ୍ୟବୋଧ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିଛବି। ଅନେକାଂଶରେ ଏହି କାହାଣୀ ସବୁ ସାମାଜିକ ଉତ୍ତେଜନା, ସାମାଜିକ ସମ୍ପର୍କ, ସମ୍ପ୍ରଦାୟ ଚିନ୍ତା ଓ ବ୍ୟକ୍ତିଗତ ଅଭିଜ୍ଞତାକୁ ପରିପ୍ରକାଶ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ଭାବେ ପରିଗଣିତ ହୁଏ।

ଭୂତ କାହାଣୀ କହିବା ଏକ ସାଧାରଣ ଘଟଣା ଲାଗିପାରେ; କିନ୍ତୁ ଜାଣି ରଖିବାକୁ ହେବ ଯେ ଭୂତଗପ ମଧ୍ୟ ସମୟ ସହିତ ବିକଶିତ ହୋଇଛି। ଏବେ ଅନେକ ଅନଲାଇନ୍ ପ୍ଲାଟଫର୍ମ, ପୋଡ୍‌କାଷ୍ଟ, ୱେବସିରିଜ୍ ଓ ସାକ୍ଷାତକାରରେ ଭୂତ, ପ୍ରେତ ଓ ଆତ୍ମା ବିଷୟରେ ଆଲୋଚନା କରାଯାଉଛି। ଅତି ସତର୍କତା ଓ ଚମତ୍କାର ଶୈଳୀରେ ଡିଜାଇନ୍ କରାଯାଇଥିବା ଏହିସବୁ ଉପାଦାନ ଅନେକଙ୍କୁ ପ୍ରଭାବିତ କରୁଛି। ଭୂତମାନଙ୍କ ପ୍ରତି ସାମୂହିକ ଆକର୍ଷଣ ଦ୍ୱାରା ପରିଚାଳିତ ଏହି ଡିଜିଟାଲ୍ ଅଭିଯାନ ଅଜାଣତରେ ଏକ ସାମାଜିକ ଗତିଶୀଳତାରେ ପରିଣତ ହୋଇସାରିଛି। କୁହାଯାଏ, ଏହାର ଏକ ବିଶାଳ ବଜାର ଅର୍ଥନୀତି ମଧ୍ୟ ଅଛି। 'ଅନ୍ ଦ ବିଲିଫ୍ ଇନ୍ ଭୂତସ୍-ଡେଭିଲ୍ ଆଣ୍ଡ ଘୋଷ୍ଟ ଓରଶିପ୍ ଇନ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ ଚଳଚ୍ଚିତ୍ରଗୁଡ଼ିକରେ ପୁରୁଷପ୍ରଧାନ ଢାଞ୍ଚାକୁ ଆହ୍ୱାନ କରି ଭୂତମାନଙ୍କୁ ଏକ ସଶକ୍ତୀକରଣ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିନିଧି ଭାବରେ ଉପସ୍ଥାପନ କରାଯାଉଛି। ସାମାଜିକ ପ୍ରସଙ୍ଗ ଓ ଲୋକକଥାର ଉପାଦାନ ସହିତ ଭୂତ କାହାଣୀକୁ ମିଶାଇ ଆଧୁନିକ ଭାରତୀୟ ଚଳଚ୍ଚିତ୍ର ନିର୍ମାତାମାନେ ଏକ ନୂଆ ପ୍ରକାରର ସାଂସ୍କୃତିକ ଐତିହ୍ୟକୁ ଚିତ୍ରଣ କରୁଛନ୍ତି। ସ୍ତ୍ରୀ, ତୁମ୍ବାଡ଼, ବୁଲବୁଲ, ମୁଞ୍ଜ୍ୟ, କାନ୍ତାରା ଓ ଓଡ଼ିଆ ସିନେମା 'ବୋଉ', 'ବୁଟୁ', 'ଭୂତ' ଭଳି ଚଳଚ୍ଚିତ୍ରଗୁଡ଼ିକ ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ।

ଚିରୁଗୁଣି, ବାବନା ଭୂତ, ବ୍ରହ୍ମରାକ୍ଷସ, ଖବିସ, ମାଦଳ, ଡାହାଣୀ, ପ୍ରେତିନୀ ଓ କବନ୍ଧ ଭଳି ଚରିତ୍ର ଓଡ଼ିଆ ଭୂତ କାହାଣୀର ପ୍ରମୁଖ ଚରିତ୍ର। ଓଡ଼ିଶାରେ ପାଞ୍ଚଟି ଭୂତକାହାଣୀ ବିଶେଷ ଭାବରେ ଲୋକପ୍ରିୟ। ପ୍ରଥମଟି ହେଉଛି ଜଣେ ମହିଳା ତାଙ୍କ ମୃତ ସନ୍ତାନକୁ ସେକିବା ସମୟରେ ନିଜ ଗୋଡ଼କୁ ନିଆଁରେ ପୋଡୁଥିବାର କାହାଣୀ। ଦ୍ୱିତୀୟ କାହାଣୀ ହେଉଛି ଏକ ପ୍ରକାର ଭୂତ, ଯାହା ବିଭିନ୍ନ ପ୍ରାଣୀର ଆକାର ଧାରଣ କରିପାରେ। ଏକ ଭୂତ ରାତିରେ ଡାକିକରି କ୍ଷେତକୁ ପାଣି ଦେବାକୁ ନେଇଯିବାର ତୃତୀୟ କାହାଣୀ ବେଶ ପ୍ରଚଳିତ। ଚତୁର୍ଥ କାହାଣୀରେ ବାଉଁଶ ବୁଦାକୁ ତଳକୁ ନୁଆଇଁ ଦେଉଥିବା ସାଧାରଣ ଭୂତର ବର୍ଣ୍ଣନା। ଲମ୍ବା କେଶ ଥିବା ଏକ ମହିଳା ଭୂତ, ଯିଏ ଗଛରେ ବସିଥାଏ ଏବଂ ଯାହାର ଚୁଟି ମାଟିକୁ ଲାଗିଥାଏ ହେଉଛି ପଞ୍ଚମ ଲୋକପ୍ରିୟ ଗପ। ଏଠି କହି ରଖିବାକୁ ଚାହେଁ ଯେ ଆମ ଓଡ଼ିଆ ଭୂତ କାହାଣୀ ସହିତ ଆଫ୍ରିକୀୟ ଭୂତ କାହାଣୀଗୁଡ଼ିକର ଅନେକ ସାମଞ୍ଜସ୍ୟ ରହିଛି।

ଦୁଇଟି ଉପାଦାନ, ନ୍ୟାୟ ପାଇବା ଏବଂ ପ୍ରତିଶୋଧ ନେବା ହେଉଛି ପ୍ରାୟ ସମସ୍ତ ଭୂତ କାହାଣୀର ପୃଷ୍ଠଭୂମି। ଏକ ସାଧାରଣ ବିଶ୍ୱାସ ଓ ଧାରଣା ଅନୁଯାୟୀ ଜୀବନକାଳରେ ନିର୍ଯାତିତ ହୋଇଥିବା ଅତୃପ୍ତ ଆତ୍ମା ନ୍ୟାୟ ପାଇବା ପାଇଁ ଭୂତ ଭାବରେ ଫେରନ୍ତି। ଏଠାରେ କିଛି ଉଦାହରଣ ନେବା। ଯଥା, ପୂର୍ବ ଓ ଉତ୍ତର ଭାରତର ମାସନ ଓ କାନିପିଶାଚୀ ନାମ୍ନୀ ଭୂତ। ଏହି ଭୂତମାନେ ପ୍ରାୟତଃ ଉପେକ୍ଷିତ ସମ୍ପ୍ରଦାୟର। ଦୁଃଖ ଓ ନିର୍ଯାତନା ବିରୁଦ୍ଧରେ ନ୍ୟାୟ ଓ ପ୍ରତିଶୋଧ ନେବା ଏମାନଙ୍କ ଲକ୍ଷ୍ୟ। ସେହିପରି ଉତ୍ତର ଭାରତରେ ଡାୟାନ ଓ ଚୁଡେଲ ନାମକ ମହିଳା ଭୂତମାନଙ୍କ ପରିଚୟ ନିମ୍ନ ଜାତି ଓ କୃଷ୍ଣବର୍ଣ୍ଣର ମହିଳାମାନଙ୍କ ସହିତ ଜଡ଼ିତ। ବିଶେଷଜ୍ଞଙ୍କ ମତରେ ଏହି ଭୂତମାନେ ପୁରୁଷ ସମାଜ ଓ ଉଚ୍ଚ ବର୍ଣ୍ଣ ଦ୍ୱାରା ସମ୍ମୁଖୀନ ହେଉଥିବା ନିଷ୍ଠୁରତାର ଫଳାଫଳ। ଓଡ଼ିଶାରେ ଚିରୁଗୁଣି ଏବଂ ବଙ୍ଗଳାରେ ଶଙ୍ଖଚୁନି ଭଳି ଭୂତମାନେ ମହିଳାଙ୍କ ନିମ୍ନ ଅବସ୍ଥା, ବହୁବିବାହ, ଖରାପ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ପରିସ୍ଥିତିରୁ ଉତ୍ପନ୍ନ ହୁଅନ୍ତି। ଉଦାହରଣ ସ୍ୱରୂପ, ଚିରୁଗୁଣି ଭୂତ ଗର୍ଭବତୀଙ୍କ ମୃତ୍ୟୁ କିମ୍ବା ପ୍ରସବ ସମୟରେ ମୃତ୍ୟୁବରଣ କରୁଥିବା ମହିଳା କିମ୍ବା ଯୌନ ଆକ୍ରମଣ ଯୋଗୁଁ ମୃତ୍ୟୁବରଣ କରୁଥିବା କାରଣରୁ ଉତ୍ପନ୍ନ ହୁଏ ବୋଲି ବିଶ୍ୱାସ କରାଯାଏ। କେବଳ ବିବାହିତ ମହିଳା ନୁହନ୍ତି, ଅନେକ ଭୂତ କାହାଣୀରେ ମଧ୍ୟ ଉଲ୍ଲେଖ ଅଛି ଯେ ଅବିବାହିତ ମହିଳାମାନେ ପ୍ରେତିନୀ, ମୋହିନୀ କିମ୍ବା ଯକ୍ଷୀ ନାମକ ଭୂତରେ ପରିବର୍ତ୍ତନ ହୁଅନ୍ତି। ଜୀବିତଙ୍କଠାରୁ ଯୌନ ତୃପ୍ତି କୁଆଡ଼େ ଏମାନଙ୍କ ଉଦ୍ଦେଶ୍ୟ।

ସମାଜବିଜ୍ଞାନୀଙ୍କ ମତରେ ଅବିବାହିତଙ୍କ ପ୍ରତି ଏହା ଏକ ସାଧାରଣ ସାମାଜିକ ଚିନ୍ତାଧାରା, ଯାହା ମୃତ୍ୟୁ ପରେ ଏକ ଲୋକକଥାରେ ପରିଣତ ହୁଏ। ଯଦି ଭୂତ କାହାଣୀକୁ ଅନୁସରଣ କରିବା ତେବେ ଜାଣିବା ଯେ ସବୁଠି ପୁରୁଷ ଭୂତଙ୍କ ସଂଖ୍ୟା ଓ ପ୍ରକାର ମହିଳା ଭୂତଙ୍କ ଠାରୁ କମ୍। ଏହା ନିର୍ଯାତିତା ଓ ପୀଡ଼ିତା ମହିଳାଙ୍କ ସ୍ୱରକୁ ପ୍ରତିଫଳିତ କରିବା ଏବଂ ସମାଜରେ ମହିଳାଙ୍କ ପରିସ୍ଥିତିକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ। ଭାରତୀୟ ଭୂତ କାହାଣୀଗୁଡ଼ିକରେ ଜୀବିତ ଓ ମୃତଙ୍କ ମଧ୍ୟରେ ରେଖା ପ୍ରାୟତଃ ଅସ୍ପଷ୍ଟ। ସମ୍ଭବତଃ ସେଥିପାଇଁ ଆମ ସାମାଜିକ ରୀତିନୀତିରେ ଆତ୍ମା ଓ ଭୂତଙ୍କୁ ଗୁରୁତ୍ୱ ଦିଆଯାଏ। ଏହି ବିଶ୍ୱାସ ଆମର ଦୈନନ୍ଦିନ ଜୀବନ, ପରମ୍ପରା ଏବଂ ସାମାଜିକ ଆଚରଣକୁ ଏକ ସକାରାତ୍ମକ ଆକାର ଦେବାକୁ ଚେଷ୍ଟାକରେ। ତେଣୁ ବ୍ୟକ୍ତିର ଅନୁଚିତ ରୀତିନୀତି କିମ୍ବା ଅପୂର୍ଣ୍ଣ ଇଚ୍ଛା ଯୋଗୁଁ ଭୂତକାହାଣୀଗୁଡ଼ିକରେ ପ୍ରେତ ଓ ବେତାଳ ଭଳି ଭୂତମାନଙ୍କ ଆବିଷ୍କାର ହୋଇଛି ବୋଲି ଅନୁମାନ କରାଯାଉଛି।

ଅସ୍କାର ୱାଇଲ୍ଡଙ୍କ 'ଦି କ୍ୟାଣ୍ଟରଭିଲ୍ ଘୋଷ୍ଟ' ପୁସ୍ତକରେ ଲେଖାଯାଇଛି ଯେ ଭୂତକାହାଣୀଗୁଡ଼ିକ ପାଠକଙ୍କୁ ଆକର୍ଷିତ ଓ ମନୋରଞ୍ଜନ କରିବା ପାଇଁ ଉଭୟ ଭୂତବଙ୍ଗଳା ଓ ପାରାନର୍ମାଲ ଗତିବିଧିର ପ୍ରୟୋଗ କରନ୍ତି। ଅସ୍କାରଙ୍କ ମତରେ ଏହି କାହାଣୀର ଭୂତଭୟ ଲୋକମାନଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ସେମାନଙ୍କୁ ନିୟମ ପାଳନ କରିବାକୁ ଏବଂ ଖରାପ ଆଚରଣରୁ ଦୂରେଇ ରହିବାକୁ ଶିକ୍ଷା ଦିଏ। ନାରୀବାଦୀ ଦୃଷ୍ଟିକୋଣ ଅନୁଯାୟୀ ଭୂତ କାହାଣୀଗୁଡ଼ିକରେ ନାରୀଙ୍କୁ ପୁରୁଷ-ପ୍ରଧାନ ସମାଜ ଏବଂ ଲିଙ୍ଗ ଭୂମିକାକୁ ପ୍ରଶ୍ନ କରିବାର ସ୍ୱାଧୀନତା ମିଳିଥାଏ। ଭୂତ-ଲୋକକଥାଗୁଡ଼ିକ ଆମର ସାମାଜିକ ମୂଲ୍ୟବୋଧ, ବିଶ୍ୱାସ ଓ ପରିବର୍ତ୍ତନକୁ ପ୍ରତିଫଳିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ କଳାକୃତି। ଏହା କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପରିଚୟ, ସ୍ମୃତି ଏବଂ ସମ୍ପ୍ରଦାୟର ଗତିଶୀଳତା ବିଷୟରେ ଏକ ସାମାଜିକ ଆଲୋଚନା।

ବ୍ୟକ୍ତିଗତ ବିଶ୍ୱାସ, ସାଂସ୍କୃତିକ ପରମ୍ପରା ଓ ଲୋକପ୍ରିୟ ଉପସ୍ଥାପନା ମଧ୍ୟରେ ପାରସ୍ପରିକ କ୍ରିୟା ସମସାମୟିକ ସମାଜରେ ଭୂତ କାହାଣୀର ଗୁରୁତ୍ୱକୁ ବୃଦ୍ଧି କରୁଛି। ଅନେକ ଗବେଷଣା ସୂଚିତ କରେ ଯେ ପାରମ୍ପରିକ ଲୋକକଥା କିଶୋରମାନଙ୍କ ମଧ୍ୟରେ ସାମାଜିକ ଦକ୍ଷତାକୁ ପ୍ରୋତ୍ସାହିତ କରିବା ସହ ଶିକ୍ଷାଗତ ଅଭିଜ୍ଞତାକୁ ବୃଦ୍ଧି କରିଥାଏ। ତେଣୁ ଭୂତ ଗପ ଏବଂ ଏ ସମ୍ପର୍କିତ କାହାଣୀ ସହିତ ଜଡ଼ିତ ହେବା ଦ୍ୱାରା ଆମର ସାଂସ୍କୃତିକ ଐତିହ୍ୟ ଏବଂ ପରିଚୟର ଅନ୍ୟାନ୍ୟ ଦିଗଗୁଡ଼ିକକ ଜାଣିବା ସହଜ ହୋଇଥାଏ।

ଭୁବନେଶ୍ୱର, ମୋ:୮୪୫୬୮୭୯୫୨୨

# ହଇଜାର ପ୍ରାଦୁର୍ଭାବ ଓ ସରକାରୀ ପଦକ୍ଷେପ

**ପ୍ରଦୀପ୍ତ କୁମାର କର**



ଓଡ଼ିଶାରେ ହଇଜାରେ ଆକ୍ରାନ୍ତ ହେବାର ମୁଖ୍ୟ କାରଣ ହେଉଛି ବିଶୁଦ୍ଧ ପିଇବା ପାଣିର ଅଭାବ। ଗାଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କଥା ଦୂରେ ଥାଉ ସହରମାନଙ୍କରେ ମଧ୍ୟ ଏ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କୁ ସରକାର ପିଇବା ପାଣି ଯୋଗାଇ ପାରିନାହାନ୍ତି। ଅନେକ ଜାଗାରେ ପରିମଳ ବ୍ୟବସ୍ଥା ଏତେ ବିଗିଡ଼ି ଯାଇଛି ଯେ ସେଗୁଡ଼ିକୁ ସଂକ୍ରାମକ ରୋଗର ଏନ୍ତୁଡ଼ିଶାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜଧାନୀ ଭୁବନେଶ୍ୱର ଓ ସହରତଳି ଅଞ୍ଚଳରେ ଗଢ଼ି ଉଠିଥିବା ବସ୍ତିର ପରିବେଶ କେତେ ଅସ୍ୱାସ୍ଥ୍ୟକର ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଏହାଛଡ଼ା ଅନେକ ଛୋଟ ଛୋଟ ଖାଇବା ଦୋକାନ, ଢାବା, ଫାଷ୍ଟ ଫୁଡ୍ ଦୋକାନକୁ କେବେବି କୌଣସି ସରକାରୀ ବାବୁ ତଦାରଖ ପାଇଁ ଆସନ୍ତି ନାହିଁ। କେବଳ ଯଦି ଏହିପରି କୌଣସି ପରିସ୍ଥିତି ସୃଷ୍ଟି ହୁଏ ବା ସରକାରଙ୍କ ତରଫରୁ ଆଦେଶ ଆସେ ତେବେ ବାବୁମାନେ ତତ୍ପର ହୁଅନ୍ତି। ଲୋକମାନଙ୍କର କୌଣସି ବାଛବିଚାର ନାହିଁ। ମେଳା ମହୋତ୍ସବରେ ତ ଏହି ଅସାଧୁ ବ୍ୟବସାୟୀମାନେ ଆହୁରି ଜାଗ୍ରତ ହୋଇ ନିଜର ବେପାର ମେଲାଇ ଦିଅନ୍ତି।

ଆଗକୁ ରଥଯାତ୍ରା ଆସୁଛି। ଏଥିପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ପ୍ରାୟ ଏକ ମାସ ଧରି ଚାଲୁ ରହିବ। ଏଥିପାଇଁ ପୁରୀରେ ବିଭିନ୍ନ ପ୍ରକାରର ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଅନେକ ପ୍ରକାରର ଖାଦ୍ୟ ସାମଗ୍ରୀ ବିକ୍ରି କରିବେ, ଯାହାର କି ଗୁଣବତ୍ତା ଯାଞ୍ଚ ନିଶ୍ଚିତ କରିହେବ ନାହିଁ। ତେଣୁ ହଇଜା ବ୍ୟାପୀ ଲୋକ ଆକ୍ରାନ୍ତ ହେଲେ କେତେ ବା ମଲେ କେତେ ସରକାରଙ୍କର କିଛି ଫରକ ପଡ଼େ ନାହିଁ। ଏସବୁ କେବଳ ସରକାରୀ ଅପାରଗତା ଯୋଗୁଁ ହିଁ ହେଉଛି। ଅନେକ ଗାଁ ଓ ସହରରେ ନଳକୂପଗୁଡ଼ିକ ସଫା ହୁଏ ନାହିଁ। ଏପରିକି ବଡ଼ ବଡ଼ ପାଣି ଟାଙ୍କି, ଯାହା ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଥାଏ, ସେଗୁଡ଼ିକ ନିୟମିତ ଅନ୍ତରାଳରେ ସଫା ନ ହୋଇ କେବଳ ବ୍ଲିଚିଂ ପାଉଡର ପକାଇ ଦିଆଯାଇ କର୍ତ୍ତୃପକ୍ଷ ନିଜର କର୍ତ୍ତବ୍ୟ ସାରି ଦିଅନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଆଖିଦୃଶିଆ କାର୍ଯ୍ୟ ହୁଏ ନାହିଁ, ଯାହା ବି ହୁଏ ତାହାର ତଦାରଖ ଉପରସ୍ତରରେ ହୁଏ ନାହିଁ।

ତେଣୁ ଏବେ ରାଜ୍ୟରେ ଦେଖାଦେଇଥିବା ହଇଜା ପାଇଁ ରାଜ୍ୟ ସରକାର ହିଁ ପ୍ରତ୍ୟକ୍ଷ ଭାବରେ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପ୍ରତି ବିଧାୟକ ଓ ସାଂସଦ ପରିଷ୍କାର ପାନୀୟ ଜଳ ପାଇ ପାରୁଛନ୍ତି ତେବେ ଯେଉଁ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ସେମାନଙ୍କୁ ନିର୍ମଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ସେମାନେ ଏତେ କୁଣ୍ଠାଗ୍ରସ୍ତ ଓ ଅସମର୍ଥ କାହିଁକି? ହଇଜା ଆକ୍ରାନ୍ତ ପାଇଁ ଔଷଧ ଓ ଡାକ୍ତରୀ ଚିକିତ୍ସା ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ଆବଶ୍ୟକ ହେଉଛି ଜନ ସଚେତନତା। ପ୍ରତି ଗାଁ, ସହର, ଗଳି, କନ୍ଦିକୁ ବିଶୋଧନ କରିବା ନିହାତି ଆବଶ୍ୟକ। ଗଳିକନ୍ଦିରେ ବିକ୍ରି ହେଉଥିବା ଅସୁରକ୍ଷିତ ଖାଦ୍ୟ ଦୋକାନ ବନ୍ଦ ହେବା ନିହାତି ଜରୁରୀ।

ଗାଁ କଥା ଛାଡ଼ନ୍ତୁ ଆମ ରାଜଧାନୀରେ ଆବଶ୍ୟକତାଠାରୁ ବହୁତ କମ୍ ଫୁଡ୍ ଇନ୍ସପେକ୍ଟର ଅଛନ୍ତି। ଏଥିରୁ ରାଜ୍ୟର ସ୍ଥିତି ଓ ଖାଦ୍ୟର ମାନ ଯାଞ୍ଚ ଓ ଶୁଦ୍ଧତା କିପରି ହେଉଥିବା ଅନୁମେୟ। ପରିସ୍ଥିତି ଉତ୍କଟ ହେଲେ ଦିନେ ଦୁଇ ଦିନ କେବଳ ଉପର ସ୍ତରର ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଫଟୋ ଉଠାଇ ଟିଭି ଓ ସମ୍ବାଦପତ୍ରରେ ଦେଖିଦେଲେ ଯଥେଷ୍ଟ ବୋଲି ସେମାନେ ଭାବନ୍ତି। ଏବେ ବିବାହ ଋତୁ ଆରମ୍ଭ ହୋଇଯାଇଛି। ସ୍କୁଲ୍ ମଧ୍ୟ ଖୋଲିସାରିଛି। ଏହି ସମୟରେ ଯଦି ସରକାରୀ ସ୍ତରରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ ତେବେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିବ। ସ୍କୁଲ୍‌ରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଆବଶ୍ୟକ। ସ୍କୁଲ୍ ଆଖପାଖରେ ଯେପରି ବୁଲାବିକାଳୀ ଓ ଉଠାଦୋକାନୀମାନେ ନ ବସନ୍ତି ସେଥିପ୍ରତି ସ୍କୁଲ୍ କର୍ତ୍ତୃପକ୍ଷ, ଅଭିଭାବକ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ବିବାହ ଉତ୍ସବ ଆଦିରେ ଯୋଗାଣ ହେଉଥିବା ପାଣିର ମାନ ମଧ୍ୟ ଯାଞ୍ଚ ହେବା ନିହାତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨

# ମହାପ୍ରଭୁଙ୍କ ସେନାପଟା ଲାଗି

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ମହାପ୍ରଭୁଙ୍କ ପରମଭକ୍ତ ପଞ୍ଚସଖାମାନଙ୍କ ଭିତରେ ବୟୋଜ୍ୟେଷ୍ଠ ବଳରାମ ଦାସ ସେତେବେଳେ ସତ୍ୟବାଦୀର ବକୁଳ ବନରେ ସାଧନାରେ ମଗ୍ନ ଥିଲେ। ମହାପ୍ରଭୁ ବଳରାମଙ୍କୁ ନିଜର ଅଜା ମାନ୍ୟ କରୁଥିଲେ ଏବଂ ବେଳେବେଳେ ତାଙ୍କ ସହ ଥଟ୍ଟମଜା କରୁଥିଲେ। ଦାସେ ମଧ୍ୟ ଠାକୁରଙ୍କୁ ନିଜ ପରିବାର ବୋଲି ଭାବୁ ଥିଲେ ଏବଂ କେହି କେବେ ନାତି ବିରୁଦ୍ଧରେ କିଛି କହିଲେ ସହି ପାରୁ ନ ଥିଲେ।

ଥରେ ମହାପ୍ରଭୁ ଅଜାଙ୍କ ସାଙ୍ଗରେ ଟିକିଏ ମଜା କରିବାକୁ ଚିନ୍ତା କଲେ। ଖରାଦିନ ସଂଧ୍ୟାବେଳିଆ ଯାଇ ବକୁଳ ବନରେ ପହଞ୍ଚି ଗଲେ ମହାପ୍ରଭୁ। ବଗୁଲିଆ ଭାଷାରେ କହିଲେ, 'ଅଜା! ଏକା ଏକା ବସି ପଣସ ଖାଉଛ, ଏ ନାତି କଥା ଟିକିଏ ମନେ ପକାନ୍ତ ନି!' 'ନାତି ମହାପ୍ରଭୁ! ରଜା ତୁମେ। ତୁମକୁ କୋଉ ଖଜା ଅପୂର୍ବ ଯେ ମୋଠୁ ପଣସ ଖାଇବାକୁ ମନ କରୁଛ!' ଦାସେ କହିଲେ। ସେଉଠୁ ମହାପ୍ରଭୁ କହିଲେ, 'ଆଜି ପଣସ ଖାଇକି ମୁଁ ଯିବି। ଆଣିକି ଦେବା ହେଲା ତୁମ କାମ।' 'ଆରେ ମୋତେ ମାଡ଼ ଖୁଆଇବ ନା କ'ଣ? ଜଗୁଆଳୀମାନେ ଦେଖିଲେ ମୋତେ ରଖିବେ ଟି!' ଅଜାଙ୍କ ଏହି ଭୟ ଦେଖି ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଜଗୁଆଳୀମାନଙ୍କୁ ନିଘୋଡ଼ ନିଦରେ ଶୁଆଇ ଦେଲେ। ବଳରାମ ଗୋଟା କେତେ ପାଚିଲା ପଣସ ତୋଳି ଆଣି ଦୁହେଁ ଖାଇଲେ। ତା'ପରେ ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଅଜାଙ୍କୁ ଶୁଆଇ ଦେଇ ଶ୍ରୀମନ୍ଦିର ବାହୁଡ଼ି ଗଲେ। ଜଗୁଆଳୀମାନେ ସକାଳୁ ଦେଖିଲେ ବଳରାମ ରାତିରେ ପଣସ ଚୋରିକରି ଖାଇଛନ୍ତି। ତେଣୁ ସେମାନେ ଦାସେଙ୍କୁ ନିଦରୁ ଉଠେଇ ନିସ୍ତୁକ ମାଡ଼ ମାରି ବଉଳ ଗଛରେ ବାନ୍ଧି ଦେଲେ। ବଳରାମ ବିକଳରେ ପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆରେ ନାତି ମହାପ୍ରଭୁ! ପଣସ ଖାଇ ଅଜା ମୁଣ୍ଡରେ ଅଠା ବୋଳି ଚାଲିଗଲୁ। ଏମାନେ ଏଠି ମୋ ଅବସ୍ଥା କଣ କଲେଣି, ଥରେ ଆସି ଦେଖିଯା।' ତେଣେ ଶ୍ରୀମନ୍ଦିରରେ ସକାଳୁ ସକାଳୁ ମହାପ୍ରଭୁଙ୍କର ସବୁଦିନିଆ ନୀତି ଆରମ୍ଭ ହେଲା। କିନ୍ତୁ ମହାପ୍ରଭୁ ଚକ୍ଷୁରେ ଦେଖା ଦେଲେ ନାହିଁ। ଗଜପତି ପ୍ରତାପରୁଦ୍ରଙ୍କ ପାଖକୁ ଖବର ଗଲା। ସେ ଆସି ପୋଖରୀଆରେ ଗୁହାରୀଆ ପଡ଼ିଲେ। ସେତେବେଳେ ମହାପ୍ରଭୁ ଶୂନ୍ୟବାଣୀ କରି କହିଲେ, 'କେତେ ମାଡ଼ ମାଇଲୁ ଦାସଙ୍କୁ ଲୁହା ଠେଙ୍ଗେ, ତା' ଅଙ୍ଗେ ନ ବାଜି ମାଡ଼ ବାଜିଲା ମୋ ଅଙ୍ଗେ / ଯେତେବେଳେ ସେ ଚୋରକୁ ଛାଡ଼ିବୁ ରାଜନ, ସେତେବେଳେ ଆମ୍ଭେ ସିନା କରିବୁ ଭୋଜନ।' ରାଜା ପ୍ରଣିପାତ କରି ଉଠି ଦେଖିଲେ ଯେ ଠାକୁରଙ୍କ ଶ୍ରୀଅଙ୍ଗ ସାରା ମାଡ଼ର ଚିହ୍ନ। ରାଜା ସେଠାରୁ ବକୁଳ ବନ ଯାଇ ଦାସେଙ୍କୁ କ୍ଷମା ପ୍ରାର୍ଥନା କରି ବନ୍ଧନ ମୁକ୍ତ କଲେ। ଦାସେ ସବୁ ବୁଝିପାରି କହିଲେ, 'ନାତି ଟୋକା! ମଜା ଦେଖିବାପାଇଁ ଅଜାକୁ ଫସେଇ ଦେଲୁ। ତୋତେ ମୁଁ ସେଇମିତି ଛାଡ଼ି ଦେବୁ ଭାବିଛୁ?'

ସ୍ନାନ ଯାତ୍ରା ଦେଖିବାକୁ କ୍ଷେତ୍ରରେ ପହଞ୍ଚିଲେ ଦାସେ। ଜଣେ ଦଇତା କହିଲେ, 'ଗୋସେଇଁ, ସ୍ନାନ ଓ ଗୁଣ୍ଡିଚା ପହଣ୍ଡି ବେଳେ ତମ ଚଗଲା ନାତି ଦୁଷ୍ଟାମି କରି ଏ ପଟକୁ ବୋଲେ ସେ ପଟକୁ ଚାଲି ଯାଉଛନ୍ତି। ତାଙ୍କୁ ନେବା ପାଇଁ ଆମେ ଝାଳନାଳ ହୋଇ ନାକେଦମ ହେଉଛୁ। ସେ ବି କମ ଛେଚାକୁଟା ଖାଉ ନାହାନ୍ତି। ତାଙ୍କ ଶ୍ରୀଅଙ୍ଗକୁ ବହୁତ ବାଧା ହେଉ ଥିବ। ତାଙ୍କୁ କହନ୍ତ ନି ସୁନା ପିଲା ପରି ଚାଲି ଯା'ନ୍ତେ। ସେଥିରେ ତାଙ୍କର ଭଲ, ଆମକୁ ବି ଭଲ। ତମ କହିଲେ ସେ ମାନିବେ।' କଥାଟା ଶୁଣି ବଳରାମଙ୍କ ଅକଲ ଜାଗି ଉଠିଲା। କହିଲେ, 'ଶୁଣ, ମୁଁ ବକୁଳ ବନରୁ ଟାଣ ମଞ୍ଜି ବଉଳ କାଠ ପଠେଇବି। ସେ କାଠରେ ମହାରଣା ପିଠି ମାପର ସେନାପଟା ଆଉ ହାତ ମାପର ବାହୁଟ ତିଆରି କରିବେ। ସେନାପଟାକୁ ପିଠିରେ ଆଉ ବାହୁଟକୁ ଦୁଇ ହାତରେ ଭଲ କରି ପାଟ ଡୋରରେ ବାନ୍ଧି ଦେବ। ତା' ପରେ ସେନାପଟାରେ ପାଟ ଦଉଡ଼ି ଲଗେଇ ଦି ଜଣ ବଳୁଆ ଦଇତା ଧରି ନିୟନ୍ତ୍ରଣ କରିବ। ତା'ପରେ ଦେଖିବ, ତମେ ଯୁଆଡ଼େ ନବ, ସେ ସେ ଆଡ଼େ ଯିବ।' ମହାପ୍ରଭୁଙ୍କୁ ପ୍ରଣାମ କରି କହିଲେ, 'ନାତି ମହାପ୍ରଭୁ! ଏ ଥର ଦେଖ ମୋ ଖେଳ। ତମ ଚକ୍ରାନ୍ତରେ ଦିଟା ଅଜଣା ଜଗୁଆଳୀ ମୋତେ ବଉଳ ଗଛରେ ଥରେ ବାନ୍ଧି ଥିଲେ। ତୁମକୁ ତୁମ ଶ୍ରୀଅଙ୍ଗ ସେବକ ମୁଁ ପଠେଇ ଥିବା ବଉଳ କାଠରେ ବର୍ଷକୁ କେତେଥର ବାନ୍ଧିବେ ବସି ଗଣୁଥିବ। ମୋତେ ବନ୍ଧା ହେବା ଅଳ୍ପ କିଛି ଲୋକ ଦେଖିଥିଲେ। କିନ୍ତୁ ତୁମକୁ ବାନ୍ଧି ତୁମ ଅଜା ସାରା ଜଗତକୁ ଦେଖେଇବ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଜ୍ରପାତରେ ଦମ୍ପତି ମୃତ

କେନ୍ଦୁଝର, ୨୪।୬(ସମିସ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନାଞ୍ଚଳ ବଲାଣିପଶିଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଚାଷ ଜମିରୁ ଫେରୁଥିବା ଏକ ଦମ୍ପତି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଦୁହେଁ ଚାଷ ଜମିରୁ ନିଜର ଗୃହପାଳିତ ପଶୁ ଗୋରୁ ଓ ଛେଳି ଧରି ଘରକୁ ଫେରିବା ବେଳେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ବଜ୍ରାଘାତ ହେବାରୁ ବଲାଣିପଶି ଗ୍ରାମର ପିଅନ ଗାୟଁ ଏବଂ ସାଙ୍ଗରେ ଥିବା ତାଙ୍କର ପତ୍ନୀ ନାଣ୍ଡି ଗାୟଁ ସେହିଠାରେ ଟଳି ପଡ଼ିଥିଲେ। ସାଙ୍ଗରେ ଥିବା କିଛି ଗୋରୁ ଓ ଛେଳି ମଧ୍ୟ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ପରିବାରଲୋକ ଏବଂ ସ୍ଥାନୀୟ ପଡ଼ୋଶୀ ସେମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ଆଣିଥିଲେ ମଧ୍ୟ ସେମାନଙ୍କୁ ମୃତ ଘୋଷଣା କରାଯାଇଥିବା ସୂଚନା ମିଳିଛି। ଘଟଣାଟି ସନ୍ଧ୍ୟା ୫ରେ ଘଟିଥିବା ସୂଚନା ମିଳିଛି।

# ଅବଶିଷ୍ଟାଂଶ

## ଟ୍ରମ୍ପଙ୍କୁ ମାନିଲେନି...

କୌଣସି କ୍ଷତି ହୋଇନାହିଁ। ତେଣୁ ତାଙ୍କ ଦେଶ ଇରାନ ଉପରେ ପାଲଟା ଆକ୍ରମଣ କରିବ ନାହିଁ। ଗତକାଲିର ଘଟଣା ପରେ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ଫୋନ କରି ତୁରନ୍ତ ଲଢ଼େଇ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କଥାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ରାଜି ହେବାପରେ ଇରାନକୁ ମନେଇବା ଲାଗି ସେ ଉପରାଷ୍ଟ୍ରପତି ଭାନ୍ସ ଏବଂ ବୈଦେଶିକ ମନ୍ତ୍ରୀ ରୁବିଓଙ୍କୁ ନିୟୋଜିତ କରିଥିଲେ। ସେମାନେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସଙ୍କ କଥା ହୋଇଥିଲେ। କିନ୍ତୁ ଏଥିରେ ବିଶେଷ ସଫଳତା ନମିଳିବାରୁ କତରର ସହାୟତା ନେଇଥିଲେ ଟ୍ରମ୍ପ। କତରର ନେତାମାନେ ଇରାନର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ କଥା ହୋଇ ଯୁଦ୍ଧବିରତି ପାଇଁ ରାଜି କରାଇଥିଲେ। ତେବେ ଇରାନ ସର୍ତ୍ତ ରଖିଥିଲା ଯେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ପରେ ହିଁ ଯୁଦ୍ଧବିରତି ଲାଗୁ ହେବ। ଏହାକୁ ନେଇ ସହମତି ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଥିଲେ। ତାଙ୍କର ଘୋଷଣା ସହିତ ଇରାନ ପ୍ରଥମେ ଅସହମତ ହୋଇଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ବିବୃତି ଜାରି କରି ଯୁଦ୍ଧବିରତି ହୋଇଥିବା ସୂଚନା ଦେଇଥିଲା।

ଅସ୍ତ୍ରବିରତି ଘୋଷଣାର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଥିବା ସହିତ ଅନେକ ଲୋକ ଆହତ ହୋଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ ଘୋଷଣା କରିଥିଲା। କିନ୍ତୁ ଇରାନ ଏଭଳି ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିଲା। ଅନ୍ୟପକ୍ଷରେ ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଫୋନ କରି ଅନୁରୋଧ କରିଥିଲେ। ହେଲେ ଏହି ଅନୁରୋଧକୁ ନେତନ୍ୟାହୁ ପ୍ରତ୍ୟାଖ୍ୟାନ କରି ଇରାନ ଉପରେ ବୋମାମାଡ଼ କରିଥିଲେ। ଯାହାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଭୀଷଣ ବିରକ୍ତି ପ୍ରକାଶ କରିଥିଲେ। ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସେ ଉଭୟ ଇସ୍ରାଏଲ ଏବଂ ଇରାନକୁ ଭର୍ତ୍ସନା କରିବା ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ସାଧାରଣରେ ଆମେରିକାର କୌଣସି ରାଷ୍ଟ୍ରପତି ଏଭଳି ଅଶ୍ଳୀଳ ଭାଷା କେବେହେଲେ ବ୍ୟବହାର କରିନଥିଲେ।

ଏହାପରେ ଇରାନ କିମ୍ବା ଇସ୍ରାଏଲ ଆଉ ଆକ୍ରମଣ କରି ନାହାନ୍ତି। ଏବେ ପରିସ୍ଥିତି ଶାନ୍ତ ରହିଛି। ଗତ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲ ଅଚାନକ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ ଆକ୍ରମଣକୁ ଆମେରିକା ସମର୍ଥନ କରିବା ସହିତ ଇସ୍ରାଏଲ ଉପରେ ମାଡ଼ ହେଉଥିବା ଇରାନ କ୍ଷେପଣାସ୍ତ୍ରକୁ ଆକାଶରେ ନିଷ୍କ୍ରିୟ କରୁଥିବା କହିଥିଲା। ତେବେ ଗତ ୨୨ ତାରିଖରେ ଇରାନର ତିନିଟି ପରମାଣୁ ପ୍ରତିଷ୍ଠାନ ଉପରେ ବୋମାମାଡ଼ କରି ଆମେରିକା ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଯାଇଥିଲା। ଏହାର ଜବାବରେ ଗତକାଲି ଇରାନ କତର ଓ ଇରାକରେ ଥିବା ଆମେରିକାର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବିଶ୍ୱଯୁଦ୍ଧ ଭଳି ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ଲଢ଼େଇରେ ଉଭୟ ଇରାନ ଏବଂ ଇସ୍ରାଏଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଇରାନେରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅନେକ ସାମରିକ ଅଧିକାରୀ ଓ ବୈଜ୍ଞାନିକ ଅଛନ୍ତି। ଇରାନର ତିନିଟି ପରମାଣୁ କେନ୍ଦ୍ରକୁ ବୋମାମାଡ଼ କରି ଆମେରିକା ଓ ଇସ୍ରାଏଲ ଧ୍ୱସ୍ତ କରିଦେଇଛନ୍ତି। ଇସ୍ରାଏଲ ଉପରେ ଅପ୍ରତ୍ୟାଶିତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରି ଅନେକ ସାମରିକ ପ୍ରତିଷ୍ଠାନ ଓ ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିବା ଦାବି କରିଛି ଇରାନ। ଇରାନ ଆକ୍ରମଣରେ ରାଜଧାନୀ ତେଲ ଆଭିବ ସମେତ ଅନେକ ଇସ୍ରା,ଲଇ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ତେବେ ଗଣମାଧ୍ୟମ ଉପରେ କଟକଣା ଯୋଗୁଁ ଇସ୍ରାଏଲରେ ହୋଇଥିବା ପ୍ରକୃତ କ୍ଷୟକ୍ଷତି ସଂପର୍କରେ ତଥ୍ୟ ମିଳିନାହିଁ।

## ଗୋଷ୍ଠୀ ସଂଘର୍ଷରେ...

ଘଡ଼େଇ ଓ ଆକାଶ ମୁଖୀ ଓ କୁନ୍ଦନ ମୁଖୀ। ସେମାନଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଜଣେ ଆହତ ଶିକ୍ଷା ମୁଖୀ ବାରିପଦାରେ ଚିକିତ୍ସାଧୀନ ଅଛନ୍ତି। ଛେଳି ଚୋରିକୁ ନେଇ ଆଜି ଅପରାହ୍ନ ପ୍ରାୟ ୩ଟାରେ ରାଜୁ ଓ ଆକାଶଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜୁ ଏବଂ ତାଙ୍କ ମା' ସାବିତ୍ରୀ ଅସ୍ତ୍ରଶସ୍ତ୍ର ଧରି ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଆକାଶ ପାଖରେ ରଖିଥିବା ଏକ ବନ୍ଧୁକରୁ ଗୁଳି ଚଳାଇବାରୁ ରାଜୁ ଗୁରୁତର ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଖଣ୍ଡା ଓ ଭୁଜାଲିରେ ହଣାକଟା ହେବାରୁ ୫ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ବାରିପଦା ପିଆର୍ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ରାଜୁର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଉଭୟ ପରିବାର ପକ୍ଷରୁ ଶତାଧିକ ମହିଳା ପୁରୁଷ ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏପରିକି, ଘଟଣାସ୍ଥଳକୁ ଆସିଥିବା ପୁଲିସ୍‌କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ଫଳରେ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌କୁ ବି ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଡାକ୍ତରଖାନା ପରିସରରେ ଅଧିକ ପୁଲିସ୍ ମୁତୟନ କରାଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଛି।

## ଗ୍ରାମ୍ୟ ବ୍ୟାଙ୍କରୁ...

ସେମାନେ ସମସ୍ତଙ୍କୁ ବାହାରୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ କୁଳିଅଣା ପୁଲିସ୍ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ବାଲେଶ୍ୱର ଡିଆଇଜି ସତ୍ୟଜିତ ନାୟକ, ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟପାଲ୍ଲି, ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଖବର ଲେଖାହେବା ସୁଦ୍ଧା ଏହି ଘଟଣାରେ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଏହି ଖବର ଆଜି ଜିଲ୍ଲାରେ ଭୟର ବାତାବରଣ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଡକାୟତମାନେ ଉପରମହଲାରେ ଥିବା ବ୍ୟାଙ୍କ ପ୍ରକୋଷ୍ଠରେ ବନ୍ଧୁକ ଓ ଭୁଜାଲି ଧରି ପଶିଥିଲେ। ସେତେବେଳେ ବ୍ୟାଙ୍କ ଭିତରେ ବ୍ୟାଙ୍କ ମ୍ୟାନେଜର୍ ରଞ୍ଜିତା ସୋରେନ, କ୍ୟାସିୟର ସୂର୍ଯ୍ୟପ୍ରଭା ମଲ୍ଲିକଙ୍କ ସହ ୩ ମହିଳା କର୍ମଚାରୀ ଏବଂ ୮ ରୁ ୧୦ଜଣ ଗ୍ରାହକ ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ୫ଜଣ ଗ୍ରାହକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଗୋଟିଏ ପଟକୁ ନେଇଯିବା ପରେ ମ୍ୟାନେଜର୍‌ଙ୍କୁ ଡରାଇ ଧମକାଇ ତାଙ୍କ ପାଖରୁ ଷ୍ଟ୍ରଙ୍ଗରୁମ୍‌ର ଚାବି ଛଡ଼ାଇ ନେଇଥିଲେ। ପରେ ସେମାନେ ଷ୍ଟ୍ରଙ୍ଗରୁମ୍‌ର ତାଲା ଖୋଲି ୮ ଲକ୍ଷରୁ ଅଧିକ ଟଙ୍କା ଓ ୯ ଗ୍ରାମ୍ ସୁନା ନେଇ ପଳାଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀ ଓ ବଙ୍ଗଳା ଭାଷାରେ କଥା ହେଉଥିଲେ। ଯିବାବେଳେ ବ୍ୟାଙ୍କର ବାହାର ପଟୁ ଚାବି ପକାଇଦେଇ ପଳାଇଥିଲେ। ପରେ ମୋବାଇଲ ଗୁଡିକୁ ତଳେ ପକାଇ ୨ଟି ବାଇକରେ ଖସି ପଳାଇଥିଲେ।

## ଠାକୁରଙ୍କୁ ଲାଗିହେଲା...

ମୋଦକ ମଣତି ନେବା ସମୟରେ ମୋଟ ୩୧୩ ମୂର୍ତ୍ତିର୍ ଅମୁଣିଆ ମୋଦକରୁ ୭୦ କମ୍ ଥିବା ଦେଖା ଯାଇଛି। ମୋଦକ ଚୋରି ପରେ ସ୍ୱାଭାବିକ ଭାବରେ ଏହା ମାରା ହୋଇଯାଇଛି, ତେଣୁ ମାରା ମୋଦକ କିପରି ମହାପ୍ରଭୁଙ୍କୁ ଲାଗି କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହା ସହ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ନିଜ ଚିଠିରେ ଉଲ୍ଲେଖ ରଖିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବାଡ଼ଗ୍ରାହୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଗୁପ୍ତ ନୀତି ସମ୍ପର୍କରେ ବାହାରେ ଆଲୋଚନା ହେବା କଥା ନୁହେଁ। ବଡ଼ଠାକୁରଙ୍କ ବାଡ଼ଗ୍ରାହୀଙ୍କ ଲିଖିତ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ଓ ଏହାରରିପୋର୍ଟ ମଗାଯାଇଛି। ଯେତେବେଳେ ବୈଦ୍ୟ ସେବକ ଦଶମୂଳ ମୋଦକ ଗାରଦରେ ଦିଅନ୍ତି ସେହି ଅମୁଣିଆ ମୋଦକକୁ ଗାରଦର ଅଧିକାରୀ ଏବଂ କର୍ମଚାରୀ ଗଣନ୍ତି ନାହିଁ କି ଛୁଅନ୍ତି ନାହିଁ। ଏହା ଟିପା ଖାତାରେ ଲେଖାଯାଏ। କମାଣ୍ଡର ଯାହା ସୂଚନା ଦେଇଛନ୍ତି ସେହି ଅନୁଯାୟୀ ବାଡ଼ଗ୍ରାହୀ ଯେଉଁ ଅଭିଯୋଗ କରିଛନ୍ତି ତାହାର ସତ୍ୟତା ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ମାତ୍ର ମୁଖ୍ୟପ୍ରଶାସକଙ୍କ ମନ୍ତବ୍ୟ ସ୍ୱାଭାବିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଯଦି ତଦନ୍ତ ଶେଷ ହୋଇ ନାହିଁ, ତେବେ ବାଡ଼ଗ୍ରାହୀଙ୍କ ଅଭିଯୋଗ ମିଛ ବୋଲି ପ୍ରମାଣିତ ହେଲା କିପରି ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାଡ଼ଗ୍ରାହୀଙ୍କୁ ପରୋକ୍ଷରେ ଭର୍ତ୍ସନା କରିଛନ୍ତି। କିଛି ଲୋକ ନିଜର ବାହାଦୂରୀ ଦେଖାଇବା ପାଇଁ ଯଥାର୍ଥତା ନ ଥିବା କଥାକୁ ବାହାରକୁ ଆଣି ବିଭ୍ରାନ୍ତି ସୃଷ୍ଟି କରନ୍ତି। ତେବେ ଏ ବାବଦରେ ତର୍ଜମା କରାଯାଉଛି। ଯଥାର୍ଥତା ନ ଥିବା ଏହି କଥାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତଦନ୍ତ ଏବଂ ଦଣ୍ଡ ଉଭୟକୁ ସମ୍ମୁଖୀନ ହେବାକୁ ପଡ଼ିବ। ମୁଖ୍ୟ ପ୍ରଶାସକ ଯାହା କହିଛନ୍ତି ତାହା ହିଁ ସତ୍ୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଗତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ବଳଭଦ୍ର ମୁହଁମାଡ଼ି ପଡ଼ିଲେ। ଏହି ଘଟଣା ସେତେବେଳେ କୋଟିକୋଟି ଓଡ଼ିଆଙ୍କୁ ଆଘାତ ଦେଲା। ପ୍ରଥମେ ଏହାକୁ ସାମାନ୍ୟ ଘଟଣା କହୁଥିବା ସରକାର ଶେଷରେ ଜନମତ ଚାପରେ ତଦନ୍ତ ନିର୍ଦ୍ଦେଶ ଦେଲେ। ଇତିମଧ୍ୟରେ ବର୍ଷେ ବିତିଲାଣି, ମାତ୍ର ତଦନ୍ତ ରିପୋର୍ଟ ଆସିଲା ନାହିଁ କି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏବେ ପୁଣି ରଥଯାତ୍ରା ବେଳକୁ ମହାପ୍ରଭୁଙ୍କ ସେବା ପାଇଁ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ମୋଦକ ଚୋରି ହୋଇ ଘଟଣା ରାଜ୍ୟବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମହାପ୍ରଭୁଙ୍କ ସରକାର ଓ ପ୍ରଶାସନ ଖେଳନା କରି ଦେଲେଣି ବୋଲି ଅନେକ ଅଭିଯୋଗ କରିଛନ୍ତି।

## ଜୁଲାଇ ପହିଲାରୁ...

ସମୟରୁ ଚାଲିଥିବା ହେରଫେରକୁ ଦେଖି ନିକଟରେ ରେଳବାଇ ତତ୍କାଳ ଟିକଟ୍‌ର ବୁକିଂ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ କରିଛି। ଜୁଲାଇ ପହିଲାରୁ ତତ୍କାଳ ଟିକଟ ବୁକ୍ କରିବା ପାଇଁ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଜୁନ୍ ୧୦ରେ ରେଳ ମନ୍ତ୍ରଣାଳୟ ସମସ୍ତ ରେଳ ଜୋନ୍‌କୁ ଏ ନେଇ ନୋଟିସ୍ ଦେଇଛି। ଏହି ସୂଚନାରେ କୁହାଯାଇଛି ଯେ ଏହାର ଉଦ୍ଦେଶ୍ୟ ହେଉଛି ତତ୍କାଳ ଯୋଜନାର ଲାଭ ସଠିକ୍ ଲୋକଙ୍କ ପାଖରେ ପହଞ୍ଚାଇବା। ଏଣିକି ଆଇଆର୍‌ସିଟିସି ଏଜେଣ୍ଟମାନେ ପ୍ରଥମ ଅଧ ଘଣ୍ଟା ପାଇଁ ତତ୍କାଳ ଟିକେଟ ବୁକ୍ କରିପାରିବେନାହିଁ। ଏହି ନିୟମ ସକାଳ ୧୦ଟା ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏସି କ୍ଲାସ ପାଇଁ ଏବଂ ସକାଳ ୧୧ଟାରୁ ୧୧ ଟା ୩୦ ମିନିଟ୍‌ପର୍ଯ୍ୟନ୍ତ ଅଣ-ଏସି କ୍ଲାସ ପାଇଁ ଲାଗୁ ହେବ। ଅର୍ଥାତ୍, ଏହି ସମୟରେ ଏଜେଣ୍ଟମାନେ ତତକାଳ ଟିକେଟ୍ ବୁକ୍ କରିପାରିବେ ନାହିଁ।


**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. Of India
(Affiliated To CBSE, Delhi, Affiliation No. 1520009 & School No- 17097)
At – Sakhatara ,Po- Maulibhatta Ps-Nuapada, Dist- Nuapada, 766105 (Odisha)
Email id: - emrs.nuapada@gmail.com

*Letter no: -* EMRS / NPD/ OFF/ 132 /2025-26 /Date: -24.06.2025

**SHORT TENDER CALL NOTICE**

Sealed Short Tenders are invited from the Registered and reputed firms/dealers/wholesale suppliers for urgent requirement of "Grocery ***items, Vegetable Items, Non-Vegetarian Items, Sweet Milk Paneer Bread Fruits Items & Hair Cutting*** " for our School for the Academic year 2025- 2026. They are intimated to deposit sealed quotations in the concerned format Physically /send through regd. or speed post only. The Tender forms with other particulars and format can be obtained form the office of the Principal, Ekalavya Model Residential School, Nuapada from 08.00 am to 02.00 pm on all working days w.e.f **25.06.2025 to 08.07.2025** on payment of Rs. 300/- (Non-Refundable) in cash or bank draft. It can be downloaded from Nuapada District Web Site i.e **nuapada.odisha.gov.in** Those who want to down load the tender forms from the website should enclose a Demand Draft/Pay Order for Rs. 300/- in favour of Principal EMRS Nuapada payable at Nuapada in any nationalized Bank along with each tender form towards its bid processing fees. **Sealed envelopes for both Technical bid and Financial bid should be submitted for each item separately with marked above the envelop.** The Tenders completed in all respects along with requisite Earnest Money (EMD) to be must deposit in shape of only TDR pledged in favour of Principal, EMRS Nuapada payable at Nuapada on or before 08.07.2025 by 02.00 PM by Physically / Speed & Registered Post only.

The Sealed Tenders will be opened on **09th , July'2025 (Wednesday) at 10.00 AM** in presence of Purchase Advisory Sub Committee at office Chamber of Principal EMRS Nuapada. The Chairman of the Committee reserves the right to accept or reject one or all tenders partly or wholly without assigning any reason there of. It may be noted that if any administrative exigencies occur, tenders opening date may be changed.

**Principal i/c , EMRS, Nuapada**



UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍**
ଧାରା 13 (2) ଅନୁସାରେ

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଆକ୍ଟ) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ (ରୁଲ୍ସ)**

ନିମ୍ନଲିଖିତ ବ୍ୟକ୍ତି ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ("ବ୍ୟାଙ୍କ") ର ଅଧିକୃତ ଅଧିକାରୀ ଦ୍ୱାରା ଆଇନ ଅନୁଯାୟୀ ଏବଂ ଆଇନର ଧାରା 13(12) ଅନୁସାରେ ପ୍ରଦତ୍ତ ଅଧିକାର ବ୍ୟବହାର କରି, ନିୟମ 3 ସହିତ ଧାରା 13(2) ଅନୁସାରେ ନିମ୍ନଲିଖିତ ଋଣଗ୍ରହୀଙ୍କୁ ସମ୍ବନ୍ଧିତ ନୋଟିସରେ ଉଲ୍ଲେଖିତ ଅର୍ଥ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଡିମାଣ୍ଡ ନୋଟିସ ଜାରି କରିଛନ୍ତି।। ଯେହେତୁ କେତେକ ନୋଟିସ ଡାକ ମାର୍ଗରେ ପହଞ୍ଚାଇ ନଥିବା ମନ୍ତବ୍ୟ ଅନୁଯାୟୀ ପ୍ରାପ୍ତ ହୋଇନାହିଁ, ତେଣୁ ନୋଟିସଗୁଡ଼ିକୁ ଋଣଗ୍ରହୀଙ୍କୁ ବିକଳ୍ପ ସେବା ଅର୍ଥାତ୍ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା।

| | | |
|---|---|---|
| ୦୧ | ଋଣଗ୍ରହୀ(ଙ୍କ) ନାମ:<br>1) ସତ୍ୟସାଇ ଏଜେନ୍ସି (ଋଣଗ୍ରହୀ ଏବଂ ବନ୍ଧକଦାତା)<br>2) ସରୋଜିନୀ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>3) ସତ୍ୟସାଇ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>ମଞ୍ଜୁରୀ ତାରିଖ: ୦୬/୦୮/୨୦୨୪<br>ଋଣ ଖାତା ନମ୍ବର:<br>USFBBHUMSME000002800<br>ଋଣ ରାଶି: ଟ.୫୦,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଡିମାଣ୍ଡ ନୋଟିସ ତାରିଖ: ୦୯/୦୬/୨୦୨୫<br>(୦୯/୦୬/୨୦୨୫ରେ ପଠାଯାଇଛି)<br>ଡିମାଣ୍ଡ ନୋଟିସ ରାଶି: ୦୬.୦୬.୨୦୨୫ ସୁଦ୍ଧା ଟ.୫୧,୯୦,୦୪୯.୭୦/- ଏବଂ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ସମ୍ପତ୍ତିର ବିବରଣୀ: ଖାତା ନଂ. ୪୭୬/୨୫୩୪, ପ୍ଲଟ୍-୧୦୬୩/୩୪୨୧, ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧<br>ସମ୍ପତ୍ତିର ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ସରକାରୀ ରାସ୍ତା<br>ପଶ୍ଚିମ: ସରକାରୀ ରାସ୍ତା<br>ଉତ୍ତର: ହରି ହର ନାୟକ<br>ଦକ୍ଷିଣ: ପ୍ଲଟ୍ ନଂ. - ୧୦୬୪ |
| ୦୨ | ଋଣଗ୍ରହୀଙ୍କ ନାମ:<br>1) ଭୂପତି ଚରଣ ପ୍ରଧାନ (ଋଣଗ୍ରହୀ)<br>2) ଦେବକୀ ପ୍ରଧାନ (ସହ-ଋଣଗ୍ରହୀ ଏବଂ ବନ୍ଧକକାରୀ)<br>ମଞ୍ଜୁରୀ ତାରିଖ: ୨୩/୦୮/୨୦୨୪<br>ଋଣ ଖାତା ନମ୍ବର:<br>USFBBHUMSME000003127<br>ଋଣର ପରିମାଣ: ₹୧୪,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଦାବି ନୋଟିସ୍ ତାରିଖ: ୧୭/୦୬/୨୦୨୫<br>(୧୮/୦୬/୨୦୨୫ରେ ପଠାଯାଇଛି)<br>ଦାବି ନୋଟିସ୍ ପରିମାଣ: ₹୧୪,୫୪,୧୩୮.୬୮/-<br>(୦୬/୦୬/୨୦୨୫ ପର୍ଯ୍ୟନ୍ତ) ଏବଂ ସୁଧ ଓ ଅନ୍ୟାନ୍ୟ ଶୁଳ୍କ | ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶ:<br>ଖାତା ନଂ: ୬୭୫/୭୪୨, ପ୍ଲଟ୍ ନଂ: ୧୯୫୩, ପ୍ଲଟ୍ ଏରିଆ: ଏକର ୦.୦୨୦୦ ଡେସିମାଲ ଅର୍ଥାତ୍ ୮୭୧.୨୦ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଚୋରାମରା, ଥାନା: ବାଲେଶ୍ୱର (୧୫), ତହସିଲ: ବାଲେଶ୍ୱର (୪୦୧), ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏବଂ ନିମ୍ନଲିଖିତ ସୀମା ଦ୍ୱାରା ପରିବେଷ୍ଟିତ:<br>ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୪୨<br>ପଶ୍ଚିମ: ପ୍ଲଟେଡ୍ ରାସ୍ତା<br>ଉତ୍ତର: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୩/୨୧୪୦<br>ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୫ |

ଯଦି ଉପରୋକ୍ତ ବକେୟା ପରିଶୋଧ କରିବାରେ ୬୦ (ଷାଠିଏ) ଦିନର ଅବଧି ମଧ୍ୟରେ ବିଫଳ ହୁଅନ୍ତି, ତେବେ ନିମ୍ନଲିଖିତ ସ୍ୱାକ୍ଷରକାରୀ ଆଇନ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଏନଫୋର୍ସ କରିବାକୁ ବାଧ୍ୟ ହେବେ। ଦୟାକରି ନୋଟ୍ କରନ୍ତୁ ଯେ, ଆଇନର ଧାରା ୧୩(୧୩) ଅନୁଯାୟୀ, ଆପଣଙ୍କୁ ଏହି ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିବାରୁ ନିଷିଦ୍ଧ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଆଇନ ଅନୁଯାୟୀ ଦଣ୍ଡନୀୟ।
ଦାବି ନୋଟିସ୍‌ର ଏକ ପ୍ରତିଲିପି ନିମ୍ନଲିଖିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ, ଏବଂ ଋଣଗ୍ରହୀ(ମାନେ) ଚାହିଁଲେ ଯେକୌଣସି କାର୍ଯ୍ୟଦିବସରେ ସାଧାରଣ ଅଫିସ୍ ସମୟରେ ନିମ୍ନଲିଖିତ ବ୍ୟକ୍ତିଙ୍କଠାରୁ ଏହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୨୫.୦୬.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍



**OFFICE OF THE PRINCIPAL**
**MAA MARKAMA +3 COLLEGE, BISSAMCUTTACK, DIST – RAYAGADA**
**TENDER NOTICE**

Maa Markama +3 College, Bissamcuttack invites sealed Tenders for following items from the reputed agencies. The Tender document may be downloaded from our website – https://mmplus3college.in/

| Tender No | Name of the Items | Last date & time of submission of Tender form | Date & Time of opening Technical Bids | Date & Time of opening Financial Bids |
|---|---|---|---|---|
| 01/2025-26 | 6 nos of Desktop Computers and IT infrastructure | 15.07.2025, 5.00 P.M. | 18.07.2025 10.00 A.M | 18.07.2025 12.00 P.M |
| 02/2025-26 | Laboratory Equipments | 15.07.2025 4.00 P.M. | 22.07.2025 10.00 A.M | 22.07.2025 11.00 A.M |

Interested agencies may submit their sealed tenders in two bid system i.e. Technical Bid & Financial Bid as per terms & conditions of the tender documents. The filled in tender form of each item with tender fees and earnest money by Demand Draft in favour of Principal-cum-Secretary, Maa Markama +3 college, Bissamcuttack. The document should reach to the college office clearly super scribed "Tender for ..............................."

-sd/-
Principal-cum-Secretary
Maa Markama +3 College, Bissamcuttack
Email id- mmdegreecollege@gmail.com, www.mmplus3college.in
Contact No : 9337150340/7978477560



**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft,1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**AFFIDAVIT**

I, Suparna Subhadarshana, D/o- Jugansu Sekhar Panda, aged about 23 years, resident of Plot No. 291, Kalyani Nagar, Patrapada, Bhubaneswar, DIst- Khurda, PIN- 751019, Odisha declared by this affidavit No. 79, dtd- 23/06/2025 that now onwards I shall be known as **SUPARNA SUBHADARSHANA PANDA** for all future purposes.

**AFFIDAVIT**

By virtue of an affidavit Sl. No. 31, dtd. 23.06.2025 in the court of the Tahasildar-cum-Executive Magistrate, Phiringia, Dist.- Kandhamal, I, Namita Kanhar, have changed my minor daughter's name from Sakhina Kanhar to Urbi Kanhar. Henceforth she will be known as **Urbi Kanhar** for all purposes.

**Sd/- Namita Kanhar**

**AFFIDAVIT**

By virtue of an affidavit before Notary Public, Jeypore, Dist.- Koraput, No.2186 dtd.14.05. 2025 I, Sri Janta Nag, S/o- Late Harischandra Nag, resident of Vill.- Mokaput, Po.- Umuri, Ps.- Jeypore Sadar, Dist.- Koraput, Odisha, declare that, my son's actual name is **Suroj Nag** but in his Aadhaar Card his name has been mentioned as **Rishi Nag**. Hence **Suroj Nag** and **Rishi Nag** is one and same person.

**AFFIDAVIT**

I, Anuska Satpathy, D/o- Sanjeeb Kumar Satpathy, resident of Lane-4, Gandhinagar, Po-Balangir, Dist- Balangir, Odisha declare by this affidavit No. 527, dated- 24/06/2024 that now onwards I shall be known as **ANUSHKA SATPATHY** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Devee Rani Sasmal, residing At/Po- Narayanmohantypadia, PS- Bhograi, Dist.- Balasore declare that I have changed my minor son's name from Debaraj Jena to **Abhi Adinath**. Henceforth he shall be known as **Abhi Adinath** for all purposes.

**Sd/- Devee Rani Sasmal**

**AFFIDAVIT**

By the virtue of an affidavit sworn before Executive Magistrate, Daringibadi, Dated 24.06.2025. I KANCHANI BALIYARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIYARSINGH. Henceforth, I shall be known as KANCHANI BALIYARSINGH for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Kabita Maharana, residing At- Dhipur, Po- Gadasanapur, Ps.- Kanas, Dist.- Puri declare that I have changed my minor son's name from Asribada Maharana to **Ashirbad Maharana**. Henceforth he shall be known as **Ashirbad Maharana** for all purposes.

**Sd/- Kabita Maharana**

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Namita Das, residing At- Palligumula, Po- Bada Kusthali, Ps- Gopalpur, Dist.- Ganjam declare that I have changed my minor daughter's name from Abhi Das to **Ankita Das**. Henceforth she shall be known as **Ankita Das** for all purposes.

**Sd/- Namita Das**

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Snehalata Malik, residing At- Bhabanipur, Po- Balibili, Ps- Bari Ramachandrapur, Dist.- Jajpur declare that I have changed my name from Rima Jardar to **Snehalata Malik**. Henceforth he shall be known as **Snehalata Malik** for all purposes.

**Sd/- Snehalata Malik**

**NOTICE**

By virtue of an affidavit sworn before the Executive Magistrate/Notary Public M. Rampur, Kalahandi dated 24.06.2025 I, Prasanta Seth Address At/Po - M. Rampur, Ps - M. Rampur, Dist – Kalahandi, Odisha, 766102 declare that I have changed changed the name of my son Sahan Seth to Bhojraj Seth. Henceforth, He shall be known as **Bhojraj Seth** for all purposes.

**AFFIDAVIT**

By the virtue of an affidavit sworn before the court of Executive Magistrate, Bhapur, Nayagarh, I, **BIBEKANANDA DAS** At- Nandabar, PO- Karabar, Dist - Nayagarh wants to change my name from **Babul Kumar Das** to **Bibekananda Das** for all purposes.

**AFFIDAVIT**

I, Kanduri Sahoo, S/o- Late Arta Sahoo, aged about 65 years, At- Baligoradi, Post- Biranarasinghapur, Ps.- Chandanpur, Dist.- Puri, Odisha have lost my original Sale deed (vide Regd. No.397 dtd. 07.02.1986, at D.S.R. Puri) at Chandanpur market area. I wish to creat mortgage on the said property for availing home loan from SBI, Station Bazar branch, Puri. Centre code- 7886. If anybody has found the same sale deed please return the original document to SBI, Station Bazar branch, Puri or contact me on mobile no. 9861085826.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Suchitra Mallik, residing At- Paripada, Po- Uttarkulhat, Ps- Alakunda, Dist- Jajpur declare that I have changed my minor son's name from Rohit Kumar Mallik to **Rohit Mallik**. Henceforth he shall be known as **Rohit Mallik** for all purposes.

**Sd/- Suchitra Mallik**

**AFFIDAVIT**

By virtue of an affidavit sworn before the Executive Magistrate, Cuttack. I, **Nikita Singhania,** age 36 years, D/o- Jay Kumar Jain, W/o- Chandan Singhania, resident of Jarda Compound, Kanika Chhak, Po-Tulasipur, Ps- Lalbag, Dist- Cuttack, Odisha vide Aadhar No- 8001 8737 1002. Prior to my marriage I was named as **Nikita Jain** which has been reflected my passport No. M2971092. After my marriage I have changed my surname from **Jain** to **Singhania**. Henceforth, both name **Nikita Singhania** and **Nikita Jain** is one same person she will be known as **Nikita Singhania** for all future purposes.

**Nikita Singhania**

**AFFIDAVIT**

By virtue of an Affidavit No. 407, Dt. 24.06.25 sworn before the Executive Magistrate, BISOI, I Sri Karamchand Patra, S/o - Prafulla Patra of village - Dhendgan, Po - Ekdali, P.S - Jharpokharia, Dist - Mayurbhanj declared that in Aadhar Card bearing No:- 5326 2016 9863 my son name has been wrongly written "MANASH PATRA" instead of "MANAS PATRA". That both the name as MANASH PATRA and MANAS PATRA are same and one person. That the purpose of this affidavit is to be produced before the concerned authority to correction of my son name as "MANAS PATRA" and father name as "KARAMCHAND PATRA" for future reference.

**Karamchand Patra**

**AFFIDAVIT**

By virtue of an affidavit before the Executive Magistrate, Angul on dated- 09/06/2025. I, **Mulaveesala Venkata Sujatha,** W/o- Pandellapalli Sravan, resident of 48-12-7/28 Manasa Apartments, Srinagar, Visakhapatnam (Urban), Andhrapradesh-530016, at present QTR No. TC-24, PO/PS- Nalco Nagar, Dist- Angul, odisha have changed my minor daughter's name from **P. Medha Prapurna To Pandellapalli Venkata Medha Prapurna** in Sukanya Samridhi Yojana of postal bearing A/C No. 6120239157. Henceforth, she shall be known as **Pandellapalli Venkata Medha Prapurna** for all future purposes.

**Mulaveesala Venkata Sujatha**



**M/s. L.K. ASSOCIATES, KORAPUT**
BRANCH OFFICE: SHIVA SHAKTI NAGAR, WARD NO.7,
GOTMA, KHARIAR ROAD, DIST.-NUAPADA, ODISHA, PIN-766104

**ENGAGEMENT OF MANPOWER FOR 'FOREST RIGHT CELL' UNDER DA-JGUA NEWLY CONSTITUTED FR CELL AT THE OFFICE OF SUB-COLLECTOR, NUAPADA THROUGH OUTSOURCING.**

No. 215 / MSLK / 06 / 2025 / Date: 23.06.2025

Applications are invited with complete Bio-data in the relevant field from intending eligible persons of Nuapada District for engagement of Cell Co-ordinator and MIS Assistant for setting up FRA Cell (Dharti Aaba Units) under DA-JGUA (Forest Right Cells) on "outsourcing" basis in the Sub-Collector Office, Nuapada by 04.07.2025. Applicants can log on www.nuapada.gov.in for details of vacancy, eligibility criteria, age, remuneration, application forms & other terms and conditions. The application will be received through Speed Post / Regd. Post / Courier Service in the above Khariar Road Branch Office address. The engagement is co-terminus with the scheme. The applications received after the schedule date shall be rejected.

| Sl. No. | Position | Remuneration | No. of Vacancy | Educational Qualification | Experience |
|---|---|---|---|---|---|
| 01 | Cell Co-ordinator (Sub-Collector Office, Nuapada) | Rs.35,000/- per month (inclusive of all taxes) | 01 | Graduate. Master degree will be preferred. | Minimum 2-3 years of experience in NGO/Social Sector Projects & with Govt project will be preferred for the position under the scheme. |
| 02 | MIS Assistant (Sub-Collector Office, Nuapada) | Rs.25,000/- per month (inclusive of all taxes) | 01 | Graduate with PGDCA. Master degree will be preferred. | 2 years of experience in data entry and large scale database management in any reputed Govt / Private agency & MS Office, Excel & Internet. |

**NB: Language and competency:**
* Fluency in oral and written communication in Odia and English is a mandatory requirement

**Nature of Engagement:**
* Mode of engagement will be completely contractual and on temporary basis. The contract agreement will be for a period of one year & can be terminated by either of the party with one month prior notice or remuneration in lieu. Initial agreement will be for 06 months.

*** Selection will be made on merit basis & computer test.**

*** Candidates are required to bring all original Certificates/ documents for verification on 05.07.2025 at 10.00 AM**

**Date of interview: 05.07.2025 at 11.00 AM in the office of the District Welfare Officer, Nuapada.**

**For details contact Mobile No. 7328882121 / 7894384569**

Sd/- Director
M/s. L.K.Associates, Koraput

# ପ୍ରାକ୍ ଶିକ୍ଷା ବ୍ୟବସ୍ଥା ଗଲାଣି ଚୁଲିକୁ







● ଅଙ୍ଗନବାଡ଼ି କେନ୍ଦ୍ର ବିପଦସଂକୁଳ
● ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଉଦାସୀନ

ବେଲବାହାଲି,୨୪।୬(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଅନ୍ତର୍ଗତ ଗୁହାଳିଆ ଗ୍ରାମରେ ଦୀର୍ଘ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ରର ଗୃହଟି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ପଡ଼ିରହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ଦୃଷ୍ଟିକୁ ଆସୁ ନଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏହାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ପ୍ରଶାସନ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେଇ ଦିଗରେ ଉଦାସୀନତା ଅବଲମ୍ବନ କରିଆସିଛି। ଆଜି ପର୍ଯ୍ୟନ୍ତ ନୂତନ ଘର ପାଇଁ ବାଲି ମୁଠାଏ ପଡ଼ିନି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଯଦି ଶିକ୍ଷାର ଅବ୍ୟବସ୍ଥା ଦେଖାଯାଏ ତାହେଲେ ସାରା ରାଜ୍ୟରେ ପରିସ୍ଥିତି କଣ ହେବ ତାହା ଅନୁମେୟ।

ଗୁହାଳିଆ ଗ୍ରାମରେ ଥିବା ଅଙ୍ଗନବାଡ଼ି ଘର କାନ୍ଥ ଫାଟିଯିବା ସହ ଛାତରୁ ଫଡ଼ା ଫଡ଼ା କଂକ୍ରିଟ ଖସୁଥିବାରୁ ଉକ୍ତ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ କୋମଳମତି ଶିଶୁମାନେ ପଢୁଛନ୍ତି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ୩୫ରୁ ଅଧିକ କୁନି ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି।

ଅଧିକାଂଶ ସ୍ଥାନୀୟରେ ଅଙ୍ଗନବାଡ଼ି କେନ୍ଦ୍ରର ସ୍ଥାୟୀ ଗୃହ ନାହିଁ। ସରକାରୀ ଯୋଜନାର ଚାଉଳ, ଅଣ୍ଡା, ଛତୁଆ ଇତ୍ୟାଦିକୁ କର୍ମୀମାନେ ଏଣେତେଣେ ରଖୁଛନ୍ତି। ଅନ୍ୟପଟେ ସେହି ଗ୍ରାମର ନୂଆସାହିରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଆସିଥାନ୍ତି। ରାସ୍ତାରେ ଗାଡ଼ି ମୋଟର ଏବଂ ବୁଲା କୁକୁରଙ୍କ ଭୟରେ ଅଧିକାଂଶ ସମୟରେ ଛାତ୍ରଛାତ୍ରୀ ଆସି ପାଠ ପଢ଼ି ପାରୁନାହାନ୍ତି। ଏନେଇ ଗୁହାଳିଆ ଗ୍ରାମରେ ଅବ୍ୟବସ୍ଥା ଥିବା ଅଙ୍ଗନବାଡି କେନ୍ଦ୍ରକୁ ନୂତନ ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ଦାବି ହୋଇଆସୁଥିଲା। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବାକୁ ଟେଣ୍ଡର ପକ୍ରିୟା ଶେଷ ହୋଇ ଜଣେ ବ୍ୟକ୍ତି ୪ ମାସ ହେବ ଟେଣ୍ଡର ନେଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ବାଲି ମୁଠାଏ ପଡିପାରିଲା ନାହିଁ। ଯାହାଫଳରେ କୁନି କୁନି କୋମଳମତି ଶିଶୁଙ୍କ ପଢିବାରେ ବ୍ୟାଘାତ ସୃଷ୍ଟି ହେଉଛି। ତୁରନ୍ତ କାମ କରିବାକୁ ଗ୍ରାମବାସୀଙ୍କ ସମେତ ଅଞ୍ଚଳର ସମାଜସେବୀ ସତ୍ୟବ୍ରତ ଜେନା ଦାବି କରିଛନ୍ତି।

## ହାଟଡ଼ିହୀରେ ଜିଓ ଫାଇବର ଇଣ୍ଟରନେଟ ସେବା ମନ୍ଥର

ହାଟଡ଼ିହୀ,୨୪।୬(ସମିସ): ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜିଓ ନେଟୱର୍କ ଓ ଇଣ୍ଟରନେଟ ସେବାରେ ଅନିୟମିତତା ଦେଖାଦେଇଛି। ଅନେକ ସମୟରେ ଭଏସ୍ କଲ୍ ମାଧ୍ୟମରେ ଠିକ୍ ସେ କଥା ଶୁଭୁ ନଥିବା ବେଳେ ସଠିକ୍ ଭାବେ ଇଣ୍ଟରନେଟ ସେବା ମଧ୍ୟ ମିଳିପାରୁନି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଜିଓ ସେଣ୍ଟର କର୍ମଚାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। କର୍ମଚାରୀଙ୍କ କହିବାନୁସାରେ, ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ହୋଇଥିବା ଜିଓ ନେଟୱର୍କ ଉପରେ ଆବଶ୍ୟକଠାରୁ ଅଧିକ ଗ୍ରାହକ ନିର୍ଭର କରୁଥିବାରୁ ଜିଓ ନେଟୱର୍କ ସେବା ସଠିକ୍ ଭାବେ ଯୋଗାଇ ହେଉନି। ହାଇସ୍ପିଡ ଇଣ୍ଟରନେଟ ସେବା ପାଇବା ଆଶାରେ ଯେଉଁ ଗ୍ରାହକମାନେ ଜିଓ ଫାଇବର ବକ୍ସ ଲଗାଇଛନ୍ତି ସେମାନେ ଅଳ୍ପଦିନ ମଧ୍ୟରୁ ଉତ୍ତମ ସେବା ପାଇବାରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଜିଓ କେନ୍ଦ୍ର କର୍ମଚାରୀ ଏବଂ କେନ୍ଦୁଝର ଜିଓ ମୁଖ୍ୟାଳୟ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇପାରୁନି। ଗ୍ରାହକମାନେ କମ୍ପାନୀ ଦ୍ୱାରା ଉକ୍ତ ଜିଓ ଫାଇବର ସାମଗ୍ରୀର ନିର୍ଦ୍ଧାରିତ ମୂଲ୍ୟ ପୈଠ କରି କ୍ରୟ କରିଥିଲା ବେଳେ ସେମାନଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଜିଓ କମ୍ପାନୀ ନେଟୱର୍କ ଓ ଇଣ୍ଟରନେଟ ସେବା ଯୋଗାଇବାରେ ଫେଲ୍ ମାରିଥିବାରୁ ଆଗାମୀ ଦିନରେ ଜିଓ ଗ୍ରାହକମାନେ ଅନ୍ୟ ନେଟୱର୍କ ସହ ଯୋଡ଼ି ହେବାକୁ ସ୍ଥିର କରିଥିବା ନେଇ କହିଛନ୍ତି। ସେମାନଙ୍କୁ ତୁରନ୍ତ ଉତ୍ତମ ଜିଓ ସେବା କିମ୍ବା କ୍ରୟ ସାମଗ୍ରୀର ମୂଲ୍ୟ ଫେରସ୍ତ ନହେଲେ ସେମାନେ ଆଇନର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି।

## ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତା



ଆନନ୍ଦପୁର,୨୪।୬ (ସମିସ): ଅଗ୍ରଣୀ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ସା ନି ଧା ପା ଓ ସଂ ସା ସି, ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ଆଦର୍ଶ ବିଦ୍ୟାଳୟ, ସୁଆଁପଦା ପରିସରରେ ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସଂଗୀତ ପ୍ରତିଯୋଗିତା ଓ ସନ୍ତୁରଦିବସ ପାଳିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଇଂ ସୌମ୍ୟରଞ୍ଜନ ମହାନ୍ତି, ପ୍ରଫେସର ଆଶାମୁକୁଳ ବାରିକ୍, ଡ. ଅଜୟ କୁମାର ବିଶ୍ୱାଳ ଓ ଗୁରୁ ଶମ୍ଭୁନାଥ ରଣା ଯୋଗ ଦେଇଥିଲେ। ପରେ ପରେ ଓଡ଼ିଶୀ ସଙ୍ଗୀତ, ହିନ୍ଦୁସ୍ତାନୀ ସଂଗୀତ ଓ ତବଲା ବିଭାଗରେ ସାରା ରାଜ୍ୟରୁ ଆସିଥିବା ୧୭୦ରୁ ଅଧିକ ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତତ୍ପରେ ଶାସ୍ତ୍ରୀୟ ସଙ୍ଗୀତ ଆସରରେ ଗୁରୁ ସନ୍ତୋଷ କୁମାର ପରିଡ଼ା ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ, ଗୁରୁ ନନ୍ଦକିଶୋର ଦାସ ଓ ତାଙ୍କର ଛାତ୍ରଙ୍କ ଦ୍ୱାରା ତବଲା ବାଦନ, ପ୍ରଜ୍ଞା ମିଶ୍ର ଓ ସାଥୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଗୁରୁ ନନ୍ଦକିଶୋର ଦାସଙ୍କ ସନ୍ତୁର୍ ଓ ଗୁରୁ ବିଶ୍ୱରଞ୍ଜନ ନନ୍ଦଙ୍କ ତବଲା ସହଯୋଗିତାରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ। ପରେ ପରେ ସୁଶ୍ରୀ ଅଭିଲିପ୍ସା, ସୁଶ୍ରୀ କ୍ଷୀରାବ୍ଧି ଓ ସୁଶ୍ରୀ ସୃତପାଙ୍କ ଦ୍ୱାରା ଗୀତଗୋବିନ୍ଦ ଗାୟନ କରାଯାଇଥିଲା। ପରେ ଇଂ ପିତାମ୍ବର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶ, ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳ, ମୁମ୍ବାଇର ସମ୍ପାଦକ ଯାମିନିକାନ୍ତ ମିଶ୍ର, ବିଶିଷ୍ଟ ଚିତ୍ର କାରିଗର ଶିଳ୍ପୀ କେଶୁ ଦାସ, ପ୍ରଧାନଶିକ୍ଷକ ହରପ୍ରିୟା ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ତ୍ରିପାଠୀ, ହରିହର ଜେନା, ଅମିୟ ନାଥ, ଶୁଭାଶିଷ ଶତପଥୀ, କୁନାଲ ସାହୁ, ହରିହର ମିଶ୍ର, ଚନ୍ଦ୍ରଶେଖର ସାହୁ, ଶାନ୍ତନୁ ରାଉତ, ବିଶ୍ୱଜିତ ମୁଦୁଲି ଓ ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ତେଲ ନଦୀ ଉପରେ ୪ ଫୁଟ୍ର ପାଣି



ତୁରୁମୁଙ୍ଗା, ୨୪।୬(ସମିସ): ଶିମିଳିପାଳ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷାରେ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ବ୍ଲକ ଅଞ୍ଚଳ ବେହାଲ ହୋଇପଡ଼ିଛି। ସାହାରପଡ଼ା ବ୍ଲକ ଦାମାହୁଦାଠାରୁ ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତାର କୁମୁଲା ବାହାଳି ତେଲ ନଦୀ ପୋଲ ଉପରେ ଗତକାଲି ସନ୍ଧ୍ୟାରୁ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳ ବନ୍ଦ ରହିଛି। ସାହାରପଡ଼ା ବ୍ଲକ ଦାମାହୁଦାଠାରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

## ରାମଚନ୍ଦ୍ର ସାହୁଙ୍କ ପରଲୋକ



ଆନନ୍ଦପୁର,୨୪।୬ (ସମିସ): ଆନନ୍ଦପୁର ପୌରାଞ୍ଚଳ ୧୬ନମ୍ବର ୱାର୍ଡ଼ ଶୈଲଙ୍ଗ ଗ୍ରାମର ଅଗ୍ରଣୀ ଚାଷୀ ରାମଚନ୍ଦ୍ର ସାହୁ(୮୭)ଙ୍କର ନିଜ ବାସଭବନରେ ଦେହାନ୍ତ ହୋଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ତଥା ଟ୍ରକ ମାଲିକ ସଂଘର ପୂର୍ବତନ ଉପସଭାପତି ତଥା ସମବାୟବିତ ଜୟନ୍ତ ସାହୁ ମୁଖାଗ୍ନି ଦେଇଛନ୍ତି। ରାମଚନ୍ଦ୍ରଙ୍କ ବିୟୋଗରେ ଶୈଲଙ୍ଗରେ ଶୋକ ପ୍ରକାଶ ପାଇଛି।

### ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ

## କମ୍ପ୍ୟୁଟର ଲ୍ୟାବ୍ ପାଲଟିଛି ବାଇକ ରଖିବା ଗ୍ୟାରେଜ୍



ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟର କମ୍ପ୍ୟୁଟର ଲ୍ୟାବ୍ ତଥା ସଭାକକ୍ଷ ସହକାରୀ ଶିକ୍ଷାଧିକାରିଣୀଙ୍କ ପାର୍କିଂସ୍ଥଳ ପାଲଟିଛି।

## ଅମୀୟ ହେଲେ କେନ୍ଦୁଝର ସାଂସଦ ପ୍ରତିନିଧି



ଆନନ୍ଦପୁର, ୨୪।୬ (ସମିସ): ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ କାନପୁର ଗ୍ରାମର ବିଜେପି ନେତା ଅମୀୟ କୁମାର ଚକ୍ରଙ୍କୁ ବ୍ଲକ ଆଇଟିଡିଏ ବିଭାଗର କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଥିବା ଜଣାଯାଇଛି। ଶ୍ରୀ ଚକ୍ରଙ୍କୁ ଏପରି ଦାୟିତ୍ୱ ମିଳିଥିବାରୁ ଦଳୀୟ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତଙ୍କ ସହ ସ୍ଥାନୀୟ ଜୀମୂତ ବାହନ ରାଉତ, ନାରାୟଣ ରାଉତ, ହେମନ୍ତ ବେହେରା, ତନୁ ରାଉତ, ଶିବେନ୍ଦ୍ର ଚକ୍ର, ବିକାଶ ଚକ୍ର, ବସନ୍ତ ଚକ୍ର ଙ୍କ ସହ ବହୁ ନେତା ମଣ୍ଡଳ ସଭାପତିଙ୍କ ସହ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

## ୨ ଦାଦନ ଯୁବତୀ ନିର୍ଯାତନାର ଶିକାର
## ୧୨ ଘଣ୍ଟା କାମ କରାଇ ଠକିଦେଲା ଠିକାଦାର

ହାଟଡ଼ିହୀ,୨୪।୬(ସମିସ): ସୋସୋ ଥାନା ଅଧୀନ ବନ୍ଧସାହିର ପିତାମ୍ବର ହୋ ଓ ସିମି ହୋଙ୍କ ଦୁଇ ଝିଅ ଗୁଜୁରାଟ ରାଜ୍ୟକୁ କାମ କରିବାକୁ ଯାଇ ସେଠାରେ ନିର୍ଯାତନାର ଶିକାର ହୋଇ ଅଟକ ରହିଥିଲେ। ଗତ ୨ବର୍ଷ ଧରି ସେମାନେ ଗୁଜୁରାଟ ରାଜ୍ୟର ମୋର୍ବି ଜିଲ୍ଲାସ୍ଥିତ ଫିରୋଞ୍ଜା ଓ ପେଣ୍ଟିନା ନାମକ ୨ଟି ମାର୍ବଲ କମ୍ପାନୀରେ ପ୍ୟାକିଙ୍ଗ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ସୋସୋ ପୁଲିସ, ସହ ଶ୍ରମିକ ଅଧିକାରୀ ଏବଂ ସମାଜସେବୀ ସୁଶାନ୍ତ ବିଶ୍ୱାଳଙ୍କ ଉଦ୍ୟମକ୍ରମେ ୨ଭଉଣୀ ଗତକାଲି ନିଜ ଗାଁରେ ପହଞ୍ଚିଛନ୍ତି। ବାପା ପିତାମ୍ବର ଓ ମାଆ ସିମି ଏବଂ ତାଙ୍କ ପରିବାର ସହ ଗାଁଲୋକେ ପୁଲିସ, ସହ ଶ୍ରମ ଅଧିକାରୀ ଏବଂ ସମାଜସେବୀ ଶ୍ରୀ ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଠିକାଦାର ମାସିକ ୧୪ହଜାର ଟଙ୍କା ଦେବ ବୋଲି କହି ୨ଭଉଣୀଙ୍କୁ ଘର ବାହୁଡ଼ା ବେଳେ ମାତ୍ର ୧୦ହଜାର ଟଙ୍କା ଦେଇ ଆକାଉଣ୍ଟରେ ପଠାଇଦେବି କହି ଘରକୁ ବିଦା କରିଦେଇଥିଲା। ତେବେ ଏହି ୨ଯୁବତୀ ସେଠାରେ ୨ବର୍ଷ କାଳ ଦିନକୁ ୧୨ଘଣ୍ଟା ଧରି କାର୍ଯ୍ୟ କରିଆସୁଥିଲା ବେଳେ ସେମାନଙ୍କ ପାରିଶ୍ରମିକ କିପରି ପାଇବେ ସେନେଇ ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ପ୍ରଶାସନ ସହ ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ମଦ ଦୋକାନରୁ ଲୁଟ୍

ତୁରୁମୁଙ୍ଗା, ୨୪।୬(ସମିସ): ପାଟଣା ବଜାରରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଦୋକାନ ପଛ ପଟ ଟିଣ ତାଡି ଦୁର୍ବୃତ୍ତମାନେ ଟଙ୍କା ସହ ବିଦେଶୀ ମଦ ଚୋରି କରି ନେଇଛନ୍ତି। ସକାଳୁ ଝାଡୁ କରୁଥିବା ସମୟରେ କିଛି ଲୋକ ଦୋକାନର ପଛ ପଟ ଟିଣ ତାଡ଼ିବା ଦେଖିବାକୁ ପାଇ ଦୋକାନ ମାଲିକଙ୍କୁ ଜଣାଇଥିଲେ। ଏନେଇ ଦୋକାନ ମାଲିକ ରଞ୍ଜନ ସାହୁ ପାଟଣା ଥାନାରେ ୫୪ ହଜାର ଟଙ୍କା ସହ ବିଦେଶୀ ମଦ ଚୋରି ହୋଇଥିବା ନେଇ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି।

## ବର୍ଷାରେ ଧସିଲା କାନ୍ଥ



ବାଲିବନ୍ଧ, ୨୪।୬ (ସମିସ): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଥିବା ଝୁମ୍ପୁରା ପଞ୍ଚାୟତ ଭାଲୁକା ଗ୍ରାମର ନୂଆ କଲୋନୀ ସାହିରେ ମଙ୍ଗଳବାର ସକାଳୁ ଏକ ରୋଷେଇ ଘର କାନ୍ଥ ଧସି ପଡିଛି। ସେହି ଗ୍ରାମର ରଘୁନାଥ ମୁଣ୍ଡାଙ୍କ ଘରକାନ୍ଥ ଧସି ପଡ଼ିଛି। ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ରଘୁନାଥ ମୁଣ୍ଡା। ତେବେ ମିଳିଥିବା ସୂଚନାନୁଯାୟୀ, ବିଗତ ଲଘୁଚାପ ଜନିତ ବର୍ଷା ଯୋଗୁଁ ରଘୁନାଥ ମୁଣ୍ଡାଙ୍କ ଏହି ଘରକାନ୍ଥ ଓଦା ହୋଇ ରହିଥିଲା। ଫଳରେ ମଙ୍ଗଳବାର ସକାଳୁ ଘରକାନ୍ଥ ଧସି ପଡ଼ିଥଲା।

## କେନାଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୪।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ରସପଡ଼ା କେନାଲରୁ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତକ ତେଣ୍ଡରା ଗ୍ରାମର ଶଙ୍ଖାଳି ପାତ୍ରଙ୍କ ପତ୍ନୀ ବାସନ୍ତୀ ର(୭୦)। ସକାଳୁ କେନାଲ ନିକଟରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୃଦ୍ଧା ଜଣଙ୍କ ମଙ୍ଗଳବାର ସକାଳୁ ଉକ୍ତ ରାସ୍ତାଦେଇ ଜଙ୍ଗଲକୁ ଛତୁ ଆଣିବାକୁ ଯାଉଥିବା ସମୟରେ ଖସିପଡ଼ିଥିବା ଅନୁମାନ କରାଯାଉଛି।

## ବିଭିନ୍ନ ହୋଟେଲରେ ଜିଲ୍ଲା ଖାଉଟି ବିଭାଗର ଚଢ଼ଉ

ଚମ୍ପୁଆ, ୨୪।୬(ସମିସ): ବର୍ତ୍ତମାନ ଡାଇରିଆ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଚମ୍ପୁଆ ଏନ୍ଏସି ପକ୍ଷରୁ ଚଢ଼ଉ ଜାରି ରହିଥିବା ବେଳେ ମଙ୍ଗଳବାର ଜିଲ୍ଲା ଖାଉଟି ବିଭାଗ ପକ୍ଷରୁ ହୋଟେଲ ଓ ରେଷ୍ଟୁରାଣ୍ଟରେ ଥିବା ବାସି ଖାଦ୍ୟ ଓ ଖାଦ୍ୟରେ ମିଶୁଥିବା ରଙ୍ଗ ଆଦିକୁ ଯାଞ୍ଚ କରାଯାଇ ଫୋପଡ଼ା ଯାଇଛି। ଚମ୍ପୁଆ ଏନଏସିର ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ତଥା ସଦର ମହକୁମାରେ ବ୍ୟାପୁଥିବା ଝାଡ଼ାବାନ୍ତିର ସଂକ୍ରମଣକୁ ରୋକିବା ପାଇଁ ଉଠା ଜଳଖିଆ ଦୋକାନୀଠାରୁ ଆରମ୍ଭ କରି ଖାଦ୍ୟ ଓ ପିଇବା ପାଣି ଯାଞ୍ଚ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଫୁଡ ଇନସପେକ୍ଟର ଜିତେନ୍ଦ୍ର କୁମାର ମହାନ୍ତ ଚମ୍ପୁଆ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଆଦି ଉପରେ ମିଳିତ ଚଢ଼ଉ କରିବା ସହିତ ଖାଦ୍ୟ ଅନୁପଯୋଗୀ ତଥା ରଙ୍ଗିନ ଖାଦ୍ୟକୁ ଫୋପାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ହୋଟେଲ, ରେଷ୍ଟୁରାଣ୍ଟ ଓ ବେକେରି ମାନଙ୍କର ଫୁଡ ଲାଇସେନ୍ସ ତନଖି କରିଥିଲେ। ଯେଉଁ ମାନଙ୍କର ଫୁଡ ଲାଇସେନ୍ସର ସମୟ ପୂରଣ ହୋଇଯାଇଥିଲା ସେମାନଙ୍କଠାରୁ ଜରିମାନା ଆଦାୟ କରିବା ସହ ଅନୁପଯୋଗୀ ଖାଦ୍ୟ ରଖିଥିବା ହୋଟେଲଗୁଡିକରୁ ଜରିମାନା ଆଦାୟ କରାଯାଇଥିଲା। ଚମ୍ପୁଆର ୯ଟି ହୋଟେଲ ଓ ୩ଟି ବେକେରି ଉପରେ ମିଳିତ ଚଢଉ କରାଯାଇ ୬୫ ହଜାର ଜରିମାନା ଆଦାୟ କରାଯାଇଛି।

## ପଡ଼ିରହିଛି ୨୦୨୩ ମସିହାର ଦରଖାସ୍ତ

ଆନନ୍ଦପୁର, ୨୪।୬ (ସମିସ): ଆନନ୍ଦପୁର ଉପଖଣ୍ଡର ଘଷିପୁରା ତହସିଲ କାର୍ଯ୍ୟାଳୟର ଅବ୍ୟବସ୍ଥା ଚର୍ଚ୍ଚାକୁ ଆସିଛି। କେତେବେଳେ ତହସିଲଦାର ନାହାନ୍ତି ତ ଆଉ କେତେବେଳେ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ପୁଣି ଏଠାରେ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ୨୦୨୩ ମସିହାର ଦରଖାସ୍ତ ବା ଆବେଦନ ପଡ଼ି ରହିବାକୁ ନେଇ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷରେ, ତହସିଲ ପକ୍ଷରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲେକଙ୍କ ସମସ୍ୟା ସମାଧାନ କରିବାକୁ ଏହି ଅଭିଯେଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ତହସିଲଦାର କହିଛନ୍ତି। ବାସ୍ତବରେ ସାଧାରଣ ଲୋକଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ ହେଉ ନଥିବା ଏବଂ ସାଧାରଣ କାମ ପାଇଁ ବର୍ଷବର୍ଷ ଧରି ତହସିଲ କର୍ଯ୍ୟାଳୟକୁ ଲୋକେ ଦୌଡୁଥିଲେ ମଧ୍ୟ ନିରାଶ ହେବାକୁ ପଡୁଥିବା ଦେଓଗାଁର ଇନ୍ଦ୍ରମଣି ଜେନା ଓ ମଛାଲୋ ଗ୍ରାମର ତ୍ରିଲୋଚନ ଜେନା ଗୁରୁତର ଅଭିଯୋଗ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଲୋକଙ୍କ ସହ ଭଲ ସଂପର୍କ ରଖି ତାଙ୍କୁ ଅଫିସରେ ବସାଇ ସମସ୍ୟା ସମାଧାନ କରିବାକୁ କହୁଥିବା ବେଳେ ଘଷିପୁରା ତହସିଲରେ ଲୋକଙ୍କ ସମସ୍ୟା ଫାଇଲ ତଳେ ରହି ଯାଉଛି ଯାହାକୁ ନେଇ ସାଧାରଣରେ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିଜ ଅଫିସର କାର୍ମଚାରୀ ଚପଲ ପିନ୍ଧି ଅଫିସକୁ ପ୍ରବେଶ କରୁଛନ୍ତି କିନ୍ତୁ ସାଧାରଣ ଲୋକ ଚପଲ ପିନ୍ଧି ଅଫିସ ଆସିବାକୁ ମନା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଖୋଲିଲା +୨ ବାଣିଜ୍ୟ ପାଠ୍ୟକ୍ରମ



ଚମ୍ପୁଆ, ୨୪।୬(ସମିସ): ୧୯୭୭ ଜୁଲାଇ ୨୫ ତାରିଖରେ ସ୍ଥାପିତ ଚନ୍ଦ୍ରଶେଖର ମହବିଦ୍ୟାଳୟରେ ଯୁକ୍ତ ଦୁଇ ବାଣିଜ୍ୟ ପାଠ୍ୟକ୍ରମ ଖୋଲିଛି। ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ଏହି ମହାବିଦ୍ୟାଳୟର ଛାତ୍ର ହୋଇଥିଲା ବେଳେ ୨୦୦୫-୦୬ ସୁଦ୍ଧା ବାଣିଜ୍ୟ ବିଭାଗ ପ୍ରତି ଛାତ୍ରଛାତ୍ରୀଙ୍କ ଅନାଗ୍ରହକୁ ଲକ୍ଷ୍ୟ କରି +୨ ବାଣିଜ୍ୟ ବିଭାଗ ବନ୍ଦ ହୋଇଯାଇଥିଲା। ଦୀର୍ଘ ବର୍ଷ ଧରି ଏହି ବିଭାଗ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ +୨ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଚଳିତ ମାସ ୨୩ ତାରିଖ ଦିନ ଏହି +୨ ବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ସରକାର ନିର୍ଦ୍ଦେଶ ମିଳିଥିବା ବେଳେ ଛାତ୍ରଛାତ୍ରୀମାନେ ସାମସ ମାଧ୍ୟମରେ ଅନଲାଇନ ଦ୍ୱାରା ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ସୂଚନା ଦେଇଛନ୍ତି। ବାଣିଜ୍ୟ ବିଭାଗରେ ଇଂରାଜୀ, ସାହିତ୍ୟ, ବିଜ୍‌ନେସ୍ ଷ୍ଟଡି, ଏକାଣ୍ଟାନ୍‌ସି, ବିଜ୍‌ନେସ୍ ମେଥମେଟିକ୍ସ୍ ଆଦି ପାଠ୍ୟକ୍ରମ ରହିବ ବୋଲି ଜଣାଯାଇଛି।

# ୪ ମାସ ହେଲା ଝୁମ୍ପୁରା ବ୍ଲକ୍ କାଫେରେ ଝୁଲୁଛି ତାଲା

ବାଲିବନ୍ଧ,୨୪।୬(ସମିସ)



ଜନସାଧାରଣଙ୍କ ସୁବିଧା ପାଇଁ ତଥା ଏସଏଚଜିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସରକାରୀ ଅର୍ଥ ବ୍ୟୟରେ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା ବ୍ଲକ ମିଶନ ଶକ୍ତି କାଫେ। ତେବେ ଖାଦ୍ୟପେୟ କିମ୍ବା ଜଳଖିଆ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅର୍ଡର ଦେବା ବନ୍ଦ କରିଦେବା ଫଳରେ ମିଶନ ଶକ୍ତି କାଫେ ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିଲା। ଜନସାଧାରଣଙ୍କ ସହିତ ବ୍ଲକ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ୪ ମାସ ହେଲା ଏହି ମିଶନ ଶକ୍ତି କାଫେରେ ଝୁଲୁଛି ତାଲା। ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ୨୦୨୩ରେ ଏହି ମିଶନ ଶକ୍ତି କାଫେକୁ ଉଦ୍‌ଘାଟନ କରାଯାଇଥିଲା। ବ୍ୟୟବହୁଳ ଭାବେ ନିର୍ମିତ ଏହି କାଫେରେ ଆଧୁନିକ ରେଷ୍ଟୁରାଣ୍ଟ ଭଳି ସମସ୍ତ ସୁବିଧା କରାଯାଇଥିଲା। ଟିଫିନଠାରୁ ଆରମ୍ଭ କରି ଚା', କଫି, ଭୋଜନ ବ୍ୟବସ୍ଥା ମଧ୍ୟ ସୁଲଭ ଦରରେ ମିଳୁଥିଲା। ଝୁମ୍ପୁରା ବ୍ଲକ ଫେଡ୍‌ରେସନ ତରଫରୁ ଗାୟତ୍ରୀ ଏସଏଚଜି ଅନ୍ଧାରୀଖମଣ ମାଧ୍ୟମରେ ଏହାକୁ ପରିଚାଳନା କରାଯାଉଥିଲା। ଏସଏଚଜି ସଦସ୍ୟାମାନେ ଋଣ କରି କାଫେ ଚଳାଇଥିଲେ। ଗତ ଏପ୍ରିଲରୁ ଏହି ମିଶନ ଶକ୍ତି କାଫେରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ୨୨ଟି ପଞ୍ଚାୟତରୁ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଚା, ଜଳଖିଆ ଏବଂ ଭୋଜନ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି। ଏନେଇ ଏସଏଚଜି ସଦସ୍ୟା କହନ୍ତି, ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମଗୁଡିକର ଖାଦ୍ୟପେୟ ଅଫିସ ପକ୍ଷରୁ ଅର୍ଡର ଦେବା ବନ୍ଦ କରିଦେବା ଫଳରେ ଆର୍ଥିକ କ୍ଷତି ହେଉଛି। ଫଳରେ କାଫେ ବନ୍ଦ କରିବାକୁ ବାଧ ହେଲୁ। ଅନ୍ୟପକ୍ଷରେ ବ୍ଲକ ପ୍ରକଳ୍ପ ମ୍ୟାନେଜର (ବିପିଏମ) ମନୋରଞ୍ଜନ ମହାପାତ୍ର କାଫେକୁ ପୁଣି ଥରେ ଚଳାଇବା ନେଇ ପ୍ରସ୍ତୁତି ଚାଲିଛି ବୋଲି କହିଛନ୍ତି।


## ରାଜ୍ୟ ସରକାରଙ୍କ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରତିଶ୍ରୁତି ଧୂଆଁବାଣ

# ଶାଗମାଛ ଦରରେ ବିକ୍ରି କରୁଛନ୍ତି ଉତ୍ପାଦିତ ସାମଗ୍ରୀ

ଉଦଳା, ୨୪।୬(ସମିସ): ଆଦିବାସୀ ଅଧ୍ୟୁଷିତ କପ୍ତିପଦା ଉପଖଣ୍ଡରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଶିମିଳିପାଳ ପୂର୍ବ ପାଦଦେଶରେ ଥିବା ଏହି ଉପଖଣ୍ଡ ସ୍ୱାଧୀନତା ପରେ ବି ଏଠାକାର ଲୋକେ ସର୍ବଦା ସରକାରୀ ଯୋଜନା ଉପରେ ନିର୍ଭରକରି ଚଳନ୍ତି। ପାହାଡିଆ ଅଞ୍ଚଳ କାରଣରୁ ଅସମତଳ ଜମିରେ ଚାଷ କରି ବହୁ କଷ୍ଟରେ ଉତ୍ପାଦିତ ଫସଲ ହେଉ କି ପନିପରିବା ପାଇଁ ବହୁ କଷ୍ଟ କରିଥାନ୍ତି। ହେଲେ ବଜାର ଅଭାବରୁ ଉତ୍ପାଦିତ ଫସଲକୁ ଶାଗମାଛ ଦରରେ ଅସାଧୁ ବ୍ୟବସାୟୀଙ୍କୁ ଦେବାକୁ ବାଧ ହେଉଛନ୍ତି ଲୋକେ। ଚାଷୀର ଉତ୍ପାଦିତ ଫସଲକୁ ସଂରକ୍ଷିତ କରିବା ନିମନ୍ତେ ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଆଜିଯାଏ କପ୍ତିପଦା ଉପଖଣ୍ଡରେ ଗୋଟିଏ ବି ଶତଳ ଭଣ୍ଡାର ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ଚାଷୀ ବାଧହୋଇ କମ୍ ଦରରେ ଉତ୍ପାଦିତ ଫସଲ ବିକୁଛି। ଚଳିତ ବଜେଟରେ ରାଜ୍ୟ ସରକାର ଉପଖଣ୍ଡସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ ହେବା ନେଇ ଘୋଷଣା କରିବା ପରେ ଚାଷୀ ମହଲରେ ଆଶା ସଞ୍ଚାର ହୋଇଥିଲା। ତେବେ କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଏକମାତ୍ର ସହରାଞ୍ଚଳ ହୋଇଥିବାରୁ ଏଠାରେ ଶୀତଳ ଭଣ୍ଡାର ନିର୍ମାଣ ନେଇ ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ଏହି ଉପଖଣ୍ଡରେ ଦୁଇଟି ମଧ୍ୟମ ଜଳସେଚନ ପ୍ରକଳ୍ପ (କାଳ ଓ ସୋନେଇ) ସହ ବହୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ ରହିଛି; ହେଲେ ଜଳସେଚିତ ଅଞ୍ଚଳ ମାତ୍ର ୧୦ ପ୍ରତିଶତରୁ କମ। ସ୍ୱାଭାବିକ ବୃଷ୍ଟିପାତ ୭୫ ଉପରେ ହିଁ ଉପଖଣ୍ଡର ଚାଷ ନିର୍ଭର କରିବା କାରଣରୁ ଅର୍ଥକରୀ ଫସଲ ଓ ପନିପରିବା ଭଳି ଦୈନନ୍ଦିନ ଅବଶ୍ୟକତା ଭିତ୍ତିକ ଚାଷ ପ୍ରତି ବିମୁଖ ହେଉଛନ୍ତି ଚାଷୀ। ବଜାର ଅଭାବ ଓ ସଂରକ୍ଷିତ କରି ରଖିବା ବ୍ୟବସ୍ଥା ନ ଥିବାରୁ ଚାଷ ପ୍ରତି ଆକର୍ଷଣ କମୁଛି। ସ୍ୱାଧୀନତାର ୭୭ବର୍ଷ ପରେ ବି ଶୀତଳ ଭଣ୍ଡାର ନ ଖୋଲିବା ଚାଷୀ ପ୍ରତି ଥିବା ଅବହେଳାକୁ ପ୍ରମାଣିତ କରିଛି। ଅପରପକ୍ଷରେ ଉପଖଣ୍ଡକୁ ପଡୋଶୀ ରାଜ୍ୟରୁ ମାଛଠାରୁ ପନିପରିବା, ଚାଉଳ ଆଳୁ ପିଆଜ ଚଢା ଦରରେ ଆସି ବିକ୍ରି କରାଯାଇଛି। ମାତ୍ର ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ଫସଲର ମୂଲ୍ୟ ନଗଣ୍ୟ। ଫଳରେ ଚାଷୀଙ୍କ ମନୋବଳ ଭାଙ୍ଗିଯାଉଛି। ଏପରିକି ଉତ୍ପାଦିତ ଫସଲ ବିକ୍ରି ନ ହୋଇ ପଚିସଢି ଯିବା ମଧ୍ୟ ନଜିର ରହିଛି। ଏହି କାରଣରୁ ଚାଷ ପ୍ରତି ଯୁବସମାଜର ଅଗ୍ରହ ମଧ୍ୟ ଅଦୌ ନ ଥିବା ପରି ମନେ ହେଉଛି। ଏଣୁ ଉପଖଣ୍ଡ ଏବଂ ବିଭିନ୍ନ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ପୂର୍ବକ ଚାଷୀଙ୍କ ଉତ୍ପାଦନକୁ ସଠିକ ବଜାର ଯୋଗାଇ ଦେଲେ ଉପଖଣ୍ଡର ଆର୍ଥିକ ସ୍ଥିତି ସୁଧୁରିବା ସହିତ ଯୁବକଙ୍କ ମଧ୍ୟରେ ଆତ୍ମନିର୍ଭର ହେବାର ଆଗ୍ରହ ବଢ଼ିବ। ସରକାର ଘୋଷଣା କରିଥିବା ଶୀତଳ ଭଣ୍ଡାର ନିର୍ମାଣ ପ୍ରତିଶ୍ରୁତିକୁ ଏକବର୍ଷ ବିତି ଯାଇଥିଲେ ବି ଏ ଯାଏ ଇଟା ଖଣ୍ଡେ ପଡ଼ିନାହିଁ। ତେଣୁ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି କେବଳ ଧୂଆଁବାଣ ବୋଲି ଅଭିଯୋଗ ହୋଇଛି।




## କୂଅରୁ ହାତୀ ଉଦ୍ଧାର; ଘେରି ରହିଥିଲେ ହାତୀପଲ



ମୋରଡ଼ା/ରାସଗୋବିନ୍ଦପୁର, ୨୪।୬(ସମିସ): ଦୀର୍ଘଦିନ ଧରି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବିଭିନ୍ନ ଗାଁରେ ହାତୀପଲର ଉତ୍ପାତ ଜାରି ରହିଛି। ହାତୀପଲ ଫସଲ ଖାଇବା ସହିତ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ଇତିମଧ୍ୟରେ ହାତୀ ଆକ୍ରମଣରେ ଜଣକର ଜୀବନ ମଧ୍ୟ ଚାଲିଗଲାଣି। ସୋମବାର ବିଳମ୍ବିତ ରାତିରେ ଝାଟିଅଡ଼ା ପଞ୍ଚାୟତ ଟିଆଖାଲି ଗ୍ରାମରେ ଜଣକ ଘରର ପଛପଟେ ଥିବା ଏକ କୂଅରେ ୧୪ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ୮ ବର୍ଷର ହାତୀ ପଡ଼ିଯାଇ ଛଟପଟ ହେଉଥିଲା। ହାତୀଟି କୂଅରେ ପଡ଼ିଯିବା ଦେଖି ଅନ୍ୟ ହାତୀଗୁଡ଼ିକ କୂଅର ଚାରିପାଖରେ ଘେରି ରହିଥିଲେ ଏବଂ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବନବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ ଅଧିକାରୀ ପହଞ୍ଚି ଜେସିବି ସାହାଯ୍ୟରେ ହାତୀକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡା ଯାଇଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି।

## ଆଇଟିଡିଏ ପକ୍ଷରୁ ୪୫ ଚାଷୀଙ୍କୁ ସ୍ପ୍ରେ ମେସିନ ବଣ୍ଟନ

ମହୁଲଡିହା, ୨୪।୬(ସମିସ): କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆଦିବାସୀ ଚାଷୀଙ୍କୁ ପାୱାର ସ୍ପ୍ରେ ମେସିନ ବଣ୍ଟନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ପରିସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧରତୀ ଆବା ଜନଜାତୀୟଗ୍ରାମଉତ୍କର୍ଷଯୋଜନା ଘୋଷଣା କରିଛନ୍ତି। ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସେହି ଆଧାରରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମର୍ମରେ ଚାଷୀଙ୍କୁ ଆଜି ପାୱାର ସ୍ପ୍ରେ ଯୋଗାଇ ଦିଆଯାଇଛି। ଚାଷୀର ଆୟବୃଦ୍ଧି, ଆଦିବାସୀଙ୍କ ଆୟ ବୃଦ୍ଧି, ବେକାର ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ ଭାବେ ଗଢିବାକୁ ସହାୟତା ଭଳି ବହୁ ସରକାରୀ ଯୋଜନାର ସୁଫଳ ନେବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଯୋଗଦେଇ ଆଇଟିଡିଏ ଆଦିବାସୀଙ୍କ ଉତ୍ଥାନ ପାଇଁ ଯେଉଁ ଉଦ୍ୟମ କରୁଛି ଲୋକେ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରି ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର ପ୍ରମୁଖ ଉଦବୋଧନ ଦେଇଥିଲେ। ସଭା ଆରମ୍ଭରେ ପ୍ରକଳ୍ପ ପରିଚାଳକ ପିୟୁଷ ଦାସ ଅତିଥି ପରିଚୟ କରିଥିଲେ। ପିଏ, ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୪ଟି ଗ୍ରାମପଞ୍ଚାୟତର ୪୫ ଜଣ ଚାଷୀଙ୍କୁ ସ୍ପ୍ରେ ମେସିନ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରମୋଦ କୁମାର ପଲେଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଏସଏମଏସ ସ୍ମିତାଶ୍ରୀ ଜେନା, ଏଗ୍ରି ଏସଏମଏସ ମୋନିକା ପ୍ରିୟଦର୍ଶିନୀ ବେହେରା, ଆଇଜିଏସ କର୍ମୀ ତଥା ଜୀବିକା ବିଶେଷଜ୍ଞ ଭାରତୀ ରାଜ, ଅରୁଣ ମହାନ୍ତ, ସଙ୍ଗୀତ ମହାନ୍ତ, ପରେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଆନ୍ଦୋଳନ ନେଇ ବିଜୁ ଯୁବ ଓ ଛାତ୍ର ଜନତାର ପ୍ରସ୍ତୁତି ବୈଠକ



ବାରିପଦା, ୨୪।୬(ସମିସ): ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ସାରା ରାଜ୍ୟରେ ଆନ୍ଦୋଳନ ହେବାକୁ ଥିବା ବେଳେ ବାରିପଦାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ଭବନରେ ଆୟୋଜିତ ବୈଠକରେ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ବିଜେପି ସରକାର ଗଠନର ବର୍ଷକ ମଧ୍ୟରେ ଭୁଶୁଡି ପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଉଦବେଗ ପ୍ରକାଶ କରିଥିଲେ। ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣଦୁଷ୍କର୍ମ ସମେତ ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଉଥିଲେ ମଧ୍ୟ ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ମଧ ଓଡ଼ିଶାଗସ୍ତ ପାଇଁ ମହିଳା ସୁରକ୍ଷିତ ନୁହନ୍ତି ବୋଲି ତାଙ୍କ ନାଗରିକଙ୍କୁ ଦେଇଥିବା ବାର୍ତ୍ତା ଓଡ଼ିଶା ପ୍ରତି ଅପମାନ। ଯାହାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରାରେ ବାରିପଦାରେ ଯୁବ ଓ ଛାତ୍ର ସାମିଲ ହେବ। ବୈଠକରେ ଏହାର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଛି। ବୈଠକରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ଲଲାଟେନ୍ଦୁ ବେହେରା, ଜିଲ୍ଲା ଛାତ୍ର ସଭାପତି ସୁନୀଲ କୁମାର ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ, ଆଶୀର୍ବାଦ ଦାସ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ପ୍ରୀତିନନ୍ଦା କାନୁନଗୋ, ଦୀପ୍ତିଲତା ମିଶ୍ର ସମେତ ସମସ୍ତ କାଉନସିଲର ଏବଂ ଦଳୀୟ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୪ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

# ଶିକ୍ଷକଙ୍କ ହାତରେ ତମାଖୁ ମୁକ୍ତ ବିଦ୍ୟାଳୟ



ବାରିପଦା, ୨୪।୬(ସମିସ): ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତମାଖୁ ମୁକ୍ତ ବିଦ୍ୟାଳୟ ଲାଗି ଶିକ୍ଷଙ୍କୁ ନେଇ ଏକ ୪ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହିତ ନିଜ ପରିବାରଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ନେଇ ଶିକ୍ଷକଙ୍କୁ ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ। ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କିପରି ତମାଖୁ ବ୍ୟବହାରର ଅପକାରିତା ବିଷୟରେ ବୁଝାଇବେ ଓ ନିଜ ବିଦ୍ୟାଳୟକୁ କିପରି ତମାଖୁ ମୁକ୍ତ ବିଦ୍ୟାଳୟ ରୂପେ ଗଢି ତୋଳିବେ ସେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଆଚାର୍ଯ୍ୟ ଆଲୋକପାତ କରିଥିଲେ। କାର୍ଯକ୍ରମର ଉଦଘାଟନୀ ଦିବସରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ତାଲିମ କାର୍ଯକ୍ରମ ଆହୁରି ୩ ଦିନ ବ୍ୟାପୀ ଚାଲିବ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୭୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେବେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସଚନ୍ଦ୍ର ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ଡ୍ରଗସ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମୋରଡ଼ାର ବିକାଶକୁ ନେଇ ଦୁଇ ସଂଘର ବୈଠକ

ମୋରଡ଼ା, ୨୪।୬(ସମିସ): ମୋରଡ଼ା ବ୍ଲକ ଚିତ୍ରଡାରେ ଥିବା ସାମ୍ବାଦିକ ଭବନରେ ସୋମବାର ଚିତ୍ରଡା ସାମ୍ବାଦିକ ସଂଘ ଏବଂ ମୋରଡା ପ୍ରେସକ୍ଲବ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ମୋରଡା ବ୍ଲକର ସାମୂହିକ ବିକାପାଇଁ ଆହ୍ୱାନ କରାଯାଇଥିଲା। ବୈଠକରେ ସଂଘ ସଭାପତି ରଣଜିତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ମୋରଡ଼ା ବ୍ଲକରେ ଦୀର୍ଘଦିନ ପୂର୍ବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଜମ୍ବିରା ନଦୀ ସେତୁ ନିର୍ମାଣ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସମସ୍ତ ବନ୍ଧର ପୁନରୁଦ୍ଧାର, ସପ୍ଲାଇ ଛକରୁ ଘୋଳମୁହାଁ ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପଞ୍ଚାୟତ ନିକଟରୁ ଆରମ୍ଭ କରିବା ଆଦି କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେ ନେଇ ଆଲୋଚନା ହୋଇଥିଲା। ମୋରଡ଼ା ଥାନା ଅଧିକାରୀ ସାମ୍ବାଦିକଙ୍କୁ ସୂଚନା ଦେବାରେ ଅସହଯୋଗ କରିବାରୁ ଏ ନେଇ ଏକ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ପୁଲିସ ଓ ସାଧାରଣ ଜନତାଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଥାନ୍ତି ସାମ୍ବାଦିକ। ସେ ଆଇନ ସଚେତନତା ହେଉ ବା କୌଣସି ଘଟଣା ଦୁର୍ଘଟଣା ହେଲେ ସମସ୍ତ ଖବର ସାମ୍ବାଦିକ ହିଁ ପରିବେଷଣ କରିଥାନ୍ତି। ତେବେ ଥାନା ଅଧିକାରୀ ସୁମିତ ସୋରେନ ଯୋଗଦାନ କରିବା ପରେ ପ୍ରଥମ ଥର ପାଇଁ ରବିବାର ଆମ ପୁଲିସ ସମିତି ବୈଠକ ଆୟୋଜନ କରିଥିଲେ; କିନ୍ତୁ ଶ୍ରୀ ସରେନ କିଛି ଲୋକଙ୍କୁ ନେଇ ଏପରି କାର୍ଯ୍ୟ କରୁଥିବାରୁ ପୁଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ପୁଲିସ ପ୍ରଶାସନର କୌଣସି ଖବର ପରିବେଷଣ କରିବେ ନାହିଁ ଏବଂ ସୂଚନା ପ୍ରଦାନ କରିବାରେ ଅସହଯୋଗ ସମ୍ପର୍କରେ ଏସପିଙ୍କୁ ଲିଖିତଭାବେ ଜଣାଇବେ ବୋଲି ରଣଜିତ ସାହୁ ଏବଂ ଘାସିରାମ ବେହେରା ପ୍ରକାଶ କରିଛନ୍ତି। ବୈଠକରେ ସ୍ମାରକ ମାଜି, ଦୀପକକୁମାର ବେହେରା, ତୁଷାର ବେହେରା, ଅବିନାଶ ମହାନ୍ତି, ସୁଧାଂଶୁ ରାଉତ, ରଜତ ମହାନ୍ତ, ବିଶ୍ୱବନ୍ଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ସାପ କାମୁଡାରେ ଶିଶୁକନ୍ୟା ମୃତ

ବହଳଦା, ୨୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବଡଡାଳିମା ଗ୍ରାମର କାର୍ତ୍ତିକ ସିଂଙ୍କ ଦେଢ ବର୍ଷର କନ୍ୟା ଲକ୍ଷ୍ମୀ ରାତିରେ ଶୋଇଥିବା ବେଳେ ଏକ ଚିତିସାପ କାମୁଡି ଦେଇଥିଲା। ଫଳରେ ଶିଶୁର ମୃତ୍ୟୁ ଘଟିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## କାଳବନ୍ଧରୁ ଛଡ଼ାଗଲା ପ୍ରଥମ ବର୍ଷାଜଳ



କପ୍ତିପଦା, ୨୪।୬(ସମିସ): କପ୍ତିପଦା ବ୍ଲକ ଅଧୀନରେ ଥିବା କାଳ ବନ୍ଧରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ଡ୍ୟାମରେ ୯୦ ପ୍ରତିଶତ ଜଳ ରହିଛି। ଡ୍ୟାମରେ ଯେତିକି ପରିମାଣର ଜଳ ରହିବା କଥା ତା’ଠାରୁ ଅଧିକ ପାଣି ରହିଛି। ଆଗକୁ ବର୍ଷା ହେଲେ ଜଳସ୍ତର ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବନ୍ଧ ନିକଟବର୍ତ୍ତୀ ଲୋକଙ୍କୁ ପ୍ରଶାସନ ତରଫରୁ ଡାକବାଜି ଦ୍ୱାରା ସତର୍କ କରାଇଦିଆଯାଇଛି। ବିଳମ୍ବିତ ରାତିରେ ୨ଟି ଗେଟ୍ ଖୋଲା ହୋଇ ବର୍ଷର ପ୍ରଥମ ଜଳ ନିଷ୍କାସନ କରାଯାଇଥିବା ଡ୍ୟାମର ଯନ୍ତ୍ରୀ ଅନନ୍ତ ମୁର୍ମୁ ପ୍ରକାଶ କରିଛନ୍ତି।

## ଅସରାଏ ବର୍ଷାରେ କପ୍ତିପଦା ବଜାର ବେହାଲ



କପ୍ତିପଦା, ୨୪।୬(ସମିସ): ଅସରାଏ ବର୍ଷାରେ କପ୍ତିପଦା ବଜାର ବେହାଲ ହୋଇଯାଇଛି। ବଜାରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଆଣ୍ଠୁ ପାଣି ଜମାହୋଇ ରହୁଛି। ଫଳରେ ବ୍ଲକ, ତହସିଲ ଓ ରେଞ୍ଜ ଅଫିସକୁ ଗମନାଗମନ ବାଧାପ୍ରାପ୍ତ ହେଉଛି। ସେହି ରାସ୍ତା ଦେଇ କସ୍ତୁରବା ଗାନ୍ଧୀ ବିଦ୍ୟାଳୟକୁ ପିଲାମାନେ ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଲେଶ୍ୱର ଗୋଲେଇଠାରୁ ସୋନପୋଲ ପର୍ଯ୍ୟନ୍ତ କୌଣସି ଡ୍ରେନ ନ ଥିବାରୁ ରାସ୍ତା ଦୁଇପାର୍ଶ୍ୱରେ ପାଣି ଲହଡି ମାରୁଛି। ପାଣି ନିଷ୍କାସନ ହେଉ ନ ଥିବାରୁ ମଶାଓପଚାଗନ୍ଧରେଲୋକେଅତିଷ୍ଠହୋଇପଡ଼ିଲେଣି। ଏପରିକି ବର୍ଷାପାଣିମଧକିଛିଲୋକଙ୍କ ଘରେ ପଶୁଛି। ରାଜ୍ୟରେ ହଇଜା ଆତଙ୍କ ଦେଖାଦେଇଥିବାରୁ ଲୋକେ ଆଶଙ୍କାରେ ଛାନିଆ ହୋଇଯାଉଛନ୍ତି। ବଜାରରେ ଉଠା ଦୋକାନୀମାନେ ଡ୍ରେନ ଉପରେ ଅସ୍ଥାୟୀ ଦୋକାନ କରି ଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଫଳରେ ବର୍ଷା ସମୟରେ ଦୋକାନ ଭିତରେ ମଧ ପାଣି ପଶି ଯାଉଛି। ପୂର୍ବରୁ ଏ ନେଇ ଅଭିଯୋଗ କରାଯାଇଥିଲେ ବି କୌଣସି ସାମାଧାନ ହୋଇନାହିଁ। କପ୍ତିପଦା ବଜାର ଉପରେ ୨୬ଟି ପଞ୍ଚାୟତର ଲୋକ ନିର୍ଭର କରୁଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବଜାର କମିଟି ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

# ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ବାରିପଦା, ୨୪।୬(ସମିସ): ଦିନକୁ ଦିନ ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଛିନତାଇର ମାତ୍ରା ବୃଦ୍ଧି ପାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ବି ହେଉଛି। ସୋମବାର କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥରେ ଗୁଳିକାଣ୍ଡ, ବାରିପଦା ସହରରେ ବନ୍ଧୁକଧାରୀଙ୍କ ଆତଙ୍କରାଜ, ଝାରପୋଖରିଆ ଥାନା ଅଧୀନ ଯୋକା ନିକଟରେ ଫାର୍ମାସିଷ୍ଟଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟ୍ ଆଦି ଘଟଣା ମୟୂରଭଞ୍ଜକୁ ଅଶାନ୍ତ କରିଛି। ଯାହାକି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ସୁଧାର କରିବାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଏକବର୍ଷ ହେଲା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡ଼ିଛି ବୋଲି ପ୍ରତିନିଧି ଦଳ ଏସ୍‌ପିଙ୍କ ଅବଗତ କରିଥିଲେ। ନିୟମିତ ଭାବେ ଚୋରି, ଛିନତାଇ, ଡକାୟତି ଓ ଗଣ୍ଡଗୋଳ ମାମଲା ହେଉଛି। ଯାହାକି ଜିଲ୍ଲାବାସୀଙ୍କ ପାଇଁ ଭୟର କାରଣ ସାଜିଛି। ତେଣୁ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସଦୃଢ କରିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାଏବଂ ଜିଲ୍ଲା ପ୍ରମୁଖ ସ୍ଥାନ ଓ ରାସ୍ତାରେ କଡାକଡି ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ବିଜେଡି ଦାବି କରିଛି। ଆଗାମୀ ଦିନରେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରା, ଶ୍ରାବଣୀ ଦାସ, ପ୍ରଭାତୀ ପୃଷ୍ଟି, ଜିତା ସିଂ, ସୁଧୀର ବାରିକ, ପ୍ରୀତିନନ୍ଦା କାନୁନଗୋ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଜେଲ୍ ଗଲେ ତାମିଲ ଅଭିନେତା ଶ୍ରୀକାନ୍ତ

ଚେନ୍ନଇ, ୨୪।୬(ଏଜେନ୍ସି): କୋକେନ ଭଳି ନିଶାଦ୍ରବ୍ୟ ପାଖରେ ରଖିବା ଓ ତାକୁ ବ୍ୟବହାର କରିବା ଅଭିଯୋଗରେ ଗରିଫ ହେବାର ଗୋଟିଏ ଦିନ ପରେ ଜଣାଶୁଣା ତାମିଲ ଅଭିନେତା ଶ୍ରୀକାନ୍ତଙ୍କୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ଗ୍ରେଟର ଚେନ୍ନଇ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ତାଙ୍କୁ



ନୁଙ୍ଗାମ୍ବାକାମ୍ ଥାନାରେ ୯ ଘଣ୍ଟା ଧରି ପୁଲିସ୍ ପଚରାଉଚରା କରିଥିଲା। ପୁଲିସ ତାଙ୍କଠାରୁ ରକ୍ତ ନମୂନା ସଂଗ୍ରହ କରିଛି ଓ ଟେଷ୍ଟରେ ସେ ବିଫଳ ହୋଇଥିବା କଥା ପୁଲିସ କହିଛି। ତାଙ୍କ ନମୁନାରେ ନାର୍କୋଟିକ୍ ପଦାର୍ଥ ଥିବାର ପ୍ରମାଣ ମିଳିଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଛି। ଉଲ୍ଲେଖଥାଉ କି, ୪୬ ବର୍ଷୀୟ ଶ୍ରୀକାନ୍ତ ୧୯୯୯ରେ ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏକାଧିକ ସୁପରହିଟ୍ ତାମିଲ ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। ୨୦୦୨ରେ ମୁକ୍ତିଲାଭ କରିଥିବା 'ରୋଜା କୋଟାମ' ସିନେମା ପାଇଁ ସେ ପ୍ରସିଦ୍ଧି ଓ ଲୋକପ୍ରିୟତା ଲାଭ କରିଥିଲେ।

## ଖାଇବା ପରେ ଏୟାର ଇଣ୍ଡିଆ ବିମାନରେ ୫ ଅସୁସ୍ଥ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରୁ ମୁମ୍ବାଇ ଆସୁଥିବା ଏୟାର ଇଣ୍ଡିଆର ଏ୧-୧୩୦ ବିମାନରେ ହଠାତ ୫ ଜଣ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବର ଅସୁସ୍ଥ ହୋଇ ପଡ଼ିଥିଲେ। ଏମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସୋମବାର ଏୟାର ଇଣ୍ଡିଆ ଏ ନେଇ ସୂଚନା ଦେଇଛି। ମୁମ୍ବାଇରେ ବିମାନ ସୁରକ୍ଷିତ ଭାବେ ପହଞ୍ଚିବା ପୂର୍ବରୁ ମେଡିକାଲ ଟିମ୍ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା। ଦୁଇ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବରଙ୍କୁ ମେଡିକାଲ ରୁମ୍‌କୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ଘଟଣା ଯାଞ୍ଚ କରାଯାଉଛି ଓ ଯାଞ୍ଚ ଏଜେନ୍ସିକୁ ସୂଚନା ଦିଆଯାଇଛି ବୋଲି ଏୟାର ଇଣ୍ଡିଆ କହିଛି। ଫୁଡ ପଏଜନିଂ ଯୋଗୁଁ ସେମାନେ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି। ଉଲ୍ଲେଖଥାଉ କି, ସୋମବାର ୩ଟି ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ୩ଟି ବିମାନର ଉଡାଣଙ୍କୁ ବାତିଲ କରାଯାଇଥିଲା।

## ଚୀନ୍ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଅଜିତ ଡୋଭାଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏସ୍‌ଏସ୍‌ଏ) ଅଜିତ ଡୋଭାଲ ସୋମବାର ବେଜିଂରେ ଚୀନର ଷ୍ଟେଟ୍ କାଉନସିଲର ତଥା ବୈଦେଶିକ ମନ୍ତ୍ରୀ ୱା ୟିଙ୍କୁ ଭେଟିଛନ୍ତି। ସାଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ)ର ନ୍ୟାସନାଲ ଆଡଭାଇଜରମାନଙ୍କ ବିଂଶତମ ବୈଠକ ଅବସରରେ



ଦୁହେଁ ପରସ୍ପରକୁ ଭେଟିଥିଲେ। ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ହେଲେ ଆତଙ୍କବାଦର ସବୁ ରୂପ ତଥା ପ୍ରୟାସକୁ ମିଳିତ ଭାବେ ପଣ୍ଡ କରିବାର ଆବଶ୍ୟକତା ରହିଛି ବୋଲି ଡୋଭଲା ତାଙ୍କୁ କହିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ନେଇ ଦୁହେଁ ସମୀକ୍ଷା କରିଥିଲେ। ସୀମାରେ ଶାନ୍ତି ବଜାୟ ରଖିବା ଜରୁରି ବୋଲି ଡୋଭାଲ କହିଥିଲେ। ଏହାପୂର୍ବରୁ ୨୦୨୪ ଡିସେମ୍ବରରେ ଦୁହେଁ ବୈଠକରେ ଏକାଠି ହୋଇଥିଲେ। ୨୫ରୁ ୨୭ ତାରିଖ ମଧ୍ୟରେ ଚୀନ୍‌ର କିଙ୍ଗଦାଓ ସହରରେ ସାଂଘାଇ ଏସ୍‌ସିଓ ବୈଠକ ଆୟୋଜନ ହେବ ଓ ଏଥିରେ ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗ ଦେବେ।

## 'କରୋନା ଏବେ ଗମ୍ଭୀର ରୋଗ ନୁହଁ'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଗତ ଦୁଇ ସପ୍ତାହ ମଧ୍ୟରେ କରୋନା ମାମାଲରେ ଯଥେଷ୍ଟ ଅବନତୀ ପରିଲକ୍ଷିତ ହୋଇଛି। ଗତ ୧୨ ଦିନ ମଧ୍ୟରେ ୩, ୦୦୦ରୁ ଅଧିକ ଆକ୍ଟିଭ କରୋନା କେସ୍‌ରେ ଅବନତୀ ପରିଲକ୍ଷିତ ହୋଇଛି। ଜୁନ୍ ୧୨ରେ ୭୧୩୧ ଆକ୍ଟିଭ କେସ୍ ଥିଲା। ଏହ ଏହି ସଂଖ୍ୟା ତଳକୁ ଖସି ୪୦୮ ୯ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ୭ଟି ନୂଆ କେସ ସାମ୍ନାକୁ ଆସିଛି। ଇତିମଧ୍ୟରେ ୩୩୬ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। କରୋନାର ନୂଆ ଭ୍ୟାରିଏଣ୍ଟରେ ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ ୧୨୭ ଜଣ ମୃତ୍ୟୁବରଣ କରିଛନ୍ତି। ଗତ ୨୪ ଘଣ୍ଟାରେ ୩ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। କେରଳରେ ସର୍ବାଧିକ ୪୦ଜଣ ଓ ମହାରାଷ୍ଟ୍ରରେ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନା ଏବେ ଆଉ ଏକ ଗମ୍ଭୀର ରୋଗ ହୋଇ ରହିନାହିଁ ବୋଲି ମ୍ୟାକ୍ସ ସାକେତ ହସ୍ପିଟାଲର ନିର୍ଦ୍ଦେଶକ ରୋମେଲ ଟିକ୍କୁ କହିଛନ୍ତି। ଯେଉଁ ଲୋକଙ୍କୁ ଏବେ ସର୍ଦ୍ଦି, କାଶ, ଜ୍ୱର ହେଉଛି ସେମାନେ କରୋନା ଟେଷ୍ଟ କରିବାର ଆଉ ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

## ସରିଲା ଇରାନ-ଇସ୍ରାଏଲ ଯୁଦ୍ଧ

# ୧୨ ଦିନ ଲଢ଼େଇର ହିସାବ

ୱାସିଂଟନ, ୨୪।୬ (ଏଜେନ୍ସି): ଦୀର୍ଘ ୧୨ ଦିନ ଇସ୍ରାଏଲ-ଇରାନ ସଂଘର୍ଷର ଜାରି ରହିଛି। ଏହି ଯୁଦ୍ଧରେ ଆମେରିକା ପ୍ରବେଶ କରି ସ୍ଥିତିକୁ ଅଧିକ ସାଂଘାତିକ କରିଦେଇଥିଲା। ଇରାନର ତିନି ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ଏବଂ ଟମ୍ ହକ୍ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ବିଶ୍ୱଯୁଦ୍ଧ ମୁହାଁ କରାଇ ଥିଲା। ଏହା ପରେ ଇରାନ ଦୃଢ଼ ଜବାବ ଦେବାକୁ ଧମକ ଦେଇଥିଲା। କାତାରରେ ଥିବା ଆମେରିକା ଘାଟୀ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ନିଜେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି ବୋଲି ଘୋଷଣା କରିଥିଲେ। ନିଜ ପାଇଲଟଙ୍କୁ ଫେରାଇ ଆଣିବା ପାଇଁ ଇସ୍ରାଏଲକୁ କହିଥିଲେ। ଅସ୍ତ୍ରବିରତି ତତ୍କାଳ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ। କେହି ଆଉ ଆହତ ହେବେନି ବୋଲି ଘୋଷଣା କରିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହା ଦ୍ୱାରା ବିଶ୍ୱକୁ ଆଶ୍ୱସ୍ତି ମିଳିବ ବୋଲି ଆଶା ଥିଲା। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେଲା ବୋଲି ଧରା ଯାଇଥିଲା। କିନ୍ତୁ ଏହାର ଅଢ଼େଇ ଘଣ୍ଟା ପରେ ପୁଣି ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଟ୍ରମ୍ପଙ୍କୁ କେହି ଖାତିର କରିନାହାନ୍ତି। ଏହାକୁ ନେଇ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ଦେଶକୁ ଭର୍ତ୍ସନା କରି ଅଭଦ୍ର ଭାଷାରେ ଗାଳି ଦେଇଛନ୍ତି। ଦୀର୍ଘ ଦିନ ଧରି ଯୁଦ୍ଧ ଚାଲିବ। ଉଭୟ ରାଷ୍ଟ୍ର କଣ କରୁଛନ୍ତି ନିଜେ ଜାଣିନାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି।

ଗତ ୧୨ ଘଣ୍ଟା ମଧ୍ୟରେ ଏହି ଯୁଦ୍ଧକୁ ନେଇ ଯାହା ଘଟିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅସ୍ତ୍ରବିରତି ଘୋଷଣା ପରେ ତିନି ପକ୍ଷ ଆମେରିକା, ଇରାନ ଏବଂ ଇସ୍ରାଏଲ ବିଜୟୀ ହୋଇଥିବା ଘୋଷଣା କରିଥିଲେ। ଆମେରିକା ଦାବି କରିଥିଲା ଯେ ଏହା ଇରାନର ପରମାଣୁ କ୍ଷମତାକୁ ହ୍ରାସ କରିଦେଇଛି। ତେହେରାନକୁ ଯଥେଷ୍ଟ ଦୁର୍ବଳ କରିବାକୁ ନେଇ ଇସ୍ରାଏଲ ଗର୍ବ କରୁଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ବିରୋଧରେ ଠିଆ ହେବା ଏବଂ ପଛକୁ ନ ହଟିବାକୁ ନେଇ ଇରାନ ମଧ୍ୟ ଗର୍ବ କରିପାରିବ। ଆଧୁନିକ ଯୁଦ୍ଧର ଏକ ପ୍ରମୁଖ ଦିଗ ହେଉଛି ଘରୋଇ ପ୍ରଚାରପ୍ରସାର। ଏହା ନିଜ ଦେଶକୁ କି ବାର୍ତ୍ତା ଦେଉଛି। ତିନୋଟି ଦେଶ ନିଜ ନିଜକୁ ବିଜୟୀ ଘୋଷଣା କରିବା ପାଇଁ ପ୍ରୋପାଗାଣ୍ଡା ଆରମ୍ଭ କରିଦେଇଛନ୍ତି। ଦେଶ ବିଜୟୀ ହେଲା ବୋଲି ଲୋକଙ୍କୁ କହୁଛନ୍ତି। କିନ୍ତୁ ଏହି ଯୁଦ୍ଧ ତିନି ଦେଶର କ୍ଷମତାକୁ ବିଶ୍ୱ ସମ୍ମୁଖରେ ଖୋଲି ଦେଇଛି। ଯୁଦ୍ଧରେ ଇସ୍ରାଏଲ ନିଜକୁ ଅଜେୟ ଭାବୁଥିଲା। ୨୦୨୧ ମସିହା ପରଠାରୁ ୫ଟି ଯୁଦ୍ଧ କରିଥିଲା। କିନ୍ତୁ ଇରାନ ଏହି ଦେଶର ଗର୍ବକୁ ଚୂର୍ଣ୍ଣ କରିଦେଇଛି। ଇରାନ ନିଜର ସାମରିକ କ୍ଷମତା ପ୍ରଦର୍ଶନ କରିଛି। ତୁହାକୁ ତୁହା କ୍ଷେପଣାସ୍ତ୍ର, ଡ୍ରୋନ ଆଦି ମାଡ଼ କରି ଇସ୍ରାଏଲର ଅଶେଷ କ୍ଷତି ଘଟାଇଛି। ଇରାନ ହାଇପରସୋନିକ କ୍ଷେପଣାସ୍ତ୍ର ଇସ୍ରାଏଲର ଆଇରନ ଡୋମକୁ ମାତ୍ ଦେଇଛି। ଭିତ୍ତିଭୂମିକୁ ଦୁର୍ବଳ କରିଦେଇଛି। ବିଭିନ୍ନ ସହରରେ ଧ୍ୱଂସଲୀଳା ରଚିଛି। ଏଥିରେ ଅନେକ ଲୋକଙ୍କ ଜୀବନ ଯାଇଛି।



କୂଟନୀତି ମାଧ୍ୟମରେ ବିବାଦର ସମାଧାନ ଦାବି କରୁଥିବା ଆମେରିକା ଗତ ରବିବାର ଇରାନରେ ବୋମା ମାଡ଼ କରି ସମସ୍ତଙ୍କୁ ଚମକାଇ ଦେଇଥିଲା। ଇରାନକୁ ଟ୍ରମ୍ପ ମଧ୍ୟପ୍ରାଚ୍ୟର ଗୁଣ୍ଡା ବୋଲି କହି ଶାନ୍ତି ପାଇଁ ଚାପ ପକାଇ ଥିଲେ। ଇରାନର ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା କହିଥିଲେ। କିନ୍ତୁ ଯୁଦ୍ଧ ସମାଧାନ ନୁହେଁ ବୋଲି ଆମେରିକା ଜାଣିଥିଲା। ଘରୋଇ ସମର୍ଥନ ମିଳୁଥିବା ପର୍ଯ୍ୟନ୍ତ ଇରାନ ଆଲୋଚନାର ମାର୍ଗକୁ ଫେରିବ ନାହିଁ ବୋଲି ଟ୍ରମ୍ପ ଜାଣିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ କାତାର ଏୟାରବେସରେ ଇରାନ ଆକ୍ରମଣ ପରେ ବି ଟ୍ରମ୍ପ ଚୁପ୍ ରହିଥିଲେ। ଆଗକୁ କାହାର କୌଣସି କ୍ଷତି ହେବନି ବୋଲି କହିଥିଲେ। ଆଗୁଆ ନୋଟିସ ଦେଇଥିବାରୁ ସେ ଇରାନକୁ ଧନ୍ୟବାଦ ଦେଇଥିଲେ। ଏହା ପରେ ଟ୍ରମ୍ପ ଶାନ୍ତି ଦୂତ ସାଜିଥିଲେ। ସଂଘର୍ଷରେ ଆମେରିକାର କୌଣସି କ୍ଷତି ହୋଇ ନ ଥିଲା। ୱାଶିଂଟନ ନିଜ କ୍ଷମତା ମଧ୍ୟ ପ୍ରଦର୍ଶନ କରିଥିଲା। ଶେଷରେ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠାର ଶ୍ରେୟ ନିଜକୁ ଦେବାକୁ ପଛାଇ ନ ଥିଲେ। ଏହା ଆମେରିକା ପାଇଁ ବିଜୟ ସ୍ଥିତି ଭଳି। ସେହିପରି ଇରାନରେ ଆକ୍ରମଣ କରି ୧୪ ପରମାଣୁ ବୈଜ୍ଞାନିକକୁ ହତ୍ୟା, ଏୟାର ଡିଫେନ୍ସ ସିଷ୍ଟମ, ପରମାଣୁ କେନ୍ଦ୍ର ଧ୍ୱଂସ ସହିତ ଅନେକ କ୍ଷୟକ୍ଷତି କରିଥିବା ଦାବି କରିଥିଲା। ଏହି ଯୁଦ୍ଧରେ ଆମେରିକାକୁ ସାମିଲ କରିବା ଇସ୍ରାଏଲର ବଡ଼ ସଫଳତା ଥିଲା। ଆମେରିକା ତେଲ ଆଭିଭକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଜଣାଇ ଦେଇଥିଲା। ଚଳିତ ବର୍ଷ ଦେଶରେ ନିର୍ବାଚନ ହେଉଥିବାରୁ ଏହା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଛବି ମଝବୁତ ହୋଇଥିଲା। ତେଣୁ ସେ ଅସ୍ତ୍ରବିରତିର ଶ୍ରେୟ ନେବାରେ ଲାଗିଛନ୍ତି। ଅନ୍ୟପଟେ ଇରାନ ନିଜର ତିନି

- **ତିନି ପରମାଣୁ ଠିକଣା ଧ୍ୱଂସ କରିଛୁ: ଆମେରିକା**
- **ସାମରିକ ଆଡ୍ଡା ଧ୍ୱଂସ କରିଦେଇଛୁ: ଇସ୍ରାଏଲ**
- **ଇସ୍ରାଏଲ ସହର ଛାରଖାର କରିଛୁ: ଇରାନ**

ଶହ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଇସ୍ରାଏଲ ଉପରେ ଆକ୍ରମଣ କରି ଯୁଦ୍ଧରେ ସାମିଲ ହୋଇଥିଲା। କିନ୍ତୁ ଯୁଦ୍ଧରେ ଆମେରିକା ସାମିଲ ହେବା ଇରାନ ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିଥିଲା। ନିଜର ପ୍ରତିଷ୍ଠା ବଞ୍ଚାଇବା ପାଇଁ ଇରାନ ଆମେରିକା ଏୟାରବେସ୍ ଉପରେ ଆକ୍ରମଣ କରିବାକୁ ବି ପଛାଇ ନ ଥିଲା। ବଙ୍କରରେ ଥାଇ ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମନେଇ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। କାତାର ମଧ୍ୟ ଇରାନର ଘନିଷ୍ଠ ସହଯୋଗୀ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏଲ ଉଦିଦ ଏୟାରବେସ ଉପରେ ଆକ୍ରମଣ ପୂର୍ବରୁ ଆମେରିକାକୁ ଇରାନ ଆଗୁଆ ସୂଚନା ପ୍ରଦାନ କରିଥିଲା। ଏହି ଆକ୍ରମଣ କରି ଇରାନ ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ଯୁଦ୍ଧରେ କୌଣସି ଆମେରିକୀୟ ନାଗରିକ ପ୍ରାଣ ହରାଇଥିଲେ ସ୍ଥିତି ଭୟଙ୍କର ହୋଇଥାନ୍ତା ବୋଲି ଇରାନ ଜାଣିଥିଲା। ତେଣୁ ସେ ଆଲୋଚନାର ରାସ୍ତାକୁ ଉନ୍ମୁକ୍ତ ରଖିଥିଲା। ଏହାପରେ ଆମେରିକା କିମ୍ବା ଇରାନ କେହି ଆକ୍ରମଣ କରି ନ ଥିଲେ। ଏହା ଦ୍ୱାରା ଇରାନ ନିଜ ଛବିକୁ ଦୃଢ଼ କରିଥିଲା।

## ଇରାନର ୪୦୦ କେଜି ୟୁରାନିୟମ ଗାଏବ

### ଆମେରିକା ଛାନିଆ; ପ୍ରସ୍ତୁତ କରିହେବ ୧୦ଟି ପରମାଣୁ ବୋମା

ୱାସିଂଟନ, ୨୪।୬ (ଏଜେନ୍ସି): ଇରାନ ତିନି ପରମାଣୁ ଠିକଣାକୁ ନିଶାଣ କରି ଆମେରିକା ୬ଟି ଶକ୍ତିଶାଳୀ ବଙ୍କର ବଷ୍ଟ ଏବଂ ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହି ଆକ୍ରମଣରେ ତିନୋଟି ଯାକ କ୍ଷେପଣାସ୍ତ୍ର କେନ୍ଦ୍ର ଫର୍ଦୋ, ଇସଫାହନ, ନତାଞ୍ଜ ଧ୍ୱଂସ ହୋଇଯାଇଛି ବୋଲି କୁହାଯାଇଥିଲା। ମାତ୍ର ଯେଉଁ ଉଦ୍ଦେଶ୍ୟ ରଖି ଆମେରିକା ଏହି ଆକ୍ରମଣ କରିଥିଲା ତାହା ଶତ ପ୍ରତଶତ ସଫଳ ହୋଇପାରି ନ ଥିଲା। କାରଣ ଆମେରିକାର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇରାନ ୪୦୦ କେଜି ୟୁରାନିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲା। ଏହାକୁ ନେଇ ଆମେରିକା ଛାନିଆ ହୋଇଯାଇଛି। ୧୦ଟି ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଏହି ୟୁରାନିୟମ ଯଥେଷ୍ଟ ବୋଲି ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି। ଏହି ୟୁରାନିୟମ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ପୁଣିଥରେ ଗତି ଦେବ ବୋଲି ଆମେରିକା ସନ୍ଦେହ କରୁଛି। ଇରାନ ପରମାଣୁ ଅସ୍ତ୍ର ହାସଲ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲା। ୟୁରାନିୟମର ୬୦ ପ୍ରତିଶତ ସୁଦ୍ଧତା ହାସଲ କରି ନେଇଥିଲା। କିନ୍ତୁ ୯୦ ପ୍ରତିଶତ ସୁଦ୍ଧତା ହାସଲ କରିବା ପରେ ଯାଇ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିହେବ। ଏହା ସହିତ ପରମାଣୁ ଚୁକ୍ତି ନେଇ ଆମେରିକା ଇରାନ ଉପରେ ଚାପ ପକାଇବାରେ ଲାଗିଛି। ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି।

ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଫର୍ଦୋ ପରମାଣୁ କେନ୍ଦ୍ର ବାହାରେ ୧୬ଟି ଟ୍ରକ୍ ଛିଡ଼ା ହୋଇଥିଲା। ଏହି ପରମାଣୁ କେନ୍ଦ୍ର ପାହାଡ କାଟି ନିର୍ମାଣ କରାଯାଇଛି। ତେଣୁ ଏହା କ୍ଷେପଣାସ୍ତ୍ର ଆକ୍ରମଣକୁ ବି ସହି ନେଉଥିଲା। ଏହାକୁ ଦେଖି ଆମେରିକାକୁ ବଙ୍କର ବଷ୍ଟର ପକାଇବା ପାଇଁ ଇସ୍ରାଏଲ ଅନୁରୋଧ କରିଥିଲା। ଏହା ପରେ ବି-୨ ବମ୍ବର୍ସ ମାଧ୍ୟମରେ ଆମେରିକା ଆକ୍ରମଣ କରିଥିଲା। ତେବେ ଏଠାରୁ ଇରାନ କେଉଁଠିକୁ ୟୁରାନିୟମ ସ୍ଥାନାନ୍ତର କଲା ବୋଲି ଜଣାପଡ଼ି ନାହିଁ। ପୂର୍ବରୁ ପରମାଣୁ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିବା ପାଇଁ ରୁଷ୍ ଇରାନକୁ କହିଥିଲା। କିନ୍ତୁ ଇସ୍‌ଫାହନ ରାଜଧାନୀ ନିକଟସ୍ଥ କୌଣସି ଭୂତଳ କେନ୍ଦ୍ରକୁ ଏହି ୟୁରାନିୟମ ନିଆଯାଇଛି ବୋଲି ଆମେରିକା ଏବଂ ଇସ୍ରାଏଲ ଆଶଙ୍କା କରୁଛନ୍ତି। ଇଣ୍ଟରନ୍ୟାସନାଲ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ)ର ଅଧ୍ୟକ୍ଷ କହିଛନ୍ତି ଯେ ଇସ୍ରାଏଲର ପ୍ରଥମ ଆକ୍ରମଣ ସମୟରେ ଏହି କେନ୍ଦ୍ର ଉପରେ ଲକ୍ଷ୍ୟ ରଖାଯାଇଥିଲା। ଖୁବଶୀଘ୍ର ଏହାର ଯାଞ୍ଚ ଆରମ୍ଭ କରାଯିବ। କିନ୍ତୁ ସେ ଚେତାବନୀ ଦେଇ କହିଛନ୍ତି ଯେ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରଖିବା ପାଇଁ ଖୁବଶୀଘ୍ର ଚର୍ଚ୍ଚା ଆରମ୍ଭ ହେବା ଉଚିତ। କିନ୍ତୁ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଥିରେ ବିଳମ୍ବ ହୋଇଚାଲିଛି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଇସ୍ରାଏଲ ଏବଂ ଆମେରିକା ଭିନ୍ନ ଭିନ୍ନ ଦାବି କରୁଛନ୍ତି। ଆକ୍ରମଣ ଦ୍ୱାରା ପରମାଣୁ କାର୍ଯ୍ୟକ୍ରମ ତିନି ବର୍ଷ ପଛୁଆ ହୋଇଯାଇଛି ବୋଲି ଇସ୍ରାଏଲ ଦାବି କରୁଥିବାବେଳେ ଠୁଳ ୟୁରାନିୟମରୁ କିଛି ସପ୍ତାହ ମଧ୍ୟରେ ତେହରାନ ପରମାଣୁ ଅସ୍ତ୍ର ନିର୍ମାଣ କରିପାରେ।

## ମଧ୍ୟପ୍ରାଚ୍ୟରୁ ୨, ୨୯୫ ଭାରତୀୟ ସ୍ୱଦେଶ ଫେରିଲେଣି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଇରାନ, ଇସ୍ରାଏଲ ଓ ଅନ୍ୟ ଦେଶଗୁଡିକରୁ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର ଅପରେସନ ସିନ୍ଧୁ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ଏହି ଅପରେସନ ମାଧ୍ୟମରେ ମୋଟ ଉପରେ ୨, ୨୯୫ ନାଗରିକଙ୍କୁ ଭାରତ ଅଣାଗଲାଣି। ମଙ୍ଗଳବାର ଭୋର ସମୟରେ ୨୯୨ ଜଣ ଭାରତୀୟଙ୍କୁ ଇରାନର ମସାଦ ସହରରୁ ଅଣାଯାଇଛି ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରନ୍ଧିର ଜୟସ୍ୱାଲ କହିଛନ୍ତି। ଆବଶ୍ୟକ ସମୟରେ ବିଶ୍ୱର ଯେକୌଣସି ସ୍ଥାନରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ସବୁ ବ୍ୟବସ୍ଥା କରିବାକୁ ଆମେ ବଦ୍ଧପରିକର ବୋଲି ଓ ଜୋର୍ଡାନ ଓ ଇଜିପ୍ଟ ଭଳି ଦେଶରୁ ମଧ୍ୟ ଭାରତୀୟଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି



ଭାରତୀୟ ବାୟୁ ସେନା ତରଫରୁ କୁହାଯାଇଛି। ମଙ୍ଗଳବାର ବାୟୁସେନାର ଅମାନ ଦେଇ ଇସ୍ରାଏଲରୁ ୩୨୬ ଜଣ ନଗରିକଙ୍କୁ ଭାରତ ଆଣିଛି। ଭାରତୀୟ ବାୟୁସେନାର ସି-୧୭ ବିମାନ ୧୬୫ଜଣ ଭାରତୀୟଙ୍କୁ ସକାଳେ ଇସ୍ରାଏଲରୁ ଆଣିଛି। ସେହିପରି ଆଉ ଏକ ପର୍ଯ୍ୟାୟରେ ୧୬୧ ଜଣ ଭାରତୀୟଙ୍କୁ ଇସ୍ରାଏଲ୍‌ରୁ ନୂଆଦିଲ୍ଲୀ ଅଣାଯାଇଛି। ଏମାନେ ସମସ୍ତେ ଇସ୍ରାଏଲରୁ ଅମାନ ବାଟ୍ ଦେଇ ଫେରିଛନ୍ତି। କେବଳ ଭାରତୀୟ ନୁହଁ ଶ୍ରୀଲଙ୍କା ନାଗରିକଙ୍କୁ ମଧ୍ୟ ଭାରତ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛି। ଉଲ୍ଲେଖଥାଉ କି, ୬ଟି ମଧ୍ୟପ୍ରାଚ୍ୟ ଦେଶରେ ୯୦ ଲକ୍ଷ ଭାରତୀୟ ରହୁଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ ସର୍ବାଧିକ ୩୫.୫ ଲକ୍ଷ, ସାଉଦି ଆରବରେ ୨୬ ଲକ୍ଷ, କୁଏତରେ ୧୧ ଲକ୍ଷ, କତାରରେ ୭.୪୫ ଲକ୍ଷ, ଓମାନରେ ୭.୭୯ ଲକ୍ଷ ଓ ବାହାରିନ୍‌ରେ ୨.୨୩ ଲକ୍ଷ ଭାରତୀୟ ବସବାସ କରୁଛନ୍ତି।

## ଇସ୍ରାଏଲ- ଇରାନ୍ ଯୁଦ୍ଧ ଯୋଗୁଁ ଦେଶରେ ୬୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାତିଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପଶ୍ଚିମ ଏସିଆରେ ଇସ୍ରାଏଲ- ଇରାନ ଯୁଦ୍ଧ କାରଣରୁ ଭାରତରେ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ମଧ୍ୟପ୍ରାଚ୍ୟରେ ସ୍ଥିତି ଉତ୍ତେଜନାମୂଳକ ହେବା କାରଣରୁ ଏୟାରସ୍ପେସ୍ ବନ୍ଦ କରାଯାଇଥିଲା। ଫଳରେ ଏପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଛି। କେବଳ ଦିଲ୍ଲୀ ବିମାନ ବନ୍ଦରରେ ୪୮ ଟି ଉଡାଣ ବାତିଲ ହୋଇଛି। ସେହିପରି ଜୟପୁର ଏୟାରପୋର୍ଟରେ ୬ଟି ଫ୍ଲାଇଟ୍ ବାତିଲ ହୋଇଛି। ଲକ୍ଷ୍ନୌ ଏୟାର ପୋର୍ଟରୁ ଅବୁଧାବି ଓ ସାରଝା ଯିବାକୁ ଥିବା ୨ଟି ବମାନର ଉଡାଣ ବାତିଲ ହୋଇଥିଲା। ସେହିପରି ଅହମଦାବାଦ ଆସିବାକୁ ଥିବା ୫ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଏଥିରେ ଲଣ୍ଡନ, ଆବୁଧାବି, ଦୁବାଇ, କୁଏତ୍ ଓ ଦୋହାରୁ ଆସିବାକୁ ଥିବା ବିମାନ ସାମିଲ ରହିଛି। ସେହିପରି ଅମୃତସରରୁ ଦୁବାଇ ଯିବାକୁ ଥିବା ଫ୍ଲାଇଟ୍ ଏସ୍‌ଜି-୫୫କୁ ମଧ୍ୟ ବାତିଲ କରିବାକୁ ହୋଇଥିଲା। ଇତିମଧ୍ୟରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ଫଳରେ ଧିରେ ଧିରେ ବିମାନ ଉଡାଣ ପୁଣିଥରେ ଆରମ୍ଭ ହୋଇଛି।

## ରାଜସ୍ଥାନ ଲଜ୍ଜା: ଉଦୟପୁରରେ ଫ୍ରାନ୍ସ ମହିଳା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ

ଉଦୟପୁର, ୨୪।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଫ୍ରେଞ୍ଚ୍ ମହିଳା ପର୍ଯ୍ୟଟକ ଏଠାରେ ଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୁକ୍ତଙ୍କ ସହ ଏକ ପାର୍ଟିରେ ସାକ୍ଷାତ ହୋଇଥିଲା ବୋଲି ଫ୍ରେଞ୍ଚ୍ ମହିଳା ଜଣକ କହିଛନ୍ତି। ଗୁରୁବାର ଏ ନେଇ ପୁଲିସ ସୂଚନା ଦେବା ସହ ଏଫଆଇଆର ତଥା ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗରିଫ କରିବାକୁ



ପୁଲିସ ଅଭିଯାନ ଆରମ୍ଭ କରିଛି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଜୁନ୍ ୨୨ରେ ଦିଲ୍ଲୀରୁ ମହିଳା ଜଣକ ଉଦୟପୁରରେ ପହଞ୍ଚିଥିଲେ ଓ ଅମ୍ବାମାତା ଅଞ୍ଚଳରେ ଏକ ହୋଟେଲରେ ରହିଥିଲେ। ସୋମବାର ଟାଇଗର ହିଲସ୍ଥିତ ଗ୍ରୀକ୍ ଫାର୍ମ କେଫ୍ ଆଣ୍ଡ ରେଷ୍ଟ୍ରୋ କେଫ୍‌ରେ ମହିଳା ଜଣକ ଏକ ପାର୍ଟିରେ ଯୋଗ ଦେଇଥିଲେ। ସେଠାରେ ଅଭିଯୁକ୍ତ ଶ୍ରୀକାନ୍ତଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦର୍ଶନୀୟ ସ୍ଥାନ ବୁଲାଇ ନେବାକୁ ଶ୍ରୀକାନ୍ତ ତାଙ୍କୁ କହିଥିଲା। ବୁଲିବା ଅବସରରେ ସେ ତାଙ୍କୁ ଏକ ଆପାର୍ଟମେଣ୍ଟକୁ ନେଇଥିଲା। ଆପାର୍ଟମେଣ୍ଟରେ ପସିବା ପରେ ଶ୍ରୀକାନ୍ତ ତାଙ୍କ ସହ ଅସଦାଚରଣ କରିଥିଲା। ବିରୋଧ କରିବା ସତ୍ତ୍ୱେ ଶ୍ରୀକାନ୍ତ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାପରେ ଅସୁସ୍ଥ ହୋଇ ପଡ଼ିଥିବାରୁ ମହିଳା ଜଣକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ସେ ବିପଦମୁକ୍ତ ଅଛନ୍ତି ବୋଲି କୁହାଯାଇଛି। ଫ୍ରେଞ୍ଚ ଦୂତାବାସକୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପୂର୍ବରୁ ମଧ୍ୟ ଏକାଧିକବାର ବିଦେଶୀ ମହିଳା ପର୍ଯ୍ୟଟକଙ୍କ ବିରୋଧରେ ଏହି ଅପରାଧ ଘଟିଛି।

## ନିଟ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଝିଅକୁ ବାଡ଼େଇ ମାରିଲା ବାପା

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମହାରାଷ୍ଟ୍ର ସଙ୍ଗଲି ଜିଲ୍ଲାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ) ମକ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଜଣେ ଝିଅକୁ ତା'ର ବାପା ବାଡେଇ ମାରିଛି। ଧୋଣ୍ଡିରାମ୍ ଭଗବାନ ବୋନସଲେ ନାମକ ଏହି ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ ଗିରଫ



କରିଛି। ଧୋଣ୍ଡିରାମ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରିନ୍‌ସିପାଲ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଏହି ଝିଅର ନାମ ସାଧନା। ସେ ନିଟ୍ ପାଇଁ ପ୍ରସ୍ତୁତି କରୁଥିଲା। ସାଧନାଙ୍କ ମା ପ୍ରୀତି ବୋନସଲେ ଧୋଣ୍ଡିରାମଙ୍କ ବିରୋଧରେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଧୋଣ୍ଡିରାମ ସାଧନାଙ୍କୁ ବାଡିରେ ପିଟିବା ଫଳରେ ସେ ଆହତ ହୋଇଥିଲା। ପରଦିନ ସକାଳେ ପ୍ରୀତି ଝିଅକୁ ମେଡିକାଲ ନେଇଥିଲେ। ସ୍ଥିତି ଆହୁରି ଖରାପ ହେବାରୁ ସାଧନାଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଅବସରରେ ସାଧନା ମୃତ୍ୟୁବରଣ କରିଥିଲା। ୧୦ମ ଶ୍ରେଣୀରେ ଝିଅ ୯୫ ପ୍ରତିଶତ ନମ୍ବର ରଖିଥିଲା। ସେ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିଲା। କିନ୍ତୁ ସେ ନିଟ୍ ପରୀକ୍ଷାରେ କମ୍ ନମ୍ବର ରଖିଥିଲା ବୋଲି ପ୍ରୀତି କହିଛନ୍ତି। ମାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲସି ଧୋଣ୍ଡିରାମଙ୍କ ବିରୋଧରେ ମାମଲା ରୁଜୁ କରିଛି। ତାଙ୍କୁ ଗରିଫ କରି ପୁଲିସ କୋର୍ଟ ଚାଲାଣ କରାଯାଇଛି।

### ପ୍ରେମିକକୁ ଫସାଇବା ପାଇଁ...

## ୧୨ ରାଜ୍ୟକୁ ବୋମା ଧମକ ଦେଇ ମହିଳା ଇଞ୍ଜିନିୟର ଗିରଫ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଏକପାଖିଆ ପ୍ରେମ କରୁଥିଲେ। କିନ୍ତୁ ଯୁବକ ତାଙ୍କୁ ପସନ୍ଦ କରୁ ନଥିଲେ। ଅନ୍ୟ ଜଣେ ଯୁବତୀଙ୍କୁ ସେ ବିବାହ କରି ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରେମିକର ଜୀବନକୁ ନଷ୍ଟ କରିଦେବାକୁ ଚାହୁଁଥିଲେ। ତାଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଥିଲେ। ସେଥିପାଇଁ ୧୨ ରାଜ୍ୟକୁ ଇମେଲ ପଠାଇ ୨୧ ଥର ବୋମା ଧମକ ଦେଇଥିଲେ। ଏବେ ଏହି ଯୁବତୀଙ୍କୁ ଚେନ୍ନଇରୁ ଗିରଫ କରାଯାଇଛି। ଅହମଦାବାଦ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ରୋବୋଟିକ୍ସ ଇଞ୍ଜିନିୟର ଥିବା ଏହି ଯୁବତୀଙ୍କ ନାମ ରେନି ଜୋସିଲ୍ଡା ବୋଲି ଜଣାପଡ଼ିଛି।

ରେନି ଡିଲୟେଟରେ ସିନିୟର କନସଲ୍‌ଟାଣ୍ଟ ଭାବେ କାମ କରୁଛନ୍ତି। ସେ ନିଜ ଅଫିସର ଜଣେ ଯୁବକଙ୍କୁ ଏକପାଖିଆ ଭାବେ ଭଲ ପାଉଥିଲେ। ତାଙ୍କୁ ଫସାଇବା ପାଇଁ ନିଜ ପରିଚୟ ଏବଂ ଠିକଣା ଲୁଚାଇ ଥିଲେ। ଜାଲ୍ ଇମେଲ ଆଇଡି, ଭର୍ଚୁଆଲ ପ୍ରାଇଭେଟ ନେଟୱାର୍କ (ଭିପିଏନ) ଏବଂ ଡାର୍କ ୱେବ ବ୍ୟବହାର କରି ଧମକ ଦେଇଥିଲେ। ସେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ, ଜୟପୁରର ଏମଏମଏସ ଷ୍ଟାଡିୟମ ଉଡାଇବାକୁ ଧମକ ଦେଇଥିଲେ।



ଏହା ବ୍ୟତୀତ ଅହମଦାବାଦ ବିମାନ ଦୁର୍ଘଟଣା ପରେ ଇମେଲ ପଠାଇ ନିଜକୁ ଦାୟୀ କରିଥିଲେ। ଆଜି ମଧ୍ୟ ଗୁଜରାଟ ହାଇକୋର୍ଟକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା। ଏଥିରେ ବି ରେନିଙ୍କ ନାମ ରହିଛି। ଏହା ପୂର୍ବ ନିର୍ଦ୍ଧାରିତ ଇ-ମେଲ ହୋଇପାରେ ବୋଲି ପୁଲିସ କହିଛି। ଅହମଦାବାଦ ଯୁଗ୍ମ ପୋଲିସ କମିଶନର (କ୍ରାଇମବ୍ରାଞ୍ଚ) ଶରଦ ସିଂଘଲ କହିଛନ୍ତି ଯେ ରେନି ତାଙ୍କ ସହଯୋଗୀ ଦିବିଜ ପ୍ରଭାକର ଏବଂ ପାକିସ୍ତାନ ୱେବ୍ ଭଳି ନାମ ବ୍ୟବହାର କରି ଧମକ ପଠାଇଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୨୦୦୯ - ପପ୍ ଗାୟକ ମାଇକେଲ୍ ଜ୍ୟାକସନ୍‌ଙ୍କ ଦେହାନ୍ତ।
- ୨୦୧୧- ପ୍ରଥମ ଥର ପାଇଁ ଅନ୍ତରାଷ୍ଟ୍ରୀୟ ନାବିକ ଦିବସ ପାଳନ କରାଗଲା।

# ଏହି କାରଣରୁ ଅଟକିଛି 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ



ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ ଅଚାନକ ଅଟକି ଯିବାରୁ ତାଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଫିଲ୍ମର କେତେଜଣ କଳାକାରଙ୍କୁ ସେମାନଙ୍କ ପାରିଶ୍ରମିକ ନ ମିଳିବାରୁ ଫିଲ୍ମ ସୁଟିଂ ବନ୍ଦ ହୋଇଯାଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ସୁଟିଂ ଅଟକି ରହିବାର ପ୍ରକୃତ କାରଣ ସାମ୍ନାକୁ ଆସିଛି। ଏହାର ସମ୍ପର୍କ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ରହିଛି। ଫିଲ୍ମର ସୁଟିଂ କାଶ୍ମୀରରେ ହେବାର ଥିଲା। ସୁଟିଂରେ ହେଲିକପ୍ଟର, ୨୫୦ଟି ଘୋଡ଼ା, ୧୨୦୦ ଜୁନିୟର କଳାକାର ସାମିଲ ହେବାର ଥିଲା। ଏବେ ସୁରକ୍ଷା କାରଣରୁ ପହଲଗାମ ସୁଟିଂକୁ ସ୍ଥଗିତ ରଖାଯାଇଛି। ବର୍ଷାଦିନ ସରିଲେ ଏହାର ସୁଟିଂ ଅନ୍ୟସ୍ଥାନରେ କରାଯିବ ବୋଲି ଖବର ଆସିଛି। ଏନେଇ 'ୱେଲକମ୍ ଟୁ ଦ ଜଙ୍ଗଲ' ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, 'ଫିଲ୍ମର ୭୦% ସୁଟିଂ ସରିଛି। ୩୦% କାଶ୍ମୀରରେ ସୁଟ୍ ହେବାର ଥିଲା। କିନ୍ତୁ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସୁଟିଂକୁ ଟାଳି ଦିଆଯାଇଛି। ବର୍ଷା ଦିନ ପରେ ନୂଆ ଲୋକେସନ୍‌ରେ ସୁଟ୍ କରାଯିବ।' ଅହମ୍ମଦ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ ସୁନୀଲ ସେଟ୍ଟୀ, ପରେଶ ରାୱଲ, ଅନୀଲ କପୁର, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରବିନା ଟଣ୍ଡନ ପ୍ରମୁଖ ନଜର ଆସିବେ।

## ମହିଳାଙ୍କ ଅଜବ ସଉକ

# ୪୨ କୋଟିର ଘର ପାଲଟିଲା ଅଳିଆଗଦା



ସାଧାରଣତଃ ଲୋକେ ଘରକୁ ପରିଷ୍କାର ରଖିବାକୁ ଚାହାନ୍ତି। ଏଥିପାଇଁ ଘରକୁ ନିୟମିତ ରୂପେ ଝାଡୁପୋଛା କରି ସ୍ୱଚ୍ଛ ରଖିଥାନ୍ତି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ ଘରେ ଅଳିଆ ଜମା କରିବାକୁ ପସନ୍ଦ କରନ୍ତି। ସେମିତି ଜଣେ ମହିଳା ହେଲେ ଚେଙ୍ଗ୍। ୬୦ ବର୍ଷୀୟା ଏହି ବୃଦ୍ଧାଙ୍କର ଏଭଳି ଖରାପ ଅଭ୍ୟାସ ଯୋଗୁ ପଡ଼ୋଶୀମାନେ ମଧ୍ୟ ନାକେଦମ୍ ହୋଇଗଲେଣି। ଚେଙ୍ଗ୍‌ଙ୍କ ଫ୍ଲାଟ୍‌ର ମୂଲ୍ୟ ୪୨ କୋଟି ଟଙ୍କାରୁ ଅଧିକ ହେଲେ ହେଁ ସେ ଏହାକୁ ଅଳିଆଗଦା କରି ରଖିଛନ୍ତି। ଦୀର୍ଘ ବର୍ଷ ହେଲାଣି ସେ ଘରେ ଅଳିଆ ଗଦେଇ ରଖିଛନ୍ତି। ତାଙ୍କ ଫ୍ଲାଟ୍ ୧୬ ମହଲାରେ ଥିବାବେଳେ ଏହି ମହଲାଟି ଚେଙ୍ଗ୍‌ଙ୍କ ଯୋଗୁଁ ଦୁର୍ଗନ୍ଧମୟ ହୋଇଯାଇଛି। ତାଙ୍କର ଏହି ଅଭ୍ୟାସ ଯୋଗୁ ପଡ଼ୋଶୀ ଫ୍ଲାଟ୍ ଛାଡ଼ି ଯିବାକୁ ମଧ୍ୟ ସ୍ଥିର କରିଥିଲେ। ସେ ବୋତଲ, ପ୍ଲାଷ୍ଟିକ୍ ବ୍ୟାଗ୍‌ଠୁ ଆରମ୍ଭ କରି ବଳକା ଖାଦ୍ୟ ପର୍ଯ୍ୟନ୍ତ ସବୁକୁ ଘରେ ସାଇତି ରଖନ୍ତି। ଚେଙ୍ଗ୍ ଇଟାଲୀରୁ ଆଣିଥିବା ୨୩ ଲକ୍ଷ ଟଙ୍କାର ସୋଫା ଏବେ ଅଳିଆଗଦା ପାଲଟିଛି। ଚେଙ୍ଗ୍‌ଙ୍କ ପଡ଼ୋଶୀମାନଙ୍କ କହିବାନୁଯାୟୀ, ତାଙ୍କ ଘର ବାହାରେ ମାଛି, ମଶା, ବିଛା, ଅସରପା ସାଙ୍ଗକୁ ମଲା ମୂଷା ପଡ଼ିଥିବାର ଅନେକ ସମୟରେ ଦେଖିବାକୁ ମିଳିଥାଏ। ଚେଙ୍ଗ୍‌କୁ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଏପରି ସମସ୍ୟା କର ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ସେ କିନ୍ତୁ କାହାରି କଥା ଶୁଣି ନ ଥିଲେ। ବାରମ୍ବାର ଅଭିଯୋଗ ପରେ ଅଧିକାରୀମାନେ ଚେଙ୍ଗ୍‌ଙ୍କ ଝିଅ ସହିତ କଥା ହୋଇଥିଲେ। ପ୍ରଥମେ ସେ ନିଜ ମାଆଙ୍କୁ ବୁଝାଇବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏହି ମାମଲାରେ ପଡ଼ିବେନି ବୋଲି କହିଥିଲେ। ଏହାପରେ ଅଧିକାରୀ ଚେଙ୍ଗ୍‌ଙ୍କ ସ୍ୱାମୀଙ୍କୁ ଯୋଗାଯୋଗ କରିଥିଲେ। ସେ ତାଙ୍କୁ ମାନସିକ ରୋଗୀ ବୋଲି କହିଥିଲେ। ସେ ଖୁବ୍‌ଶୀଘ୍ର ଚେଙ୍ଗ୍‌ଙ୍କ ଚିକିତ୍ସା କରାଇବେ ବୋଲି କହିଛନ୍ତି। ସେହିପରି ଚେଙ୍ଗ୍‌ଙ୍କ ଶୌଚାଳୟ, ବାଥ୍‌ଟବ, ବେଡ୍‌ରୁମ୍ ଏପରିକି ହଲ୍ ମଧ୍ୟ ଅଳିଆରେ ପୂର୍ଣ୍ଣ ହୋଇଛି। କିନ୍ତୁ ସେ ଏହି ଅଳିଆ ଗଦା କରି ନଥିବା ଚେଙ୍ଗ୍ କହିଛନ୍ତି। ପଡ଼ୋଶୀମାନେ ତାଙ୍କୁ ପାଗଳ ସାବ୍ୟସ୍ତ କରିବା ପାଇଁ ତାଙ୍କ ଘରେ ଏପରି ଅଳିଆ ଆବର୍ଜନା ଜମା କରିଥିବା ଚେଙ୍ଗ୍ କୁହନ୍ତି।

## ରେସ୍ତୋରାଁର ଅଜବ ନିୟମ

### ଅତିଥି କମ୍ ହେଲେ ଜରିମାନା

ଅନେକ ହୋଟେଲ ଓ ରେସ୍ତୋରାଁ ସେମାନଙ୍କ ଅଜବ ନିୟମ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଯାହା ଶୁଣିବାକୁ ବେଶ୍ ଅସ୍ୱାଭାବିକ ଲାଗିଥାଏ। ଏହି କ୍ରମରେ ଏକ ଫ୍ରେଞ୍ଚ୍ ରେସ୍ତୋରାଁର ଅଜବ ନିୟମ ଭାଇରାଲ ହୋଇଛି। ନିୟମ ଅନୁଯାୟୀ, ରେସ୍ତୋରାଁ ମଧ୍ୟକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଅତିଥିଙ୍କଠାରୁ କମ୍ କିମ୍ବା ଅଧିକ ଆସିଲେ ଏଥିପାଇଁ ଜରିମାନା ଦେବାକୁ ପଡ଼ିବ ବୋଲି ଲେଖାଯାଇଛି। ଅମ୍ବୋଇଜରେ ଥିବା ଲିଲାଟ ନାମକ ରେସ୍ତୋରାଁର ସେଫ୍ ଏବଂ ମ୍ୟାନେଜର ଓଲିଭିୟା ଭିସେଣ୍ଟ ଦୀର୍ଘଦିନ ଧରି ଏକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କ ରେସ୍ତୋରାଁରେ ମୋଟ ୨୦ ଟି ସିଟ୍ ରହିଛି। ଲୋକେ ପାର୍ଟି ଆୟୋଜନ କରିବାର ଥିଲେ ୨୦ ଟି ସିଟ୍ ବୁକ୍ କରିଥାନ୍ତି। କିନ୍ତୁ ଅନେକ ସମୟରେ ଲୋକମାନେ କମ୍ ଆସନ୍ତି। ଫଳରେ ରେସ୍ତୋରାଁକୁ କ୍ଷତି ସହିବାକୁ ପଡୁଥିଲା। ସେହିପରି ବୁକିଂ ସିଟ୍‌ରୁ ଅଧିକ ଲୋକ ହେଲେ ମଧ୍ୟ ରେସ୍ତୋରାଁକୁ ଏଥିପାଇଁ ସମସ୍ୟା ହେଉଥିଲା। ତେବେ ମ୍ୟାନେଜରଙ୍କୁ ପ୍ରତି ସପ୍ତାହରେ ଏଭଳି ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ଏଥିପାଇଁ ତାଙ୍କୁ ବ୍ୟବସାୟରେ ଅଧିକ କ୍ଷତି ସହିବାକୁ ପଡୁଥିଲା। ତେଣୁ ସେ ଫେସବୁକ୍‌ରେ ଏକ ପୋଷ୍ଟ ସେୟାର କରିଥିଲେ। ନିୟମ ଅନୁଯାୟୀ, ରେସ୍ତୋରାଁ ରିସେପସନରେ ପଞ୍ଜୀକୃତ ହୋଇଥିବା ସଂଖ୍ୟାରୁ କମ୍ କିମ୍ବା ଅଧିକ ଲୋକେ ଆସିଲେ ଏଥିପାଇଁ ଜଣକ ବାବଦରେ ଭାରତୀୟ ମୁଦ୍ରାରେ ୧୪୦୦ ଟଙ୍କା ନିଆଯିବ। ତେବେ ରେସ୍ତୋରାଁର ଏହି ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କିଛି ଜଣ ମ୍ୟାନେଜରଙ୍କ ଏଭଳି ନିଷ୍ପତ୍ତିକୁ ସମର୍ଥନ କଲାବେଳେ ଆଉ କିଛି ଜଣ ସମାଲୋଚନା କରିଛନ୍ତି।



# ସମ୍ଭାବନା



## ଫ୍ରିଲାନ୍ସିଂ ଟିପ୍ସ



**ଫ୍ରିଲାନ୍ସିଂରେ କ୍ୟାରିୟର କରିବାର ଅନେକ ବିକଳ୍ପ ଅଛି। ଏଥିରେ ସ୍ୱାଧୀନ ଭାବେ କାମ କରାଯାଏ। ଫ୍ରିଲାନ୍ସିଂ ମାଧ୍ୟମରେ ଚାକିରି ସହିତ ଅତିରିକ୍ତ ଆୟ କରିବା ସମ୍ଭବପର। ତେବେ ଫ୍ରିଲାନ୍ସିଂ କରିବା ପୂର୍ବରୁ କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବା ଦରକାର, ସେ ସମ୍ପର୍କରେ ଜାଣିବା।**

- ଯେଉଁ କ୍ଷେତ୍ରରେ ରୁଚି ଅଛି ତାହାକୁ ପ୍ରଥମେ ଜାଣନ୍ତୁ।
- ରୁଚି ଥିବା କାମରେ ଫ୍ରିଲାନ୍ସିଂ କରିବା ଭଲ।
- ଅନଲାଇନ୍ ମାଧ୍ୟମରେ କିଛି କାମ ଶିଖି, ଫ୍ରିଲାନ୍ସିଂ କରିପାରିବେ।
- ଫ୍ରିଲାନ୍ସିଂ ଯେଉଁ କ୍ଷେତ୍ରରେ କରିବାକୁ ଚାହୁଁଛନ୍ତି, ତା'ସହିତ ଜଡ଼ିତ ୱେବ୍‌ସାଇଟ୍‌ରେ ଆକାଉଣ୍ଟ ତିଆରି କରନ୍ତୁ। ଏହା ଦ୍ୱାରା କାମ ଖୋଜିବା ସହଜ ହୁଏ।
- ଫ୍ରିଲାନ୍ସିଂ କରିବା ପୂର୍ବରୁ ମାର୍କେଟ୍ ରିସର୍ଚ୍ଚ କରିବା ଜରୁରି।
- ଫ୍ରିଲାନ୍ସିଂରେ କାମ କରିବାକୁ ହେଲେ ତାହାକୁ ସମୟ ମଧ୍ୟରେ ପୂରା କରିବାକୁ ହୋଇଥାଏ।

## ଆତ୍ମସମୀକ୍ଷାରୁ ଆତ୍ମବିଶ୍ୱାସ ବୃଦ୍ଧି

ସମସ୍ତଙ୍କୁ ଶୋଇବା ପୂର୍ବରୁ ରାତିରେ କିଛି ସମୟ ଆତ୍ମସମୀକ୍ଷା କରିବା ନିହାତି ଦରକାର। ଏହାଦ୍ୱାରା ନିଜକୁ ବୁଝିବା ସହଜ ହୁଏ। ଆତ୍ମସମୀକ୍ଷାର ଅର୍ଥ ହେଉଛି, ନିଜ ଅଭ୍ୟାସ, ନିଷ୍ପତ୍ତି, ବିଚାରଧାରାକୁ ବୁଝିବା। ଏପରିକି ଏହା ଦ୍ୱାରା ନିଜେ କରିଥିବା କୌଣସି ଭୁଲ୍‌କୁ ସୁଧାରିବା ସହଜ ହୁଏ। ତେବେ ଆତ୍ମସମୀକ୍ଷା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହା ଦ୍ୱାରା କ୍ରୋଧକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। କେବଳ ସେତିକି ନୁହେଁ, ଚାପ ଏବଂ ଚିନ୍ତାକୁ ସହଜରେ ନିୟନ୍ତ୍ରଣ କରି ହୁଏ। ଆତ୍ମସମୀକ୍ଷା ଦ୍ୱାରା ନିର୍ଣ୍ଣୟ ନେବା କ୍ଷମତା ମଜଭୁତ ହୁଏ। ଏହା ଦ୍ୱାରା କିଛି ନୂଆ ଶିଖିବାର କୌଶଳ ନିଜ ଭିତରେ ବୃଦ୍ଧି ପାଏ। ଅନ୍ୟପଟେ ଆତ୍ମସମୀକ୍ଷା କରିବାର ସବୁଠୁ ଉତ୍ତମ ଉପାୟ ହେଉଛି ନିଜକୁ ନିଜେ ପ୍ରଶ୍ନ କରିବା। ଏଇ ଯେମିତି ଦିନକ ଭିତରେ କେଉଁ କଥା ସମସ୍ୟାରେ ପକାଇଛି, କ'ଣ ନୂଆ ଶିଖିବାକୁ ମିଳିଲା ଭଳି ଆଉ କିଛି ପ୍ରଶ୍ନ ନିଜକୁ ପଚରା ଯାଇପାରିବ।



# ୱାର୍କେସନ୍

## ବୁଲାବୁଲି ସହିତ କାମ



**ଅଫିସ୍ କାମ ଓ ବୁଲାବୁଲି ଏକକାଳୀନ କରିବାକୁ 'ୱାର୍କେସନ୍' କୁହାଯାଉଛି। ଏହାଦ୍ୱାରା ଅଫିସ୍‌ରେ ଛୁଟି ନ ମିଳିଲେ ବି ଜଣେ ଆଖପାଖ ସ୍ଥାନକୁ ବୁଲିବାକୁ ଯାଇ ସେଠାରେ ବସି କାମ କରିପାରିବେ। କରୋନାରେ ଘରୁ କାମ କରିବା ପରମ୍ପରା ଆରମ୍ଭ ହେବା ପରେ ହିଁ କାମ କରିବାର ଏହି ନୂଆ ଉପାୟ ଲୋକପ୍ରିୟତା ସାଉଁଟୁଛି।**

- 'ୱାର୍କ' ଏବଂ 'ଭାକେସନ୍' ଶବ୍ଦରୁ 'ୱାର୍କେସନ୍' ହୋଇଛି। ଛୁଟି ସହିତ କାମ କରିବା ଧାରାକୁ ଏହା ବୁଝାଏ। ଏହା ଦ୍ୱାରା କାମ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ। କେବଳ ସେତିକି ନୁହେଁ, ଏହା ମାଧ୍ୟମରେ ଜଣେ ବ୍ୟକ୍ତି କାମକୁ ଉପଭୋଗ କରି ଖୁସିର ସହିତ କାମ କରିଥାନ୍ତି। ୱାର୍କେସନ୍ ଅସ୍ଥାୟୀ ହୋଇଥାଏ। କାରଣ କିଛି ସମୟ ପରେ କର୍ମଚାରୀ ପୁଣି କାର୍ଯ୍ୟାଳୟରୁ ନିଜ କାମ କରନ୍ତି। ତେବେ ଯେଉଁ କମ୍ପାନି ସ୍ଥାୟୀ ଭାବେ କର୍ମଚାରୀଙ୍କୁ ଘରୁ କାମ କରିବାର ସୁବିଧା ଦିଏ, ସେମାନଙ୍କ ପାଇଁ ୱାର୍କେସନ୍ ହେଉଛି ଏକ ସୁନ୍ଦର ବିକଳ୍ପ। ତେଣୁ କର୍ମଚାରୀ ଏବଂ କମ୍ପାନି ମଧ୍ୟରେ ୱାର୍କେସନ୍‌କୁ ନେଇ ଏକ ଉତ୍ତମ ବୁଝାମଣା ହେବା ଦରକାର।
- ତେବେ ୱାର୍କେସନର ପ୍ରଧାନ ଉପକରଣ ହେଉଛି ଲାପଟପ୍। ଲାପଟପ୍ ଥିଲେ କେଉଁଠୁ ବି କାମ କରିବା ସହଜ। ୱାର୍କେସନ୍ ମାଧ୍ୟମରେ କର୍ମଚାରୀ ସ୍ଥାୟୀ ଭାବେ ଯାତ୍ରା କରି ନ ଥାନ୍ତି। ୱାର୍କେସନ୍ ସମୟରେ କର୍ମଚାରୀ କିଛି ସପ୍ତାହ ପାଇଁ ଅନ୍ୟ ସ୍ଥାନକୁ ଯାଇ ସେଠାରେ ରହନ୍ତି। ଏହାର ଲୋକପ୍ରିୟତା ବି ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ କର୍ମଚାରୀ ନିଜ ଚାକିରିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିପାରିବେ।
- ୱାର୍କେସନ୍ ବିଭିନ୍ନ ଦୃଷ୍ଟିରୁ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରେ। ଏହା ସେମାନଙ୍କ କାମ ଚାପକୁ କମ୍ କରିଥାଏ। ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି ପାଏ। ବେଳେ ବେଳେ ଏହା କର୍ମଚାରୀଙ୍କୁ ସମସ୍ୟାରେ ମଧ୍ୟ ପକାଇପାରେ। କିଛି କାମ ଠିକ୍ ସ୍ଥାନରେ ଠିକ୍ ସମୟରେ କରିବାକୁ ହୋଇଥାଏ, ଯାହାକି ୱାର୍କେସନ୍ ଦ୍ୱାରା ସମ୍ଭବ ହୋଇ ନ ଥାଏ। ଅନ୍ୟପକ୍ଷରେ ମଲଟିଟାସ୍କିଂ ବା ଏକକାଳୀନ ଅନେକ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହାକୁ ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

# ଇନଷ୍ଟାଗ୍ରାମ୍‌ର 'ରିପୋଷ୍ଟ ଫିଚର୍'

ଫଟୋ ଏବଂ ଭିଡିଓ ସେୟାରିଂ ପ୍ଲାଟ୍‌ଫର୍ମ ହେଉଛି ଇନଷ୍ଟାଗ୍ରାମ। ବିଭିନ୍ନ ସମୟରେ ବ୍ୟବହାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ଏଥିରେ ନୂଆ ନୂଆ ଫିଚର୍ ସାମ୍ନାକୁ ଆସେ। ତେବେ ଏବେ କମ୍ପାନି ଆଉ ଏକ ନୂଆ ଫିଚର୍ ଉପରେ କାମ କରୁଛି। ଯାହାର ନାଁ 'ରିପୋଷ୍ଟ ଫିଚର୍'। ଏହାଦ୍ୱାରା ବ୍ୟବହାରକାରୀ ଅନ୍ୟର ପୋଷ୍ଟ ଏବଂ ରିଲ୍ସକୁ ସିଧାସଳଖ ନିଜ ପ୍ରାଇମେରି ଫିଡ୍‌ରେ ସେୟାର୍ କରିପାରିବେ। ଇନଷ୍ଟାଗ୍ରାମ୍‌ରେ ଏବେ ସୁଦ୍ଧା ଅନ୍ୟ କାହାର ପୋଷ୍ଟକୁ ସେୟାର୍ କରିବା ଲାଗି ବ୍ୟବହାରକାରୀଙ୍କୁ ଭିନ୍ନ ଭିନ୍ନ ଉପାୟର ସାହାରା ନେବାକୁ ପଡୁଥିଲା। ଏଇ ଯେମିତି ସ୍କ୍ରିନ୍ ସଟ୍ ଦ୍ୱାରା ସେୟାର୍ କରିବା, ଥାର୍ଡ ପାର୍ଟି ଆପ୍ ବ୍ୟବହାର କରିବା ନଚେତ୍ ପୋଷ୍ଟକୁ ନିଜ ଷ୍ଟୋରିରେ ସେୟାର୍ କରିବା। ଅବଶ୍ୟ ଏହି ରିପୋଷ୍ଟ ଫିଚର୍ ଦ୍ୱାରା ଏବେ ଏସବୁ କିଛି ବ୍ୟବହାରକାରୀଙ୍କୁ କରିବାକୁ ପଡ଼ିବ ନାହିଁ।

ନୂଆ ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ନିଜ ପୋଷ୍ଟ ସହ ଅନ୍ୟର ରିଲ୍ସ ଆଦିକୁ ପୁଣି ଥରେ ସେୟାର୍ କରିପାରିବେ। ସେହିପରି କୌଣସି ପୋଷ୍ଟକୁ ରିପୋଷ୍ଟ କଲେ, ପ୍ରୋଫାଇଲରେ ଏକ ଅଲଗା 'ରିପୋଷ୍ଟ' ଦେଖାଇବ। ଅନ୍ୟପକ୍ଷରେ ଏହି ଫିଚର୍ ଉପରେ ପରୀକ୍ଷା ଚାଲିଛି। ଖୁବ୍‌ଶୀଘ୍ର ଏହା ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ।



### ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟରେ ବର୍ଷା ବାଧକ

# ଡକେଟଙ୍କ ଶତକ, କ୍ରାଉଲୀଙ୍କ ଅର୍ଦ୍ଧଶତକ

ଲିଡ୍ସ, ୨୪।୬ (ଏଜେନ୍ସି)

ଓପନର ବେନ୍ ଡକେଟଙ୍କ ଶତକ ଓ ଜ୍ୟାକ୍ କ୍ରାଉଲୀଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଭାରତ ପ୍ରଦତ୍ତ ୩୭୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦ୍ୱିତୀୟ ଇନିଂସରେ ବର୍ଷା ଯୋଗୁ ଖେଳ ବନ୍ଦ ରହିଲାବେଳେକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୬୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋ ରୁଟ୍ ୧୪ ଓ ବେନ୍ ଷ୍ଟୋକ୍ସ ୧୩ ରନ୍‌ରେ ବ୍ୟାଟିଂ କରିବା ସହ ଘରୋଇ ଦଳକୁ ବିଜୟର ନିକଟତର କରାଇଛନ୍ତି। ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ କ୍ରାଉଲୀ ୬୫ ରନ୍ କରି ଆଉଟ ହେବା ପୂର୍ବରୁ ଡକେଟଙ୍କ ସହ ପ୍ରଥମ ୱିକେଟରେ ୧୮୮ ରନ୍ ସଂଗ୍ରହ କରିଥିଲେ। ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ହାସଲ କରିଥିବା ଡକେଟ ୧୪୯ ରନ୍‌ରେ ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ନଂ-୩ ଓଲି ପୋପ୍ ୮, ହ୍ୟାରୀ ବ୍ରୁକ୍ ଶୂନ୍ ରନ୍‌ରେ ଆଉଟ ହୋଇ ଫେଲ୍ ମାରିଥିଲେ। ଭାରତ ପକ୍ଷରୁ ମିଡିୟମ୍ ପେସ୍‌ର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଆଜି ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ହୋଇଥିଲାବେଳେ ଏବେ ଉଭୟ ଦଳ ବିଜୟ ଲାଗି ସଂଘର୍ଷ କରୁଛନ୍ତି। ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲା ବେଳକୁ ବାକିଥିବା ୩୭.୩ ଓଭରରେ ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ଆଉ ମାତ୍ର ୧୦୨ ରନ୍ ଆବଶ୍ୟକ ହେଉଛି। ଏହି ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ୮ ଦିନ ପରେ ଖେଳାଯିବ। ବର୍ମିଂହାମ୍‌ର ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ଏହି ମ୍ୟାଚ୍‌ର ପଞ୍ଚମ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ବିନା ୱିକେଟରେ ୨୧ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଖେଳର ପ୍ରଥମ ଏକ ଘଣ୍ଟାରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କୁ ମୁକାବିଲା କରିବାରେ ଇଂଲଣ୍ଡ ଓପନର କଷ୍ଟ ସ୍ୱୀକାର କରିଥିଲେ ମଧ୍ୟ ୱିକେଟ ଦେଇ ନ ଥିଲେ। ଏହି ଏକ ଘଣ୍ଟା ପରେ ଭାରତର ବୋଲିଂ ଦୁର୍ବଳ ହୋଇଯାଇଥିଲା ଓ ଇଂଲଣ୍ଡ ବ୍ୟାଟର ମନ ଇଚ୍ଛା ଏବଂ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ପ୍ରଥମ ଦିନ ଲଞ୍ଚ ସୁଦ୍ଧା ଇଂଲଣ୍ଡ କୌଣସି ୱିକେଟ ନ ହରାଇ ୧୦୮ ରନ୍ କରିଥିଲା। ଲଞ୍ଚ ପରେ ବର୍ଷା ଆଶଙ୍କା କରି ଇଂଲଣ୍ଡ ଦଳ ଦ୍ରୁତ ଗତିରେ ରନ୍ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ୪୩ତମ ଓଭରରେ କ୍ରାଉଲୀ ଓ ୪୫ତମ ଓଭରରେ ଓଲି ପୋପ୍‌ଙ୍କ ୱିକେଟ ହରାଇଥିଲା। ଉଭୟ ଖେଳାଳିଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ କରିଥିଲେ। ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳୁଥିବା କ୍ରାଉଲୀ ୧୨୬ ବଲ୍‌ର ସାମ୍ନା କରି ୭ ଚୌକା ସହ ୬୫ ରନ୍ କରିଥିଲେ। ଅନ୍ୟପକ୍ଷରେ ସହଜରେ ଖେଳୁଥିବା ବେନ୍ ଡକେଟ ୯୭ ରନ୍ କରିଥିଲାବେଳେ ଏକ ଜୀବନଦାନ ପାଇଥିଲେ। ଆଜି ସବୁଠାରୁ ସୁନ୍ଦର ବୋଲିଂ କରୁଥିବା ମହମ୍ମଦ୍ ସିରାଜଙ୍କ ବୋଲିଂରେ ଡିପ୍ ବ୍ୟାକ୍‌ୱାର୍ଡ ଏରିଆରେ ଯଶସ୍ୱୀ ଜୟସ୍ୱାଲ ତାଙ୍କ କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଏହାକୁ ବାଦ୍ ଦେଲେ ଦୁଇ ଓପନର ଆଉଟ ହେବା ପୂର୍ବରୁ ଆଉ କିଛି ସୁଯୋଗ ଦେଇ ନ ଥିଲେ। ଏହି ସମୟରେ ବର୍ଷା ଯୋଗୁ କିଛି ସମୟ ଖେଳ ବନ୍ଦ ରହିଥିଲା। ବର୍ଷା ପରେ ୫୫ତମ ଓଭରରେ ଶାର୍ଦ୍ଦୁଳ ଠାକୁରଙ୍କ ବୋଲିଂରେ ଡକେଟ ବଦଳ ଖେଳାଳି ନୀତୀଶ ରେଡ୍ଡୀଙ୍କ ହାତରେ ଧରାପଡ଼ି ପଡ଼ିଆରୁ ବିଦା ହୋଇଥିଲେ। ସେ ଆକ୍ରମଣାତ୍ମକ ବ୍ୟାଟିଂ କରି ୧୭୦ ବଲ୍‌ରୁ ୨୧ ଚୌକା ଓ ୧ ଛକା ସହ ୧୪୯ ରନ୍‌ରେ ଆଉଟ ହୋଇଥିଲେ। ସୁଇପ୍ ସଟ୍‌ରୁ ସେ କେବଳ ୩୨ ରନ୍ ଉଠାଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ଭାରତର ସମ୍ମାନ ରଖିଥିଲେ।

## ତୃତୀୟଥର କଳାପଟି ବାନ୍ଧିଲେ ଖେଳାଳି

ଲିଡ୍ସ,୨୪।୬ (ଏଜେନ୍ସି): ସ୍ଥାନୀୟ ଲିଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆଜି ଶେଷ ହୋଇଥିବା ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ମଙ୍ଗଳବାର କଳାପଟି ବାନ୍ଧି ଖେଳିଥିଲେ। ଏହା କାରଣ ଥିଲା ଗତକାଲି ରାତିରେ ଭାରତୀୟ କ୍ରିକେଟର ଦିଲୀପ ଦୋଶୀଙ୍କ ବିୟୋଗ।

ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ଏହି ମ୍ୟାଚ୍‌ର ୫ମ ଦିନରେ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହା ପୂର୍ବରୁ ତୃତୀୟ ଦିନ ଇଂଲଣ୍ଡର କ୍ରିକେଟର ଡାନ ଲରେନ୍ସଙ୍କ ପରଲୋକ ଯୋଗୁଁ ମଧ୍ୟ ଉଭୟ ଦଳର ଖେଳାଳିମାନେ କଳାପଟି ବାନ୍ଧିଥିଲେ। ଟେଷ୍ଟ ଆରମ୍ଭର ପ୍ରଥମ ଦିନ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହା ଫଳରେ ଗୋଟିଏ ଟେଷ୍ଟରେ ଖେଳାଳିମାନଙ୍କୁ ୩ ଥର କଳାପଟି ବାନ୍ଧି ଖେଳିବାକୁ ପଡ଼ିଥିଲା।

## ରଷଭ ପନ୍ତ୍ ଦଣ୍ଡିତ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ୱିକେଟ ରକ୍ଷକ ରଷଭ ପନ୍ତ୍ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇଛନ୍ତି। ଦଣ୍ଡସ୍ୱରୂପ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି ଓ ଏଭଳି କାମ ଆଉଥରେ ନ କରିବାକୁ ଚେତାବନୀ ଦିଆଯାଇଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଇଂଲଣ୍ଡ ପ୍ରଥମ ଇନିଂସର ୬୧ତମ ଓଭର ବେଳେ ବଲର ଆକାର ଖରାପ ହୋଇଥିବା ନେଇ ପନ୍ତ୍ ଫିଲ୍ଡ ଅମ୍ପାୟାର ପଲ ରିଫେଲଙ୍କୁ ଦେଖାଇଥିଲେ। ଏହି ବଲ୍‌କୁ ବଦଳାଇବା ଲାଗି ମଧ୍ୟ ଦାବି କରିଥିଲେ। କିନ୍ତୁ ରିଫେଲ ଏହି ଦାବିର ପରୀକ୍ଷା କରିବା ପରେ ବଲର ଆକାରରେ କୌଣସି ଅସୁବିଧା ନାହିଁ ବୋଲି କହିବା ସହ ବଲ ବଦଳାଇବାକୁ ମନା କରିଦେଇଥିଲେ। ଏହା ଫଳରେ ପନ୍ତ୍ ନିରାଶ ହେବା ସହ ବଲ୍‌କୁ ପଡ଼ିଆରେ ଫିଙ୍ଗିଦେଇଥିଲେ। ତାଙ୍କର ଏଭଳି ଆଚରଣ ଆଇସିସି ଆଚରଣ ସଂହିତାର ଧାରା ୨.୮ ଅନୁଯାୟୀ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯାଇଛି। ଗତ ୨୪ ମାସ ମଧ୍ୟରେ ପନ୍ତ୍‌ଙ୍କର ଏହା ପ୍ରଥମ ଅପରାଧ ହୋଇଥିବାରୁ ଡିମେରିଟ୍ ପଏଣ୍ଟ ସହ ଚେତାବନି ଦିଆଯାଇ ଛାଡିଦିଆଯାଇଛି। ପନ୍ତ୍ ଏହି ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ଭାରତର ୭ମ ବ୍ୟାଟର ଓ ପ୍ରଥମ ୱିକେଟ ରକ୍ଷକ।



## ୪ଟି କ୍ୟାଚ୍ ଡ୍ରପ୍ କଲେ ଜୟସ୍ୱାଲ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର କ୍ଷେତ୍ରରକ୍ଷଣ ସବୁଠାରୁ ଦୁର୍ବଳ ହୋଇଥିଲା। ଏଥିରେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବାକୁ ମିଳିଥିବା ସୁଯୋଗ ମଧ୍ୟରୁ ଭାରତୀୟ ଫିଲ୍ଡରମାନେ ଅଧା ଡଜନେରୁ ଅଧିକ କ୍ୟାଚ୍ ଡ୍ରପ୍ କରିଥିଲେ। ଏହା ମଧ୍ୟରୁ କେବଳ ଓପନର ଯଶସ୍ୱୀ ଜୟସ୍ୱାଲ ୪ଟି କ୍ୟାଚ୍ ଡ୍ରପ କରି ଜଣେ ଭାରତୀୟ ଭାବେ ଗୋଟିଏ ଟେଷ୍ଟରେ ସର୍ବାଧିକ କ୍ୟାଚ୍ ଛାଡିବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସରେ ସେ ୩ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଏ ସବୁ କ୍ୟାଚ୍ ବୁମ୍‌ରାଙ୍କ ବୋଲିଂରୁ ମିଳିଥିଲା। ପ୍ରଥମ ଇନିଂସରେ ବୁମ୍‌ରାଙ୍କ ବୋଲିଂରେ ରଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜା ମଧ୍ୟ ଗୋଟିଏ ଲେଖାଏଁ କ୍ୟାଚ୍ ଡ୍ରପ୍ କରିଥିଲେ। ଏହାର ଫଳ ଭାରତକୁ ଭୋଗିବାକୁ ପଡ଼ିଛି। ଏହି ମ୍ୟାଚ୍‌ର ମଙ୍ଗଳବାର ଖେଳ ଶେଷ ଦିନରେ ପ୍ରତିପକ୍ଷ ଓପନର ବେନ୍ ଡକେଟ ୯୭ ରନ୍ କରିଥିଲାବେଳେ ଡିପ୍ ବ୍ୟାକ୍‌ୱାର୍ଡରେ ଦେଇଥିବା କ୍ୟାଚ୍‌କୁ ଜୟସ୍ୱାଲ ଧରି ପାରି ନ ଥିଲେ। ଫଳରେ ବୋଲର ମହମ୍ମଦ୍ ସିରାଜ ଓ ଭାରତୀୟ ଟିମ୍ ନିରାଶ ହୋଇଥିଲେ। ଏହି କ୍ୟାଚ୍ ଡ୍ରପ ଯୋଗୁଁ ପ୍ରଥମ ଟେଷ୍ଟ ଭାରତ ନିକଟରୁ ହାତଛଡ଼ା ହୋଇଯାଇଥିଲା।



## ରିଙ୍କୁ-ପ୍ରିୟାଙ୍କ ବିବାହ ଫେବୃଆରୀକୁ ଘୁଞ୍ଚିଲା



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଭାରତୀୟ ଯୁବ କ୍ରିକେଟର୍ ରିଙ୍କୁ ସିଂ ଓ ସାଂସଦ ପ୍ରିୟା ସରୋଜଙ୍କ ମଧ୍ୟରେ ଚର୍ଚ୍ଚିତ ବିବାହ ନଭେମ୍ବର ୧୯ରେ ବାରଣାସୀରେ ହେବାର କାର୍ଯ୍ୟସୂଚୀ ରହିଥିଲା। ତେବେ ସଦ୍ୟ ରିପୋର୍ଟ ମୁତାବକ, ଏହି ବିବାହକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତାବର୍ଷ ଫେବୃଆରୀରେ ବିବାହ ଲାଗି ନୂଆ ସମୟ ଧାର୍ଯ୍ୟ ହୋଇଛି। କିନ୍ତୁ ତାରିଖ ଧାର୍ଯ୍ୟ ହୋଇ ନ ଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ନଭେମ୍ବରରେ ରିଙ୍କୁଙ୍କ ଘରୋଇ କ୍ରିକେଟ୍‌ର ବ୍ୟସ୍ତ କାର୍ଯ୍ୟସୂଚୀକୁ ନଜରରେ ରଖି ବିବାହକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଲକ୍ଷ୍ନୌରେ ଏକ ଜାକଜମକ ଉତ୍ସବରେ ରିଙ୍କୁ ଓ ପ୍ରିୟାଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ପ୍ରିୟା ସମାଜବାଦୀ ପାର୍ଟିର ସାଂସଦ ଥିବାରୁ ଏହା ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ଅଭିନେତ୍ରୀ ଜୟା ବଚ୍ଚନ, ଭାରତୀୟ କ୍ରିକେଟର୍ ଭୁବନେଶ୍ୱର କୁମାରଙ୍କ ସମେତ ଏକାଧିକ ସେଲିବ୍ରିଟ ଏହି ନିର୍ବନ୍ଧରେ ଉପସ୍ଥିତ ରହିଥିଲେ।

## କାଉଣ୍ଟି ପଦାର୍ପଣରେ ତିଲକ ବର୍ମାଙ୍କ ଶତକ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଭାରତୀୟ ସୀମିତ ଓଭର କ୍ରିକେଟ ବିଶେଷଜ୍ଞ ତିଲକ ବର୍ମା ବିଶ୍ୱର ଖ୍ୟାତନାମା କାଉଣ୍ଟି କ୍ରିକେଟର ପଦାର୍ପଣରେ ଶତକ ହାସଲ କରିଛନ୍ତି। ହାଇଦରାବାଦର ଏହି ଖେଳାଳି କାଉଣ୍ଟି ଚାମ୍ପିଅନସିପ୍‌ରେ ଇସେକ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ଇସେକ୍ସ ବିପକ୍ଷରେ ଶତକ ହାସଲ କରିଛନ୍ତି। ଚେମ୍ସଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସେ ୨୩୯ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ଶତକୀୟ ପାଳିରେ ୧୧ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହା ସହ ସେ ଲିଆମ ଡାଓ୍ୱସନଙ୍କ ସହ ମିଶି ୫ମ ୱିକେଟ ଭାଗୀଦାରିରେ ୧୩୩ ରନ୍ ଉଠାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତିଲକଙ୍କ ଷଷ୍ଠ ଶତକ। ଏହା ପୂର୍ବରୁ ସେ ହାଇଦରାବାଦ୍ ପକ୍ଷରୁ ରଣଜୀ ଟ୍ରଫିରେ ୩ଟି, ଭାରତ-ଏ’ ପକ୍ଷରୁ ଖେଳି ନ୍ୟୁଜିଲାଣ୍ଡ ଓ ଦକ୍ଷିଣାଞ୍ଚଳ ପକ୍ଷରୁ ଦୁଲୀପ ଟ୍ରଫି ଖେଳି ଗୋଟିଏ ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତ ପକ୍ଷରୁ ୪ଟି ଦିନିକିଆ ଓ ୨୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ତିଲକ ଏବେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଖେଳୁଛନ୍ତି।



## କ୍ଲବ୍ ବିଶ୍ୱକପ୍: ପ୍ରି-କ୍ୱାର୍ଟରରେ ଇଣ୍ଟର ମିଆମି

ସିନ୍‌ସିନାଟି, ୨୪।୬ (ଏଜେନ୍ସି): ଲିଓନେଲ ମେସୀ ଓ କାର୍ଲୋସ ସୁଆରେଜ୍ ଗୋଲ ସ୍କୋର କରିବାରେ ବିଫଳ ହେବା ଫଳରେ ଏଠାରେ ମଙ୍ଗଳବାର ସକାଳେ ଅନୁଷ୍ଠିତ ଗ୍ରୁପ୍-ଏ’ ମ୍ୟାଚ୍‌ରେ ଇଣ୍ଟର ମିଆମି ୨-୨ ଗୋଲରେ ପାଲମେଇରାସ ସହ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗ୍ରୁପ୍-ଏ’ର ପ୍ରଥମ ସ୍ଥାନରେ ରହିଥିବା ପାଲମେଇରାସ ପ୍ରି-କ୍ୱାର୍ଟରରେ ନିଜ ଦେଶ ବ୍ରାଜିଲ୍‌ର ବୋଟାଫୋଗୋ ସହ ଖେଳିବେ। ସେହିପରି ଅନ୍ୟଏକ ମୁକାବିଲାରେ ପ୍ୟାରିସ ସେଣ୍ଟ ଜର୍ମେନ ସହ ମେସୀଙ୍କ ଇଣ୍ଟର ମିଆମି କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା କରିବ। ଆମେରିକାର ଏକମାତ୍ର କ୍ଲବ୍ ଭାବେ ଇଣ୍ଟର ମିଆମି ଫିଫା କ୍ଲବ୍ ବିଶ୍ୱକପ୍ ନକ୍‌ଆଉଟରେ ପ୍ରବେଶ କରିଛି।

## ସାତ୍ତ୍ୱିକ, ପ୍ରଣତୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୬ (ସମିସ): ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ପ୍ରଣତୀ ନାୟକ ଓ ୯ ବର୍ଷରୁ କମ୍ ୩୮ତମ ଜାତୀୟ ଚେସ୍‌ରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର କ୍ରୀଡ଼ା ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାଂସ୍ୟ ପଦକ ବିଜୟିନୀ ପ୍ରଣତୀଙ୍କୁ ୭୫ ହଜାର ଟଙ୍କା ଓ ସାତ୍ତ୍ୱିକଙ୍କୁ ୩୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ୧୦ ପଏଣ୍ଟ ରଖି ସାତ୍ତ୍ୱିକ ଐତିହାସିକ ଟ୍ରଫି ଜିତିଥିଲେ। ପ୍ରଥମଥର ଲାଗି ଓଡ଼ିଶାର ଜଣେ ଚେସ୍ ଖେଳାଳି ଏହି ବୟସବର୍ଗରେ ଜାତୀୟ ଚାମ୍ପିଅନ ହୋଇଥିଲେ। ସେହିଭଳି ପ୍ରଣତୀ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକରେ ଭଲ୍ଟ ଇଭେଣ୍ଟରେ ୩ୟ ସ୍ଥାନରେ ରହି ପଦକ ଜିତିଥିଲେ। ମଙ୍ଗଳବାର ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ବିଜୟାନନ୍ଦ ନାୟକ ଓ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦିଲୀପ ଦୋଶୀଙ୍କ ବିୟୋଗ

ଲଣ୍ଡନ, ୨୪।୬ (ଏଜେନ୍ସି): ଇଂଲଣ୍ଡ ମାଟିରେ ଭାରତ ପ୍ରଥମ ଟେଷ୍ଟ ଖେଳୁଥିବାବେଳେ ୪ର୍ଥ ଦିବସରେ ଏକ ଦୁଃଖଦ ଖବର ଆସିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଦିଲୀପ ଦୋଶୀଙ୍କ ସୋମବାର ହୃଦଘାତରେ ଲଣ୍ଡନରେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ଦିଲୀପଙ୍କୁ ୭୭ ବର୍ଷ ବୟସ ହୋଇଥିଲା ଏବଂ ସେ ଦୀର୍ଘ ବର୍ଷ ହେବ ଲଣ୍ଡନରେ ରହିଆସୁଥିଲେ। ବାମହାତୀ ସ୍ପିନ ବୋଲର ଦିଲୀପ ୧୯୭୯ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଭାରତ ପକ୍ଷରୁ ୩୩ ଟେଷ୍ଟ ଓ ୧୫ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ଟେଷ୍ଟରେ ତାଙ୍କ ନାମରେ ୧୧୪ ଓ ଏକଦିବସୀୟରେ ୨୨ ୱିକେଟ୍ ଲିପିବଦ୍ଧ ରହିଛି। ୧୯୭୯ରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସିଥିବାବେଳେ ସେ ଚେନ୍ନଇ ଟେଷ୍ଟ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ଏହି ମ୍ୟାଚର ପ୍ରଥମ ପାଳିରେ ସେ ଅଷ୍ଟ୍ରେଲିଆର ୬ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ରାଜକୋଟରେ ଜନ୍ମିତ ଦୋଶୀ ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ଓ ବେଙ୍ଗଲ ପକ୍ଷରୁ ଏବଂ କାଉଣ୍ଟି କ୍ରିକେଟ୍‌ରେ ନଟିଂହାମଶାୟର ଓ ୱର୍କଶାୟର ପାଇଁ ପ୍ରତିନିଧିତ୍ୱ କରି ୨୩୮ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ମୋଟ୍ ୮୯୮ଟି ୱିକେଟ୍ ହାସଲ କରିଥିଲେ। ଯେଉଁଥିରେ ୬ଥର ୧୦ ୱିକେଟ୍ ଓ ୪୩ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି।

## ସ୍ରିଷ୍ଟି ଜିତିଲେ କାଂସ୍ୟ

ଭୁବନେଶ୍ୱର, ୨୪।୬ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ତୃତୀୟ ଦିବସରେ ଓଡ଼ିଶାର ସ୍ରିଷ୍ଟି ଉପାଧ୍ୟାୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସ୍ରିଷ୍ଟି ୨ ମିନିଟ୍ ୨୩.୧୧ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନ ହାସଲ କରିଥିଲେ। ଚାମ୍ପିଅନସିପ୍‌ରେ ସ୍ରିଷ୍ଟିଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ପ୍ରଥମ ଦିବସରେ ୧୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅପରପକ୍ଷରେ ତୃତୀୟ ଦିବସରେ ୩ଟି ନୂଆ ଜାତୀୟ ରେକର୍ଡ ଦେଖିବାକୁ ମିଳିଛି।

## ମାଷ୍ଟର୍ସ କପ୍ ହକି: ସେମିରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୪।୬ (ସମିସ): ଚେନ୍ନଇରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପହଞ୍ଚିଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୧୦-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ସରିତା ଲାକ୍ରା ୫ ଓ ରୋଶନ ସରିତା ମିଞ୍ଜ ୩ଟି ଗୋଲ୍ ଦେଇଥିଲେ। ସେହିଭଳି ଅନ୍ୟ ୩ଟି କ୍ୱାର୍ଟରରେ ପଞ୍ଜାବ, ହରିୟାଣା ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ସେମିଫାଇନାଲରେ ଓଡ଼ିଶାର ମୁକାବିଲା ତାମିଲନାଡୁ ସହ ହେବ। ଅପରପକ୍ଷରେ ପୁରୁଷ ବିଭାଗରେ ବୁଧବାର ଦୁଇଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।




## ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଓଡ଼ିଆଙ୍କ ଚମକ

ଭୁବନେଶ୍ୱର, ୨୪।୬ (ସମିସ)

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଶେଷ ହୋଇଥିବା ଜାତୀୟ ଜୁନିଅର ଫେଡେରେସନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍(୨୦ ବର୍ଷରୁ କମ୍)ର ୨୩ତମ ସଂସ୍କରଣରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରତିଯୋଗିତାର ଶେଷ ଦିବସରେ ମଙ୍ଗଳବାର ଓଡ଼ିଶାକୁ ୨ଟି ପଦକ ମିଳିଛି। ଓମକାର ପ୍ରସାଦ ନନ୍ଦ ପୁରୁଷ ସଟ୍‌ପୁଟ୍‌ରେ ରୌପ୍ୟ ଓ ମହିଳା ହାମର ଥ୍ରୋରେ ଅଙ୍କିତା ମହାପାତ୍ର କାଂସ୍ୟ ପଦକ ଜିତିଛନ୍ତି। ଓମକାର ୧୮.୪୬ ମିଟର ଦୂରକୁ ଫିଙ୍ଗି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଉତ୍ତରପ୍ରଦେଶର ଅନୁରାଗ ସିଂ ୧୮.୯୯ ମିଟର ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିଭଳି ମହିଳା ହାମର ଥ୍ରୋ’ରେ ଅଙ୍କିତା ୪୭.୪୦ ମିଟର ଦୂରତା ହାସଲ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ପୂର୍ବରୁ ସୋମବାର ଓଡ଼ିଶାର ଧାବକ ଅସତିକ ପ୍ରଧାନ ୪୦୦ ମିଟର ରେସରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ଅସତିକ ୪୬.୫୮ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ଓମକାର, ଅସତିକ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।







### ଏସିଆନ୍ ସ୍କ୍ୱାଶ ଚାମ୍ପିଅନସିପ୍

## ଭାରତର ଦୁଇ ପଦକ ନିଶ୍ଚିତ

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): ମାଲେସିଆରେ ଚାଲିଥିବା ଦ୍ୱିତୀୟ ଏସିଆନ ଡବଲ୍ ସ୍କ୍ୱାଶ ଚାମ୍ପିଅନସିପ୍‌ରେ ଭାରତ ଦୁଇ ପଦକ ନିଶ୍ଚିତ କରିଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ପଦକ ପାଇବା ନିଶ୍ଚିତ ହୋଇଛି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ଅଭୟ ସିଂ ଓ ଭେଲାଭାନ ସେନ୍ଥିଲକୁମାରଙ୍କୁ ନେଇ ଭାରତୀୟ ଯୋଡ଼ି ୧୦-୧୧, ୧୧-୩, ୧୧-୫ରେ କୋରିଆ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ହଂକଂର ଟି ହିମ୍ ୱଙ୍ଗ୍ ଓ ମିଙ୍ଗ୍ ହଙ୍ଗ୍ ଟାଙ୍ଗ୍ ଯୋଡ଼ିଙ୍କୁ ଭେଟିବେ। ସେହିଭଳି ମହିଳା ଡବଲ୍ସରେ ଜୋସ୍ନା ଚିନ୍ନାପ୍ପା ଓ ଅନହାତ ସିଂ ମାତ୍ର ୧୨ ମିନିଟ୍‌ରେ ୧୧-୬, ୧୧-୩ରେ ଫିଲିପାଇନ୍ସ ଯୋଡ଼ିଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିଫାଇନାଲରେ ପ୍ରବେଶ କରିଥିବାରୁ ପରାସ୍ତ ହେଲେ ମଧ୍ୟ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS